# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୨/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, February 12/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 80 | ମୂଲ୍ୟ ₹୭/-



AI IMPACT SUMMIT भारत 2026 INDIA

सर्वजन हिताय | सर्वजन सुखाय

WELFARE FOR ALL | HAPPINESS OF ALL

ଫେବୃଆରୀ ୧୬-୨୦, ୨୦୨୬ । ନୂଆଦିଲ୍ଲୀ, ଭାରତ

ସମାବେଶୀ, ଦାୟିତ୍ୱବାନ୍ ଓ ପୋଷଣୀୟ ଏଆଇ ଅଭିମୁଖୀ ମାର୍ଗର ପ୍ରସ୍ତୁତି

ପ୍ରମୁଖ କାର୍ଯ୍ୟକ୍ରମମାନ

ଗ୍ଲୋବାଲ ଇମ୍ପାକ୍ଟ ଚ୍ୟାଲେଞ୍ଜେସ୍ ୱାଇୟୁଭିଏଆଇ । ଏଆଇ ବାଏ ହର୍ । ଏଆଇ ଫର୍ ଅଲ୍ | ଏଆଇ ପିଚ୍ ଫେଷ୍ଟ | ରିସର୍ଚ୍ଚ ସିମ୍ପୋଜିୟମ୍ | ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ | ଇଣ୍ଡିଆ ଏଆଇ ଟିଙ୍କରପ୍ରେନ୍ୟୋର

କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ ରେ

CBC 06124/13/0007/2526




ଘୁମୁସର ଉନ୍ନୟନ ମଞ୍ଚ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଚାଲିଥିବା ଘୁମୁସର ଉତ୍ସବ ଅବସରରେ କଳା କୌଶଳ ପ୍ରଦର୍ଶନ କରାଯାଉଛି। (ଫଟୋ– ବିକାଶ ନାୟକ)

# 'ବନ୍ଦେ ମାତରମ୍'ର ୬ ପଂକ୍ତି ବୋଲାଯିବା ଜରୁରୀ

## ଜାତୀୟ ଗୀତ ଗାନ ନେଇ ଗାଇଡ୍‌ଲାଇନ ଜାରିକଲା କେନ୍ଦ୍ର

**୧୯୩୭ରେ 'ବନ୍ଦେ ମାତରମ୍'ରୁ କଂଗ୍ରେସ ହଟାଇଦେଇଥିବା ୪ ପୁରୁଣା ପଂକ୍ତିକୁ କେନ୍ଦ୍ର ସରକାର ଜାତୀୟ ଗୀତକୁ ଫେରାଇ ଆଣିଛନ୍ତି। ଏଣିକି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ମୂଳ ୬ ପଂକ୍ତିକୁ ଦେଶରେ ବୋଲାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି। ତଦନୁଯାୟୀ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏବଂ ସ୍କୁଲ କାର୍ଯ୍ୟ ଆରମ୍ଭରେ ଜାତୀୟ ଗୀତ ବୋଲାଯିବ। ତେବେ ନୂତନ ଗାଇନ୍‌ଲାଇନ୍ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କଂଗ୍ରେସ ନେତାମାନେ ଏହାକୁ ସରକାରଙ୍କ 'ପ୍ରକୃତ ପ୍ରସଙ୍ଗରୁ ଧ୍ୟାନ ହଟାଇବା' ପାଇଁ ଉଦ୍ଦିଷ୍ଟ ଏକ ରଣନୀତି ବୋଲି ସମାଲୋଚନା କରିଛନ୍ତି। ବିରୋଧୀ ଦଳ ବାଣିଜ୍ୟ ଚୁକ୍ତି ଏବଂ ବେରୋଜଗାରି ପ୍ରସଙ୍ଗରେ ଯେତେବେଳେ ବି ସରକାରଙ୍କୁ ଘେରୁଛନ୍ତି, କେନ୍ଦ୍ର ଜାତୀୟତାବାଦର ଆଶ୍ରୟ ନେଇ ବିତର୍କକୁ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରୁଛି ବୋଲି ସେମାନେ କହିଛନ୍ତି।**

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

ଜାନୁଆରୀ ୨୮ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି, ଯେତେବେଳେ ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତ ବୋଲାଯିବ, ପ୍ରଥମେ ଉକ୍ତ ୬ ପଂକ୍ତିକୁ ଆବୃତ୍ତି କରାଯିବ। ପ୍ରୋଟୋକଲ ଅନୁସାରେ ରାଷ୍ଟ୍ରପତି ପହଞ୍ଚିବା ପରେ, ତ୍ରିରଙ୍ଗା ପତାକା ଉତ୍ତୋଳନ ଓ ରାଜ୍ୟପାଳଙ୍କ ଭାଷଣ ଓ ଅନ୍ୟ ସରକାରୀ କାର୍ଯ୍ୟକ୍ରମ ବେଳେ ୩ ମିନିଟ୍ ୧୦ ସେକେଣ୍ଡରେ ୬ ପଂକ୍ତି ଗାନ କରାଯିବ। ଯେତେବେଳେ ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯାଉଛି ବା ଶୁଣାଯାଉଛି, ପ୍ରଥମେ ଜାତୀୟ ଗୀତ ଗାନ କରିବା ବା ଶୁଣାଯିବା ବାଧ୍ୟତାମୂଳକ। ଯେଉଁ ସଭାରେ ଜାତୀୟ ଗୀତ ବୋଲାଯିବ ଉପସ୍ଥିତ ଥିବା ଅତିଥି, ଦର୍ଶକ ସମସ୍ତେ ତାକୁ ସମ୍ମାନ ଜଣାଇ ଛିଡ଼ାହେବେ।

### ୧୯୩୭ରେ କଂଗ୍ରେସ ହଟାଇଥିଲା ୪ ପଂକ୍ତି

ତେବେ ନ୍ୟୁଜ୍ କିମ୍ବା ଡକ୍ୟୁମେଣ୍ଟାରି (ବୃତ୍ତଚିତ୍ର) ପ୍ରଦର୍ଶନ ବେଳେ ଜାତୀୟ ଗୀତ ଆସିଲେ କିମ୍ବା ଫିଲ୍ମ ମଝିରେ ପ୍ରଦର୍ଶିତ ହେଉଥିଲେ ଦର୍ଶକମାନଙ୍କ ପାଇଁ ଛିଡ଼ାହେବାକୁ ବାଧ୍ୟତାମୂଳକ କରାଯାଇ ନାହିଁ। କାରଣ ଦର୍ଶକମାନେ ଛିଡ଼ାହେବା ଦ୍ୱାରା ଜାତୀୟ ଗୀତକୁ ସମ୍ମାନ ମିଳିବା ପରିବର୍ତ୍ତେ ଫିଲ୍ମ କିମ୍ବା ଡକ୍ୟୁମେଣ୍ଟାରି ପ୍ରଦର୍ଶନରେ ତାହା ବାଧା ବା ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ।

କେନ୍ଦ୍ର ସରକାର 'ବନ୍ଦେ ମାତରମ୍'ର ୧୫୦ତମ ପୂର୍ତ୍ତି ପାଳନ କରୁଥିବାବେଳେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅର୍ଡର ଅନୁସାରେ ଜାତୀୟ ଗୀତର ଆନୁଷ୍ଠାନିକ ସଂସ୍କରଣ ଗାନ ବେଳେ ସର୍ବସାଧାରଣ ଶୁଣିବା ଭଳି ପର୍ଯ୍ୟାପ୍ତ ବ୍ୟବସ୍ଥା ରହିବା ଉଚିତ। ☞ପୃଷ୍ଠା–୪

# ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଖାତାର ହେବ ଅନ୍-ସ୍କ୍ରିନ୍ ମାର୍କିଂ

**ଭୁବନେଶ୍ୱର, ୧୧।୨ (ସୁଚିସ୍ମିତା ସାହୁ)**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ପକ୍ଷରୁ ୨୦୨୬-୨୭ ଦ୍ୱାଦଶ ବୋର୍ଡ ପରୀକ୍ଷା ଉତ୍ତରଖାତାର ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା କରାଯିବ। ନୂତନ ପ୍ରଣାଳୀ ଦ୍ୱାରା ମୂଲ୍ୟାଙ୍କନ ପ୍ରକ୍ରିୟାରେ ସ୍ୱଚ୍ଛତା, ସଠିକତା ଏବଂ କ୍ଷମତା ବୃଦ୍ଧି ପାଇବ। ବୋର୍ଡର ସୂଚନାନୁସାରେ, ଏହି ଉତ୍ତର ଖାତାଗୁଡ଼ିକ ସ୍କାନ୍ କରି ଡିଜିଟାଲ

### ଦଶମ ଖାତା ପୂର୍ବପରି ହାତରେ ମୂଲ୍ୟାଙ୍କନ ହେବ

ଭାବେ ପରୀକ୍ଷକମାନେ କମ୍ପ୍ୟୁଟର ମାଧ୍ୟମରେ ମୂଲ୍ୟାଙ୍କନ କରିବେ। ଏହାଦ୍ୱାରା ଶିକ୍ଷକମାନଙ୍କୁ ଆଉ ହାତରେ ଖାତା ଦେଖିବାକୁ ପଡ଼ିବ ନାହିଁ। ଅନ୍‌ଲାଇନ୍‌ରେ ଖାତା ଦେଖିବା ଦ୍ୱାରା ଅଧିକ ସ୍ୱଚ୍ଛତା ଆସିବ। ଖାତା ଦେଖିବା ପାଇଁ ଅଧିକ ସଂଖ୍ୟାର ଶିକ୍ଷକଙ୍କ ଆବଶ୍ୟକ ପଡ଼ିବ ନାହିଁ। ରେଜଲ୍ଟ ପ୍ରକାଶ ପରେ ମାର୍କ ଯାଞ୍ଚ ପ୍ରକ୍ରିୟାର ଆବଶ୍ୟକ ପଡ଼ିବ ନାହିଁ।

ସେହିପରି ଦଶମ ବୋର୍ଡ ପରୀକ୍ଷାର ଉତ୍ତର ଖାତା ପୂର୍ବପରି ହାତରେ ମୂଲ୍ୟାଙ୍କନ କରାଯିବ। ବିଦ୍ୟାଳୟ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ସିବିଏସ୍‌ଇର ଅଧିକୃତ ୱେବ୍‌ସାଇଟ୍‌ରୁ ଏ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ ବୋଲି ☞ପୃଷ୍ଠା–୪

# ୧୦ ହଜାର ଟଙ୍କାର ଫାଇନ୍ କମାଇବାକୁ ବିଚାର ଚାଲିଛି: ମନ୍ତ୍ରୀ

**ଭୁବନେଶ୍ୱର, ୧୧।୨ (ସୁନିତ୍ ମିଶ୍ର)**

ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ୍ (ପିୟୁସିସି) କରାଇବାକୁ ନେଇ ବେଶ୍ କିଛିଦିନ ହେବ ରାଜ୍ୟରେ ଲୋକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏକାବେଳେ ପିୟୁସିସି ନ ଥିଲେ ୧୦ ହଜାର ଟଙ୍କାର ଜରିମାନା ଲାଗିବା ପରେ ଲୋକମାନେ ଏକ ପ୍ରକାର ଭୟଭୀତ ହୋଇ ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଟେଷ୍ଟିଂ ସେଣ୍ଟର ଧାଇଁଲେ। ଏହାପରେ କୁହାଗଲା ଯେଉଁମାନଙ୍କ ଜରିମାନା ଲାଗିଛି ସେମାନଙ୍କର ଜରିମାନା ପୈଠ ନ ହେବା ଯାଏ ପିୟୁସିସି ହୋଇପାରିବ ନାହିଁ। ପୁଣିଥରେ ରାଜ୍ୟବ୍ୟାପୀ ଲୋକମାନଙ୍କ ଭିତରେ ଅସନ୍ତୋଷ ଦେଖିବା ପରେ ଜରିମାନା ଥିଲେ ମଧ୍ୟ ପିୟୁସିସି ହୋଇପାରିବ ବୋଲି କୁହାଗଲା। ଏହାର କିଛିଦିନ ପରେ ହାଇକୋର୍ଟ ପୁଣି ଏକ ରାୟ ଶୁଣାଇଛନ୍ତି ଜରିମାନା ପୈଠ ନ କରିବା ପର୍ଯ୍ୟନ୍ତ ପିୟୁସିସି ମିଳିବ ନାହିଁ। ଏହାକୁ ନେଇ ଲୋକମାନଙ୍କ ଭିତରେ ପୁଣି ଥରେ ଅସନ୍ତୋଷ ବଢ଼ିବାରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଶାକାହାର ସିଦ୍ଧାନ୍ତ

# ନାବାଳିକା ପ୍ରେମିକା, ଭିଣୋଇ ମିଶି ଯୁବକଙ୍କୁ ମାରିଦେଲେ

**ଭଣ୍ଡାରିପୋଖରୀ, ୧୧।୨ (ରାଜେନ୍ଦ୍ର ଶତପଥୀ)**

### ରେଳଧାରଣା ନିକଟରୁ ଯୁବକଙ୍କ ମୃତଦେହ ମିଳିବା ଘଟଣା

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡ଼ି ରେଳଧାରଣା ପାର୍ଶ୍ୱରୁ ଗତ ୫ ତାରିଖ ରାତିରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପରେ ଯୁବକଜଣକ ବନ୍ତ ଥାନା ଟିଲୋ କଣ୍ଟାପଡ଼ା ଗ୍ରାମର ଯୁବକ ରଞ୍ଜନ ଦାସ ଓରଫ ରାଜା(୨୦) ବୋଲି ଜଣାପଡ଼ିଥିଲା। ଉକ୍ତ ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ବୁଧବାର ଘଟଣାର ପର୍ଦ୍ଦାଫାସ କରିଛି। ରଞ୍ଜନଙ୍କୁ ତାଙ୍କ ପ୍ରେମିକା, ପ୍ରେମିକାଙ୍କ ଭଉଣୀ, ଭିଣୋଇ ଓ ସାଙ୍ଗ ମିଶି ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ୨ ନାବାଳିକାଙ୍କୁ ଅଟକ ରଖିଛି। ଅଭିଯୁକ୍ତ ହେଲେ କୁଲଣା ଗ୍ରାମର ନୀଳମଣି ଓଝା(୨୩), ନୀଳମଣିଙ୍କ ସ୍ତ୍ରୀ, ରଞ୍ଜନଙ୍କ ନାବାଳିକା ପ୍ରେମିକା ଓ ତାଙ୍କ ସାଙ୍ଗ ବୋଲି ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ନେଇ ହତ୍ୟାକାଣ୍ଡର ସିନ୍ ରିକ୍ରିଏଶନ କରିଛି। ସୂଚନା ଅନୁଯାୟୀ, ରଞ୍ଜନ ମଞ୍ଜୁରୀରୋଡ଼ ଫାଣ୍ଡି ଅଧୀନ ବିରିଡ଼ି ଅଞ୍ଚଳର କଲେଜରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ମାତ୍ର ଗତ ୬ ମାସ ଧରି ନାବାଳିକା ପ୍ରେମ ସମ୍ପର୍କରୁ ଓହରି ଯାଇଥିଲେ। ଏହା ସତ୍ତ୍ୱେ ବେଙ୍ଗାଲୁରରେ ରହୁଥିବା ରଞ୍ଜନ ପ୍ରେମିକାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଉଦ୍ୟମ ଚଳାଇଥିଲେ। ସମ୍ପର୍କର ଶେଷ ପାଇଁ ନାବାଳିକା ପ୍ରେମିକା ବେଙ୍ଗାଲୁରରେ ରହୁଥିବା ରଞ୍ଜନଙ୍କୁ ବିରିଡି ଡକାଇଥିଲେ। ରଞ୍ଜନ ଗତ ୪ତାରିଖରେ ମଞ୍ଜୁରୀରୋଡ଼ରେ ପହଞ୍ଚିଥିଲେ। ପ୍ରେମିକା କଲେଜରୁ ଫେରୁଥିବା ବେଳେ ବିରିଡି ରେଳଧାରଣା ☞ପୃଷ୍ଠା–୪

# ଆଜି ଭାରତ ବନ୍ଦ

## ସମର୍ଥନ ଦେବ କଂଗ୍ରେସ, ବିଜୁ ଶ୍ରମିକ ସାମ୍ମୁଖ୍ୟ

**ଭୁବନେଶ୍ୱର, ୧୧।୨ (ସୁନିତ୍ ମିଶ୍ର)**

ଭାରତୀୟ ଚାଷୀ ଏବଂ ଟ୍ରେଡ୍ ୟୁନିୟନଗୁଡିକ ପକ୍ଷରୁ ଗୁରୁବାର 'ଭାରତ ବନ୍ଦ' ଡାକରା ଦିଆଯାଇଛି। ମୁଖ୍ୟତଃ କେନ୍ଦ୍ର ସରକାର ଆଣିଥିବା ୪ ନୂଆ ଶ୍ରମ କୋଡ୍ ବାତିଲ ଦାବିରେ ୧୦ ଟ୍ରେଡ୍ ୟୁନିୟନ ପକ୍ଷରୁ ବନ୍ଦ ଡାକରା ଦେବା ସହ ଅନ୍ୟ ସଙ୍ଗଠନଗୁଡିକର ସମର୍ଥନ ଲୋଡ଼ିଛନ୍ତି। ଆମେରିକା ସହ ଭାରତର ବହୁ ପ୍ରତୀକ୍ଷିତ ଟ୍ରେଡ୍ ଡିଲ୍ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପନ୍ନହେବାକୁ ଯାଉଛି। ଉଭୟ ପକ୍ଷ ଗତ ୮ ତାରିଖରେ ଏକ ମିଳିତ ଘୋଷଣାନାମାରେ ଏହାର ରୂପରେଖ ଜାରି କରିଛନ୍ତି। ଉକ୍ତ





ଭାରତ ବନ୍ଦକୁ ସଫଳ କରିବା ପାଇଁ ସିପିଆଇ, ଏଆଇଟିୟୁସି, ବିକେଏମ୍‌ୟୁ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରା।

ବୁଝାମଣା ଦ୍ୱାରା ଭାରତୀୟ ବଜାରକୁ ପୁଞ୍ଜିନିବେଶର ସୁଅ ଛୁଟିବା ସହ ଦେଶରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି କେନ୍ଦ୍ର ଯୁକ୍ତି ବାଢୁଥିବାବେଳେ ଏହା ଏକ ଟ୍ରେଡ୍ ଡିଲ୍ ନୁହେଁ ବରଂ ଆମେରିକା ଚାପରେ ସରକାରଙ୍କ ଆତ୍ମସମର୍ପଣ ବୋଲି କୃଷକ ସଙ୍ଗଠନଗୁଡିକ ଅଭିହିତ କରିଛନ୍ତି। ଏହି ଡିଲ୍ ଦ୍ୱାରା ଭାରତୀୟ ଚାଷୀ ଏବଂ ଶ୍ରମିକଙ୍କ ସ୍ୱାର୍ଥକୁ ବଳି ପକାଯାଇଥିବା ଅଭିଯୋଗ ଆଣି କୃଷକ ସଙ୍ଗଠନ ଏବଂ ଟ୍ରେଡ୍ ୟୁନିୟନଗୁଡିକ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଦେବା ନେଇ ଘୋଷଣା କରିଥିବା ବେଳେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ନୈତିକ ସମର୍ଥନ ପ୍ରଦାନ ନେଇ ଘୋଷଣା କରାଯାଇଛି।

ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ଏଆଇଟିୟୁସି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯିବ। ୧୨ ଘଣ୍ଟା ଲାଗି ଭାରତ ବନ୍ଦ ଡାକରା ଦିଆଯାଇଛି। ୪ ନୂତନ ଶ୍ରମ କୋଡ୍ ବାତିଲ ଦାବି, କୃଷକମାନଙ୍କ ସର୍ବନିମ୍ନ ଉତ୍ପାଦିତ ମୂଲ୍ୟ, ବିଦ୍ୟୁତ୍ ବିଲ୍‌ରେ ଅନିୟମିତତା ଏବଂ ସ୍ମାର୍ଟ ମିଟର ପ୍ରତ୍ୟାହାର, ବିଭିନ୍ନ ରାଷ୍ଟ୍ରାୟତ ଶିଳ୍ପଗୁଡିକୁ ଘରୋଇକରଣ ବନ୍ଦ ଆଦି ମୋଟ୍ ୧୭ଟି ଦାବି ନେଇ ବନ୍ଦ ଡାକରା ☞ପୃଷ୍ଠା–୪


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



୧୯୭୯ ଇସ୍‌ଲାମୀୟ ବିପ୍ଳବର ୪୭ତମ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ଇରାନୀୟ ମହିଳାମାନେ ତେହରାନ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

# କାନାଡା ସ୍କୁଲରେ ଗୁଳି: ୧୦ ମୃତ, ୨୫ ଆହତ

## ମୃତକଙ୍କ ମଧ୍ୟରେ ସନ୍ଦିଗ୍ଧ ମହିଳା ଶୁଟର

ଭାଙ୍କୋଭର,୧୧।୨(ଏପି/ରଏଟର୍ସ)

କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ଏକ ସ୍କୁଲରେ ମଙ୍ଗଳବାର ବଡ଼ଧରଣର ଗୁଳିକାଣ୍ଡ ଘଟିଛି। ଏଥିରେ ସନ୍ଦିଗ୍ଧ ମହିଳା ଶୁଟରଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୂନ ୨୫ ଜଣ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ପଡ଼ୋଶୀ ଆମେରିକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନେକ ସମୟରେ ଗୁଳିକାଣ୍ଡ ଘଟୁଥିବାବେଳେ କାନାଡାରେ ସ୍କୁଲ ଶୁଟିଂ ବିରଳ ଘଟଣା। କାନାଡିଆନ୍ ରକିଜ୍‌ର ଟୁମ୍ବଲର ରିଜ୍ ସହର ଭାଙ୍କୋଭରଠାରୁ ୧,୦୦୦ କି.ମି. ଦୂରରେ ଅବସ୍ଥିତ। ରୟାଲ କାନାଡୀୟ ମାଉଣ୍ଟେଡ୍ ପୋଲିସର ସୂଚନା ମୁତାବକ ଗୁଳିକାଣ୍ଡ ପରେ ଟୁମ୍ବଲର ରିଜ୍ ସେକେଣ୍ଡାରି ସ୍କୁଲରେ ୮ଟି ମୃତଦେହ ଠାବ ହୋଇଥିବାବେଳେ ନିକଟସ୍ଥ ଏକ ଘରୁ ଅନ୍ୟ ୨ ଜଣଙ୍କ ମୃତଦେହ ମିଳିଛି। ୨୫ ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଏୟାରଲିଫ୍ଟ କରି ହସ୍ପିଟାଲକୁ ନିଆଯାଇଛି। ଉକ୍ତ ସ୍କୁଲରେ ସପ୍ତମରୁ ଦ୍ୱାଦଶ ଶ୍ରେଣୀର ୧୭୫ ପିଲା ପଢୁଥିବା ନେଇ ପ୍ରାଦେଶିକ ସରକାର ସୂଚନା ଦେଇଛନ୍ତି। ଗୁଳିକାଣ୍ଡ ଘଟିବାର ୨ ମିନିଟ୍ ମଧ୍ୟରେ ପୋଲିସ ସେଠାରେ ପହଞ୍ଚିଥିଲା। ଘଟଣାସ୍ଥଳରେ ୭ ଜଣଙ୍କ ମୃତଦେହ ଠାବ ହୋଇଥିଲା। ଗୁଳି କରିଥିବା ମହିଳା ଜଣକ ମଧ୍ୟ ନିଜ ଗୁଳିରେ ଟଳିପଡ଼ିଥିଲେ। ଗୁଳି ଚଳାଇଥିବା ବ୍ୟକ୍ତି ଜଣେ ମହିଳା ବୋଲି ଆର୍‌ସିପିଏମ୍ ସୁପରିଣ୍ଟେଣ୍ଡେଣ୍ଟ କେନ୍ ଫ୍ଲୟଡ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ତଦନ୍ତକାରୀ ଅଧିକାରୀମାନେ ସମ୍ପୃକ୍ତ ମହିଳାଙ୍କ ପରିଚୟ ଓ ଉଦ୍ଦେଶ୍ୟ ପ୍ରଘଟ କରିନାହାନ୍ତି। ଆଧୁନିକ କାନାଡାର ଇତିହାସରେ ଏହାକୁ ସବୁଠୁ ଘାତକ ଗୁଳିକାଣ୍ଡ ବୋଲି କୁହାଯାଉଛି।

# ରିତୁ ତାଵ୍‌ଡେ ମୁମ୍ବାଇ ମେୟର

ମୁମ୍ବାଇ,୧୧।୨

ଭାଜପା କର୍ପୋରେଟର ରିତୁ ତାଵ୍‌ଡେ ବୁଧବାର ବ୍ରିହନ ମୁମ୍ବାଇ ପୌର ନିଗମର ମେୟର ନିର୍ବାଚିତ ହୋଇଛନ୍ତି। ତାଙ୍କ ସହିତ ଶିବସେନା କର୍ପୋରେଟର ସଞ୍ଜୟ ଘଡ଼ି ଉପ ମେୟର ନିର୍ବାଚିତ ହୋଇଛନ୍ତି। ବ୍ରିହନ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି) ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ଭାଜପା ଏବଂ ଏହାର ସହଯୋଗୀ ଦଳ ଶିବସେନାର ଦୁଇ ନେତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଏମ୍‌ସିର ମେୟର ପଦରେ ଅଧିଷ୍ଠିତ ହେବା ଦିଗରେ ରିତୁ ହେଉଛନ୍ତି ଦ୍ୱିତୀୟ ଭାଜପା ନେତ୍ରୀ। ଏହାପୂର୍ବରୁ ୧୯୮୨ରୁ ୧୯୮୩ ପର୍ଯ୍ୟନ୍ତ ମାତ୍ର ବର୍ଷକ ପାଇଁ ଭାଜପାର ପ୍ରଭାକର ପାଇ ମେୟର ହୋଇଥିଲେ।


ରିତୁ ତାଵ୍‌ଡେ

# ଅନାସ୍ଥା ନୋଟିସରେ ତ୍ରୁଟି

## ସୁଧାରିବାକୁ କହିଲେ ବାଚସ୍ପତି

ନୂଆଦିଲ୍ଲୀ,୧୧।୨

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିପକ୍ଷ ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଦେଇଥିବା ନୋଟିସ ତ୍ରୁଟିଯୁକ୍ତ। ନୋଟିସ ଡ୍ରାଫ୍ଟିଙ୍ଗ୍‌ରେ ଏଭଳି ଭୁଲ୍ ରହିଛି ଯେ ତାହା ଖାରଜ ହୋଇଯାଇପାରେ। ତେଣୁ ବାଚସ୍ପତି ନିଜ ବିରୋଧରେ ଆଗତ ନୋଟିସରେ ଥିବା ତ୍ରୁଟିବିଚ୍ୟୁତି ସୁଧାରିବା ପାଇଁ ପରାମର୍ଶ ଦେଇଛନ୍ତି।

ରାଜସ୍ଥାନ କୋଟା ସଂସଦୀୟ ଆସନର ଭାଜପା ଏମ୍‌ପି ଓମ୍ ବିର୍ଲା ଶାସକ ପକ୍ଷକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆଣି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ତାଙ୍କୁ ବାଚସ୍ପତି ପଦରୁ ହଟାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହିକ୍ରମେ ୧୧୮ ବିରୋଧୀ ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ନୋଟିସକୁ ଲୋକ ସଭା ସେକ୍ରେଟାରି ଜେନେରାଲ ଉତ୍ପଳ କୁମାର ସିଂଙ୍କ ନିକଟରେ ମଙ୍ଗଳବାର ଦାଖଲ କରାଯାଇଥିଲା। ପରେ ବିରୋଧୀ ସଦସ୍ୟମାନେ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ଏଥିସହ ତାରିଖ ସଂଶୋଧନ କରିବା ପରେ ଅନ୍ୟ ଏକ ନୋଟିସ ଦେଇଥିଲେ। ଉକ୍ତ ନୋଟିସରେ ୨୦୨୬ ପରିବର୍ତ୍ତେ ୨୦୨୫ ଫେବୃଆରୀ ଉଲ୍ଲେଖ କରାଯାଇଥିଲା। ଏହି କାରଣରୁ ଉକ୍ତ ନୋଟିସ ଖାରଜ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ବାଚସ୍ପତି ଏହା ଜାଣିବା ପରେ ତାକୁ ସୁଧାରି ପୁଣି ଥରେ ନୋଟିସ ଦାଖଲ କରିବାକୁ ସେକ୍ରେଟାରି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂଶୋଧିତ ନୋଟିସ ମିଳିବା ପରେ ନିୟମାନୁସାରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସୂତ୍ରରୁ ପ୍ରକାଶ। ସମ୍ବିଧାନର ଅନୁଚ୍ଛେଦ ୯୪(ସି) ଅନୁଯାୟୀ ବିଭିନ୍ନ ବିରୋଧୀ ଦଳ ତରଫରୁ ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ, ମୁଖ୍ୟ ହୁଇପ୍ କେ. ସୁରେଶ ଏବଂ ହୁଇପ୍ ମହମ୍ମଦ ଜାୱେଦ ନିମ୍ନ ସଦନର ମହାସଚିବ ଉତ୍ପଳ କୁମାର ସିଂଙ୍କ ନିକଟରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସ୍‌ରେ କଂଗ୍ରେସ, ଡିଏମ୍‌କେ, ସମାଜବାଦୀ ପାର୍ଟି, ବାମଦଳ, ଆର୍‌ଜେଡି, ଶିବସେନା(ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ସମେତ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ସ୍ୱାକ୍ଷର କରିଛନ୍ତି। ତେବେ ବିର୍ଲା ନୈତିକତା ଦୃଷ୍ଟିରୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନ ହେବା ପର୍ଯ୍ୟନ୍ତ ନିଜ ଆସନରେ ବସିବେ ନାହିଁ ବୋଲି କହିଛନ୍ତି। ମାର୍ଚ୍ଚ ୯ରେ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ପାଇଁ ସଂସଦ ପୁନର୍ବାର ଖୋଲିବା ପରେ ଅନାସ୍ଥା ଉପରେ ବିଚାର କରାଯାଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଇତିମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ୨୦ରୁ ୨୫ କଂଗ୍ରେସ ଏମ୍‌ପି ବାଚସ୍ପତିଙ୍କ ଚ୍ୟାମ୍ବରକୁ ଯାଇ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏପରି କି କେ.ସି. ବେଣୁଗୋପାଳ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସେଠାରେ ଉପସ୍ଥିତ ଥାଇ ସବୁ ଦେଖୁଥିଲେ। ସେମାନେ କଂଗ୍ରେସ ସଦସ୍ୟମାନଙ୍କୁ ଏଥିରୁ ବାରଣ କରି ନ ଥିଲେ। ବାଚସ୍ପତି ଚାହିଁଥିଲେ ସେମାନଙ୍କୁ ଗୃହରୁ ନିଲମ୍ବନ କରିପାରିଥାନ୍ତେ ବୋଲି ରିଜିଜୁ କହିଛନ୍ତି।

### ବିର୍ଲାଙ୍କୁ ଦୁର୍ବ୍ୟବହାର କରିଛନ୍ତି ୨୫ କଂଗ୍ରେସ ଏମ୍‌ପି: ରିଜିଜୁ


ବାଚସ୍ପତି ଓମ୍ ବିର୍ଲା

# ମୁର୍ଶିଦାବାଦରେ ବାବ୍ରି ମସ୍‌ଜିଦ ନିର୍ମାଣ ଆରମ୍ଭ

ରେଜିନଗର(ପ.ବଙ୍ଗ),୧୧।୨

ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ରେଜିନଗରଠାରେ ବୁଧବାର ଅଯୋଧ୍ୟା ଢାଞ୍ଚାରେ ବାବ୍ରି ମସ୍‌ଜିଦ ନିର୍ମାଣ ଆରମ୍ଭ ହୋଇଛି। ଟିଏମ୍‌ସିର ନିଲମ୍ବିତ ବିଧାୟକ ହୁମାୟୁନ କବିରଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ନିକଟରେ ଜନତା ଉନ୍ନୟନ ପାର୍ଟି ନାମରେ ନୂଆ ଦଳ ଗଢ଼ିଥିବା କବିର କହିଛନ୍ତି, ଏଠାରେ ଅଯୋଧ୍ୟା ଢାଞ୍ଚାରେ ବାବ୍ରି ମସ୍‌ଜିଦ ନିର୍ମାଣକୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି। ଏହାସତ୍ତ୍ୱେ ମସ୍‌ଜିଦ କାର୍ଯ୍ୟ ଅବ୍ୟାହତ ରହିବ ଏବଂ ୨ ବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରାଯିବ। ଏଥିପାଇଁ ୫୦ ରୁ ୫୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି। ଜଣେ ବ୍ୟକ୍ତି ତାଙ୍କର ଧର୍ମ ଅନୁସାରେ ସବୁକିଛି ଅନୁସରଣ କରିବାର ଅଧିକାର ରହିଛି। ସେହି ଅନୁସାରେ ମୁସଲମାନଙ୍କ ସ୍ୱାର୍ଥ ପାଇଁ ଏଠାରେ ମସ୍‌ଜିଦ ନିର୍ମାଣ କରାଯିବା କିଛି ଭୁଲ୍ କାର୍ଯ୍ୟ ନୁହେଁ ବୋଲି ସେ କହିଛନ୍ତି।

# ପେଙ୍ଗୁଇନ୍ ଇଣ୍ଡିଆକୁ ନୋଟିସ

## ନରୱଣେଙ୍କ ପୁସ୍ତକ ବିବାଦ

ନୂଆଦିଲ୍ଲୀ,୧୧।୨

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ପୁସ୍ତକ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି'କୁ ନେଇ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆକୁ ବୁଧବାର ନୋଟିସ ଜାରି କରିଛି। ଏହି ପୁସ୍ତକ ପ୍ରକାଶନ ପୂର୍ବରୁ ଏହାର ପିଡିଏଫ୍ କିଭଳି ସୋସିଆଲ ମିଡିଆରେ ଲିକ୍ ହେଲା ସେନେଇ ନୋଟିସ ଜାରି କରାଯାଇଛି। ପ୍ରକାଶ ପାଇବା ପୂର୍ବରୁ ନରୱେଣଙ୍କ ପୁସ୍ତକ ବିବାଦୀୟ ହୋଇପଡ଼ିବାରୁ ଗତ ସୋମବାର ଦିଲ୍ଲୀ ପୋଲିସ ଏତଲା ଦାଏର କରିଥିଲା। ସମ୍ପୃକ୍ତ ପୁସ୍ତକର ପ୍ରକାଶନ ଲାଗି ଆବଶ୍ୟକ ଅନୁମୋଦନ ଲୋଡ଼ାଯାଇଥିଲା ବେଳେ ଏହାପୂର୍ବରୁ କେମିତି ସଫ୍ଟ କପି ସୋସିଆଲ ମିଡିଆରେ ପୋଷ୍ଟ କରାଗଲା ବୋଲି ଅଭିଯୋଗ ଆଣି ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ ଅନୁସନ୍ଧାନ ଆରମ୍ଭ କରିଛି। ମଙ୍ଗଳବାର ଏହି ପ୍ରସଙ୍ଗରେ ପେଙ୍ଗୁଇନ ଇଣ୍ଡିଆ ନିଜର ପ୍ରତିକ୍ରିୟା ରଖିଥିଲାବେଳେ ଜେନେରାଲ ନରୱେଣ ମଧ୍ୟ ଏହାକୁ ସମର୍ଥନ କରିଥିଲେ।

# ଆଜି ବାଂଲାଦେଶ ନିର୍ବାଚନ

ଢାକା,୧୧।୨

ବାଂଲାଦେଶରେ ଗୁରୁବାର ସଂସଦୀୟ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏହା ହେଉଛି ବାଂଲାଦେଶର ୧୩ତମ ସଂସଦୀୟ ନିର୍ବାଚନ। ଏହି ନିର୍ବାଚନକୁ ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳା ସହ ଶେଷ କରିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ନିର୍ବାଚନ ଆୟୋଗ କହିଛନ୍ତି। ଦେଶର ବିଭିନ୍ନ ଭାଗରେ ପ୍ରାୟ ୧୦ ଲକ୍ଷ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି, ଯାହାକି ବାଂଲାଦେଶ ନିର୍ବାଚନ ଇତିହାସରେ ପ୍ରଥମ। ୨୯୯ ସଂସଦୀୟ କ୍ଷେତ୍ର ପାଇଁ ଗୁରୁବାର ସକାଳ ୭.୩୦ ମିନିଟ୍‌ରୁ ଭୋଟ ଆରମ୍ଭ ହୋଇ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଚାଲିବ। ନିର୍ବାଚନରେ ପ୍ରମୁଖ ଦଳ ସମେତ ମୋଟ ୫୦ ଦଳର ୧୭୫୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ବିଦା ହେବା ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର କାର୍ଯ୍ୟ କରିଥିଲା। ଏହାର ପ୍ରାୟ ୧୮ ମାସ ପରେ ଏଠାରେ ନିର୍ବାଚନ କରାଯାଉଛି।


ଇସ୍ରାଏଲର ଆକ୍ରମଣ ଯୋଗୁ ବାସହରା ହୋଇଯାଇଥିବା ଜଣେ ପାଲେଷ୍ଟିନୀୟ ମହିଳା ଗାଜା ସିଟିର ଏକ ତମ୍ବୁ ତଳେ ଆଶ୍ରୟ ନେଇଛନ୍ତି।

# ସବୁଠି ମୋନାଲିସାଙ୍କ ପ୍ରଶଂସା



ମହାକୁମ୍ଭ ମେଳାରେ ଭାଇରାଲ ହୋଇଥିବା ମୋନାଲିସା ଖୁବ୍‌ଶୀଘ୍ର ବଡ଼ ପରଦାରେ ନଜର ଆସିବେ। ମୋନାଲିସାଙ୍କ ପ୍ରଥମ ଫିଲ୍ମ 'ଦି ଡାଏରୀ ଅଫ୍ ମଣିପୁର' ଆଉ ଅଳ୍ପଦିନ ମଧ୍ୟରେ ପରଦାକୁ ଆସିବ। ଏହାର ଟ୍ରେଲର ମଧ୍ୟ ମୁକ୍ତିଲାଭ କରିଛି। ଟ୍ରେଲର ଦେଖିବା ପରେ ଦର୍ଶକ ମୋନାଲିସାଙ୍କ ଅଭିନୟକୁ ପ୍ରଶଂସା କରୁଛନ୍ତି। କୁମ୍ଭରେ ମାଳା ବିକ୍ରି କରି ଭାଇରାଲ ହୋଇଥିବା ମୋନାଲିସାଙ୍କ ପ୍ରଥମ ଫିଲ୍ମ 'ଦି ଡାଏରୀ ଅଫ୍ ମଣିପୁର' ସନୋଜ ମିଶ୍ରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି। ଏହି ଫିଲ୍ମଟି ଏକ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ଏଥିରେ ମୋନାଲିସା ଏବଂ ପ୍ରୟାଗରାଜର ଅଭିନେତା ଅଭିଷେକ ତିୱାରୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ନିର୍ଦ୍ଦେଶକ ସନୋଜ ମିଶ୍ର କହିଛନ୍ତ, 'ଦି ଡାଏରୀ ଅଫ୍ ମଣିପୁର' ପ୍ରାୟ ୧୦ କୋଟି ବଜେଟରେ ନିର୍ମିତ ହୋଇଛି। ଫିଲ୍ମଟି ଏପ୍ରିଲ ପ୍ରଥମ ସପ୍ତାହରେ ମୁକ୍ତିଲାଭ କରିବ ବୋଲି ଆଶା କରାଯାଉଛି। ଅଢ଼େଇ ଘଣ୍ଟା ବିଶିଷ୍ଟ ଏହି ଚଳଚ୍ଚିତ୍ରରେ ଚାରି କିମ୍ବା ପାଞ୍ଚଟି ଗୀତ ମଧ୍ୟ ରହିଛି, ଯାହା ଦର୍ଶକଙ୍କ ସମ୍ପୂର୍ଣ୍ଣ ମନୋରଞ୍ଜନ କରିବ। ଦେଶର ରାଜଧାନୀ ଦିଲ୍ଲୀକୁ ଉତ୍ତର-ପୂର୍ବ ମଣିପୁର ସହିତ ସଂଯୋଗ କରେ। ମୋନାଲିସାଙ୍କ ଫିଲ୍ମ ମଣିପୁରରେ ଶୁଟିଂ କରାଯାଇଥିଲା। ଚଳଚ୍ଚିତ୍ରର ୫ ପ୍ରତିଶତ ନେପାଳରେ ଏବଂ ୮୦ ପ୍ରତିଶତ ଉତ୍ତରାଖଣ୍ଡରେ ଶୁଟିଂ କରାଯାଇଥିଲା। 'ଦି ଡାଏରୀ ଅଫ୍ ମଣିପୁର' ବ୍ୟତୀତ ମୋନାଲିସାଙ୍କର 'ଲାଇଫ' ନାମକ ଏକ ତେଲୁଗୁ ଫିଲ୍ମରେ ମଧ୍ୟ ଅଭିନୟ କରୁଛନ୍ତି। ଏହି ଫିଲ୍ମଟି ମଧ୍ୟ ନିକଟରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି।

# ଭାରତ-ପାକ୍ ଆଣବିକ ଯୁଦ୍ଧ ରୋକିଛି

## ଦାବି ଦୋହରାଇଲେ ଟ୍ରମ୍ପ୍

ୱାଶିଂଟନ୍,୧୧।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୫ ଭାରତ-ପାକିସ୍ତାନ ଯୁଦ୍ଧରେ ନିଜର ମଧ୍ୟସ୍ଥତା ଦାବିକୁ ଦୋହରାଇଛନ୍ତି। ତାଙ୍କ ଇଙ୍ଗିତରେ ଉଭୟ ପକ୍ଷ ଯୁଦ୍ଧରୁ ବିରତ ହୋଇଥିଲେ ବୋଲି ଟ୍ରମ୍ପ୍ ପୂର୍ବରୁ ବହୁବାର ଦାବି କରିଆସିଥିଲା ବେଳେ ଏବେ ଫକ୍ସନ୍ୟୁଜ୍‌କୁ ଏକ ସାକ୍ଷାତ୍‌କାର ଦେବା ବେଳେ ପୁଣି ତାଙ୍କର ମଧ୍ୟସ୍ଥତା କଥା ଉଠାଇଛନ୍ତି। ସେ କହିଛନ୍ତି, ଯଦି ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରି ନ ଥାଆନ୍ତେ, ତେବେ ଏହି ଯୁଦ୍ଧ ଆଣବିକ ଯୁଦ୍ଧରେ ପରିଣତ ହେବା ସହିତ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଆନ୍ତା। କିନ୍ତୁ ଠିକଣା ସମୟରେ ସେ ଉଭୟ ପକ୍ଷଙ୍କୁ ରାଜି କରାଇ ବଡ଼ ବିପଦ ଏଡ଼ାଇଛନ୍ତି। ତାଙ୍କ ମଧ୍ୟସ୍ଥତା ଯୋଗୁ ୧ କୋଟିରୁ ଅଧିକ ଲୋକ ବିପଦରୁ ମୁକ୍ତି ପାଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ କହିଥିବା ବିଷୟକୁ ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଯୁଦ୍ଧରେ ୧୦ଟି ବିମାନକୁ ଖସାଇ ଦିଆଯାଇଥିଲା ଏବଂ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଥିଲା। ଉଭୟ ପକ୍ଷ ଜୋର୍‌ଦାର ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇସାରିଥିଲେ। ତେବେ ତାଙ୍କର ମଧ୍ୟସ୍ଥତା ଯୋଗୁ ଯୁଦ୍ଧ ହଟିଥିଲା। ଏଥିପାଇଁ ତାଙ୍କର ଟାରିଫ୍ ରଣନୀତି କାର୍ଯ୍ୟ କରିଥିଲା ବୋଲି ଟ୍ରମ୍ପ୍ କହିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୮ଟି ଯୁଦ୍ଧ ରୋକିଥିଲା ବେଳେ ଟାରିଫ୍ ରଣନୀତିରେ ୬ଟି ଯୁଦ୍ଧ ବନ୍ଦ କରିଥିବା କହିଛନ୍ତି। କେବଳ ଭାରତ କିମ୍ବା ପାକିସ୍ତାନ ନୁହେଁ, ତାଙ୍କର ଟାରିଫ୍ ନୀତି ଯୋଗୁ ବିଶ୍ୱର ବିଭିନ୍ନ ଭାଗରେ ସୃଷ୍ଟି ହୋଇଥିବା ଜଟିଳ ସ୍ଥିତିର ସମାଧାନ ହୋଇପାରିଛି ବୋଲି ଟ୍ରମ୍ପ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୫ ମେ'ରେ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ହେବା ପରଠୁ ରାଷ୍ଟ୍ରପତି ଟ୍ରମ୍ପ୍ ସୋସିଆଲ ମିଡିଆ ଏବଂ ଅନ୍ୟ ମଞ୍ଚରେ ୮୦ଥର ନିଜ ମଧ୍ୟସ୍ଥତା ଦାବି ଉଠାଇଛନ୍ତି। ତେବେ ଭାରତ ତାଙ୍କର ଏହି ଦାବିକୁ କଦାଚିତ ସ୍ୱୀକାର କରିନାହିଁ।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୨/୨୦୨୬ | Bhubaneswar, Thursday, February 12/2026 | ପୃଷ୍ଠା-୩









ଜମ୍ମୁ-କଶ୍ମୀରର ବାରାମୁଲା ଜିଲା ଅନ୍ତର୍ଗତ ଟାଙ୍ଗମାର୍ଗରେ ପ୍ରବଳ ବରଫପାତ ହୋଇଥିବାବେଳେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକେ ବୁଧବାର ବରଫ ଆଚ୍ଛାଦିତ ରାସ୍ତାରେ ଅଲ୍-ଟେରେନ ଭେହିକିଲ୍ ଚଳାଇ ସୁନ୍ଦର ଦୃଶ୍ୟକୁ ଉପଭୋଗ କରୁଛନ୍ତି।

# ଲୋକ ସଭାରେ ଟ୍ରେଡ୍ ଡିଲ୍ ଝଡ଼

## ସରକାର ଦେଶକୁ ବିକି ଦେଇଛନ୍ତି: ରାହୁଲ

**ଭାରତ-ଆମେରିକା ମଧ୍ୟରେ ହୋଇଥିବା ଅନ୍ତରୀଣ ବାଣିଜ୍ୟ ଚୁକ୍ତି (ଟ୍ରେଡ୍ ଡିଲ୍)କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ଜୋର୍‌ଦାର ଆକ୍ରମଣ କରିଛନ୍ତି। ଲୋକ ସଭାରେ ବୁଧବାର ବଜେଟ ଆଲୋଚନା ସମୟରେ ବିରୋଧୀ ଦଳ ନେତା ରାହୁଲ ଏହି ପ୍ରସଙ୍ଗ ଉଠାଇଥିବାବେଳେ ଏହାକୁ ନେଇ ଝଡ଼ ସୃଷ୍ଟି ହୋଇଛି। ରାହୁଲ ଟ୍ରେଡ୍ ଡିଲ୍‌କୁ 'ଭାରତ ମାତାକୁ ବିକ୍ରି' ଏବଂ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି ଅଭିହିତ କରିଛନ୍ତି। ଏହି ଚୁକ୍ତି ମାଧ୍ୟମରେ ନରେନ୍ଦ୍ର ମୋଦି ସରକାର ଦେଶର ହିତକୁ ଆମେରିକା ପାଖରେ ବଳି ପକାଇଛନ୍ତି। ଏହା ବାଣିଜ୍ୟ ଚୁକ୍ତି ନୁହେଁ, ବରଂ 'ହୋଲ୍‌ସେଲ୍ ସରେଣ୍ଡର' ବୋଲି ସେ କହିଛନ୍ତି। ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର 'ପେଟ୍ରୋଲ' ଭାବେ ବର୍ଣ୍ଣନା କରି ସେ କହିଛନ୍ତି, ସରକାର ଏହି ମୂଲ୍ୟବାନ ସମ୍ପତ୍ତିକୁ ମଧ୍ୟ ବିଦେଶୀ କମ୍ପାନୀଙ୍କୁ ଟେକି ଦେଇଛନ୍ତି। ଏପ୍‌ଷ୍ଟିନ୍ ଫାଇଲ୍ କଥାଉଠାଇ ସେ ଅଭିଯୋଗ କରିଛନ୍ତି, କୌଣସି ବଡ଼ଧରଣର ଚାପ ବା ବ୍ଲାକ୍‌ମେଲ୍ କାରଣରୁ ପ୍ରଧାନମନ୍ତ୍ରୀ ଏଭଳି ଏକପାଖିଆ ଚୁକ୍ତି କରିଛନ୍ତି। ଅନ୍ୟପକ୍ଷରେ ଶାସକ ଭାଜପାର ମନ୍ତ୍ରୀ ଓ ନେତାମାନେ ରାହୁଲଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଖଣ୍ଡନ କରିଛନ୍ତି। ବାଣିଜ୍ୟ ଚୁକ୍ତି ଉଭୟ ଦେଶର ଅର୍ଥନୀତିକୁ ମଜଭୁତ କରିବା ସହ ଭାରତରେ ନିଯୁକ୍ତିର ବିପୁଳ ସୁଯୋଗ ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି।**

## ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବେ ସରକାର

ଲୋକ ସଭାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଭ୍ରାନ୍ତ ଧାରଣା ଏବଂ ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ସରକାର ରାହୁଲ ଗାନ୍ଧୀଙ୍କ ବିରୋଧରେ ଏକ ସ୍ୱାଧିକାର ଭଙ୍ଗ ନୋଟିସ ଆଣିବେ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବୁଧବାର ଏହା କହିଛନ୍ତି। ରିଜିଜୁଙ୍କ କହିବାନୁଯାୟୀ, ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଭାଷଣରେ କହିଥିଲେ, ପ୍ରଧାନମନ୍ତ୍ରୀ କୌଣସି ଚାପ ବା ବ୍ଲାକ୍‌ମେଲ କାରଣରୁ ଏହି ଚୁକ୍ତି କରିଛନ୍ତି। ଏହାକୁ ପ୍ରଧାନମନ୍ତ୍ରୀଙ୍କ ପଦ ପ୍ରତି ଏକ ଗୁରୁତର ଅପମାନ ଏବଂ ବିନା ପ୍ରମାଣରେ ଦିଆଯାଇଥିବା ମନ୍ତବ୍ୟ ବୋଲି ରିଜିଜୁ କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ରାହୁଲ ଗୃହରେ 'ସମ୍ପୂର୍ଣ୍ଣ ମିଛ' କହିଛନ୍ତି। ବିଶେଷକରି ଟାରିଫ୍ ବୃଦ୍ଧି ଏବଂ ଡାଟା ସାର୍ବଭୌମତ୍ୱକୁ ନେଇ ସେ ଦେଇଥିବା ତଥ୍ୟ ଭୁଲ୍। ଏକ ବୈଦେଶିକ ବାଣିଜ୍ୟ ଚୁକ୍ତିକୁ ନେଇ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଭାରତର ସମ୍ମାନ ହାନି ହେଉଛି ☞ପୃଷ୍ଠା-୧୨

**ନୂଆଦିଲ୍ଲୀ,୧୧।୨**

ବିରୋଧୀ ଦଳଗୁଡିକର ଅଭିଯୋଗ ହେଲା ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଦ୍ୱାରା ଚାପଗ୍ରସ୍ତ ହୋଇ ବାଣିଜ୍ୟ ବୁଝାମଣା କରିବାକୁ ବାଧ୍ୟ ହୋଇଛନ୍ତି। ବର୍ତ୍ତମାନ ଯୁଦ୍ଧ କରିବାର ଯୁଗ ଶେଷ ହୋଇଛି ବୋଲି ମୋଦି ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ) ଅଜିତ ଡୋଭାଲ ବାରମ୍ବାର କହିଆସିଛନ୍ତି। କିନ୍ତୁ ଯେଉଁସବୁ ସର୍ତ୍ତରେ ଆମେରିକା ସହ ଭାରତ ବାଣିଜ୍ୟ ବୁଝାମଣା କରିଛି ତଦ୍ୱାରା ଆମେ ଯୁଦ୍ଧ ମଧ୍ୟକୁ ଠେଲି ହୋଇଯିବା ସହିତ ବଡ଼ ବିପଦକୁ ଆମନ୍ତ୍ରଣ କରିବାକୁ ଯାଉଛୁ ବୋଲି ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୃହରେ କହିଛନ୍ତି। ରାହୁଲ କହିଛନ୍ତି ,ଯଦି କଂଗ୍ରେସ ନେତୃତ୍ୱାଧୀନ ସରକାର ଆମେରିକା ସହିତ ବାଣିଜ୍ୟ ବୁଝାମଣା କରିଥାଆନ୍ତା, ତେବେ ସର୍ବପ୍ରଥମେ ଦେଶବାସୀଙ୍କ ହିତକୁ ଗୁରୁତ୍ୱ ଦେବା ସହିତ ଡାଟା ସୁରକ୍ଷା, ଖାଦ୍ୟ ଯୋଗାଣ ଏବଂ ଉର୍ଜା ☞ପୃଷ୍ଠା-୧୨

# ସଂଶୋଧନ ହେଲାଣି ୪୦ଲକ୍ଷ ଜମି ଖାତା

**ଭୁବନେଶ୍ୱର,୧୧।୨**
**(ରବିନାରାୟଣ ଜେନା)**

### ରାଜସ୍ୱ ବିଭାଗର ସଂସ୍କାର

ରାଜସ୍ୱ ବିଭାଗ ପକ୍ଷରୁ ଗତ ୧୯ମାସ ମଧ୍ୟରେ ବିବିଧ ପ୍ରମାଣପତ୍ର ପ୍ରଦାନଠାରୁ ଆରମ୍ଭ କରି ମ୍ୟୁଟେଶନ ପର୍ଯ୍ୟନ୍ତ ଜମିଜମା ସଂକ୍ରାନ୍ତୀୟ ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଏବେ ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନିଆଯାଇଛି; ଯେଉଁଥିରେ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜମିର ଖାତାର କଲମ୍-୨ ସଂଶୋଧନ(ସି-ଟୁସି) କରାଯିବ। ପୂର୍ବରୁ ଉକ୍ତ ଖାତାରେ ସଂଖ୍ୟାଧିକ ପ୍ଲଟ୍‌ରେ କେଉଁମାନେ ପ୍ରକୃତ ମାଲିକ ଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହା କେତେଥର କିଣାବିକା ହୋଇଛି ଏବଂ ଏବେ ପ୍ରକୃତ ମାଲିକ କିଏ, ତା'ର ପରିବାରରେ କେଉଁମାନେ ଉତ୍ତରାଧିକାରୀ ସୂତ୍ରରେ ରହିଛନ୍ତି ସେସବୁର ଅପ୍‌ଡେଟ୍ କରାଯାଉଛି। ଅଦ୍ୟାବଧି ୪୦ଲକ୍ଷରୁ ଊର୍ଦ୍ଧ୍ୱ ରେକର୍ଡ ସଂଶୋଧନ କରାଯାଇଥିବାବେଳେ ମାର୍ଚ୍ଚ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରହିଛି ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜଣାଯାଇଛି।

ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବିଭାଗର ସଂସ୍କାରମୂଳକ ପଦକ୍ଷେପ ନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକର ସୂଚନା ଅନୁଯାୟୀ, ରାଜ୍ୟରେ ଏବେ ସମୁଦାୟ ୧କୋଟି ୬୯ଲକ୍ଷ ଖାତାର ରେକର୍ଡ ସଂଶୋଧନ କରାଯିବାକୁ ରହିଛି। ଏଥିଲାଗି ୩ହଜାର ଷ୍ଟାଫ୍ ନିୟୋଜିତ ରହିଛନ୍ତି। ଇତିମଧ୍ୟରେ ବିଭାଗ ପକ୍ଷରୁ ୪୪ଲକ୍ଷ ୪୭ହଜାର ୩୬ ଖାତାର ସର୍ବେକ୍ଷଣ କରାଯାଇଥିବାବେଳେ ୪୦ଲକ୍ଷ ୧୭ହଜାର ୩୩୭ ଖାତାର ଅପଡେଟ୍ ହୋଇସାରିଛି; ଯାହାକି ପ୍ରାୟ ୨୫ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏଥିମଧ୍ୟରେ ଗଞ୍ଜାମର ସର୍ବାଧିକ ୫ଲକ୍ଷ ୩୦ହଜାର ୭୯୨ଖାତା ସର୍ବେକ୍ଷଣ ହୋଇଥିବାବେଳେ ୫ଲକ୍ଷ ୭ହଜାର ୫୫୧ ଖାତାର ରେକର୍ଡ ଅପଡେଟ ହୋଇସାରିଛି। ସେହିପରି କଳାହାଣ୍ଡିରେ ୩ଲକ୍ଷ ୪୧ହଜାର ୮୯୦ ଖାତା ମଧ୍ୟରୁ ୩ଲକ୍ଷ ୧୭ହଜାର ୮୩୪୫ ଖାତା ଅପ୍‌ଡେଟ ହୋଇଥିବାବେଳେ କୋରାପୁଟର ୩ଲକ୍ଷ ୭ହଜାର ୩୬୯ ଖାତାରୁ ୨ଲକ୍ଷ ୯୩ହଜାର ୧୩୩ ଖାତା, ମୟୂରଭଞ୍ଜର ୨ଲକ୍ଷ ୯୯ହଜାର ୬ ଖାତା ମଧ୍ୟରୁ ୨ଲକ୍ଷ ୮୫ହଜାର ୩୫୮ଖାତା, ବାଲେଶ୍ୱରର ୨ଲକ୍ଷ ୬୯ହଜାର ୧୩୧ ☞ପୃଷ୍ଠା-୧୨

## ୧୬ରେ ସର୍ବଦଳୀୟ ବୈଠକ

### ମୁଖ୍ୟମନ୍ତ୍ରୀଙ୍କ ସମେତ ସାମିଲ ହେବେ ୧୧ ନେତୃବୃନ୍ଦ

**ଭୁବନେଶ୍ୱର,୧୧।୨**
**(ରବିନାରାୟଣ ଜେନା)**

ବିଧାନସଭାର ବଜେଟ ଅଧିବେଶନ ଲାଗି ଫେବୃଆରୀ ୧୬ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୧୧ଜଣ ନେତୃବୃନ୍ଦ ସାମିଲ ରହିବେ। ଏହି ଅବସରରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ଅନୁଷ୍ଠିତ ହେବାକୁ ଥିବା ବଜେଟ ଅଧିବେଶନ କିଭଳି ଶୃଙ୍ଖଳିତ ଓ ସୁରୁଖୁରୁରେ ଚାଲିବ ତାହା ଉପରେ ବିସ୍ତୃତ ଆଲୋଚନା ହେବ। ସୂଚନା ଅନୁଯାୟୀ, ☞ପୃଷ୍ଠା-୧୨

# ଶିକ୍ଷକ ଅଭାବ: ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ବର୍ଜନ

**ପଟ୍ଟାମୁଣ୍ଡାଇ,୧୧।୨**
**(କଳ୍ପତରୁ ନାୟକ)**


### ସ୍କୁଲ ଆଗରେ ଧାରଣା, ଖାଇଲେନି ମଧ୍ୟାହ୍ନ ଭୋଜନ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଖାରୁଣୀ ୟୁଜିୟୁପି ବିଦ୍ୟାଳୟରେ ଦୀର୍ଘଦିନ ହେବ ଶିକ୍ଷକ ଅଭାବ ଦେଖାଦେଇଛି। ଏଠାରେ ପ୍ରାୟ ୩୦୯ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୪ ଜଣ ଶିକ୍ଷକ ରହିଛନ୍ତି। ଫଳରେ ଶିକ୍ଷାଦାନରେ ସମସ୍ୟା ଦେଖାଦେଇଛି,ଯାହାକୁ ନେଇ ବୁଧବାର ଛାତ୍ରୀଛାତ୍ର ନିଆରା ପ୍ରତିବାଦ କରିଛନ୍ତି। ଶିକ୍ଷକ ଅଭାବ ଏବଂ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାରୀ ସହାୟତା ପରିବର୍ତ୍ତେ ଶିକ୍ଷକ ଯୋଗାଇଦେବାକୁ ଦାବିକରି ସ୍କୁଲ ପକ୍ଷରୁ ଦିଆଯାଇଥିବା ୟୁନିଫର୍ମ ଫେରାଇବା ସହ ମଧ୍ୟାହ୍ନଭୋଜନ ନ ଖାଇ ପ୍ରତିବାଦକରି ବାହାରେ ବସିଥିଲେ। ଆମକୁ ଶିକ୍ଷକ ଦିଅ ବୋଲି ନାରା ଦେଇଥିଲେ। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପିଲାମାନେ ପ୍ରତିବାଦ କରିଥିଲେ ମଧ୍ୟ ଜିଲା କିମ୍ବା ବ୍ଲକ ଶିକ୍ଷାଧିକାରୀ କେହି ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଫଳରେ ଅଭିଭାବକ ଓ ଛାତ୍ରୀଛାତ୍ର ଅପରାହ୍ଣରେ ପ୍ରତିବାଦ ସ୍ଥାନରୁ ଉଠିଯାଇଥିବା ବେଳେ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଏହା ଜାରିରହିବ ବୋଲି ଅଭିଭାବକମାନେ କହିଥିଲେ। ନିୟମ ଅନୁସାରେ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ପରିଚାଳନା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଅନ୍ୟ ୩ ଜଣ ଶିକ୍ଷକ ପାଠ ପଢ଼ାଇବା ଅସମ୍ଭବ ହୋଇପଡ଼ିଛି।

ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହେଉଥିବା ଅଭିଭାବକମାନେ ଅଭିଯୋଗ ଉଠାଇଛନ୍ତି। ସେମାନେ କୁହନ୍ତି, ପୂର୍ବରୁ ଏହି ବିଦ୍ୟାଳୟରେ ୭ ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକ ସିଆର୍‌ସିସି ଭାବେ ପଦୋନ୍ନତି ପାଇ ଚାଲିଯାଇଥିଲେ। ଅନ୍ୟ ୨ ଜଣଙ୍କର ଗତ କିଛିମାସ ହେବ ଏଠାରୁ ବଦଳି ହୋଇଯାଇଛି। ୪ ଜଣ ଶିକ୍ଷକଙ୍କୁ ନେଇ ୮ଟି ଶ୍ରେଣୀରେ ଶିକ୍ଷାଦାନ କରାଯାଉଛି। ଯେଉଁ ଶିକ୍ଷକମାନେ ଏଠାରୁ ବଦଳି ହୋଇଯାଇଛନ୍ତି ସେମାନଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ଗ୍ରାମବାସୀ ପୂର୍ବରୁ ଶିକ୍ଷା ବିଭାଗକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ତାହା ହେଉନାହିଁ, ଫଳରେ ଏଭଳି ପ୍ରତିବାଦ କରାଯାଇଛି।



ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରମାନେ ସେମାନଙ୍କ ସ୍କୁଲ ୟୁନିଫର୍ମ ବର୍ଜନ କରୁଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ଣ ୪ଟା।
- ମାସିକ ମହିଳା ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବାବା କାଶୀବିଶେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ଜହତା, ରୁପ୍‌ସା, ସମୟ :ପୂର୍ବାହ୍ଣ ୮ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୁପ୍‌ସା, ସମୟ : ପୂର୍ବାହ୍ଣ ୧୦ଟା।
- ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ଟୁର୍ଣ୍ଣାମେଣ୍ଟଏ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ମହିଳା ସୁରକ୍ଷା ଆଇନ୍ ସମ୍ପର୍କୀତ ସଚେତନତା, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ : ପୂର୍ବାହ୍ଣ ୧୦ଟା ୩୦।
- ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଖରାବାଦ ଖେଳପଡ଼ିଆ, ରୁପ୍‌ସା, ସମୟ: ପୂର୍ବାହ୍ଣ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୁପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ:ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ୟୁଥ୍ କ୍ଲବର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବାଖରାବାଦ ଖେଳପଡ଼ିଆ, ରୁପ୍‌ସା, ସମୟ :ସନ୍ଧ୍ୟା ୬ଟା।

## ଭଦ୍ରକ
- ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ୪୪ ତମ ଜିଲା ଭକ୍ତ ସମ୍ମିଳନୀ, ସ୍ଥାନ : କୋଠାର ଆଶ୍ରମ, ଧାମନଗର, ସମୟ : ପୂର୍ବାହ୍ଣ ୧୧ଟା।
- ଭାରତ ବନ୍ଦ, ସ୍ଥାନ: ବନ୍ତଛକ, ଭଦ୍ରକ, ସମୟ: ସକାଳ ୭ଟା।
- ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କମାରଗାଁ, ବାସୁଦେବପୁର, ସମୟ: ଅପରାହ୍ଣ ୫ଟା।
- ତିହିଡ଼ି ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ଅପରାହ୍ଣ ୫ଟା।
- କଂଗ୍ରେସର ସାଙ୍ଗଠନିକ ବୈଠକ, ସ୍ଥାନ: ୨୬ ନଂ. ଜୋନ୍, କୋରକୋରା, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ବ୍ଲକ ସ୍ତରୀୟ କଳାକାର ( ପାଲା, ସଂକୀର୍ତ୍ତନ, ଦାସକାଠିଆ) ସମ୍ମିଳନୀ, ସ୍ଥାନ : ଚମାରତିରା, ହାଟଡିହୀ, ସମୟ: ପୂର୍ବାହ୍ଣ ୧୦ ଟା।

## ମୟୂରଭଞ୍ଜ
ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା,ସ୍ଥାନ: କଲେଜ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ଣ ୧୧ଟା।

## ବ୍ରହ୍ମପୁର
- ଟ୍ରେଡ ୟୁନିୟନର ଧର୍ମଘଟ, ସ୍ଥାନ: ରେଳ ଷ୍ଟେଶନ,ସମୟ: ସକାଳ ୭ଟା।

## କନ୍ଧମାଳ
- ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ କିରିକୁଟି ପଞ୍ଚାୟତ, ସମୟ: ପୂର୍ବାହ୍ଣ ୧୦ ଟା।

## ଜଗତ୍‌ସିଂହପୁର
- ବାବା ବିଶ୍ୱନାଥ କମିଟି ଟ୍ରଷ୍ଟ ପକ୍ଷରୁ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୮ଟା।
- କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ପାରାଦୀପର ୧୩ ଟି ଟ୍ରେଡ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବନ୍ଦର ପ୍ରଶାସନିକ ଭବନ ସମ୍ମୁଖ, ପାରାଦୀପ, ସମୟ: ସକାଳ ୯ ଟା।
- ବ୍ଲକସ୍ତରୀୟ କ୍ରୀଡା ଉତ୍ସବ, ସ୍ଥାନ: ଜିରାଇଲୋ ନ ମୌଜି ହାଇସ୍କୁଲ, ଏରସମା, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା
- ଓଡ଼ିଶା କୃଷକ ସଭା ପକ୍ଷରୁ ଚାଷୀ ବିରୋଧୀ ସରକାର ବିରୋଧରେ ଧର୍ମଘଟ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ତିନିମୁହାଣୀ ଛକ, ଦୁହୁରିଆ, ପଚ୍ଚାମୁଣ୍ଡାଇ, ମାର୍ଶାଘାଇ ଛକ, କେନ୍ଦ୍ରାପଡା, ସମୟ:ସକାଳ ୬ଟା ।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଓଉପଦା, ପଚ୍ଚାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ସର୍ବଭାରତୀୟ ସାଧାରଣ ଧର୍ମଘଟ ସଭା, ସ୍ଥାନ : ଯାଜପୁର ରୋଡ ଗୋପବନ୍ଧୁ ଛକ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଭିବି-ଜି-ରାମ-ଜି ଖବରଦାତା ସମ୍ମିଳନୀ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ନୟାଗଡ଼
- ସର୍ବଭାରତୀୟ ଧମଘଟ ଅବସରରେ ବନ୍ଦ ପାଳନ, ସ୍ଥାନ: ନୟାଗଡ଼ ଜିଲା ସଦର ମହକୁମା ସମେତ ଜିଲାର ବିଭିନ୍ନ ସ୍ଥାନ, ସମୟ: ଭୋର ୬ରୁ ସନ୍ଧ୍ୟା ୬ଟା ।
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ଉଦ୍‌ଯାପନ ଦିବସରେ ରାମାଭିଷେକ, କାକଭୂଷଣ୍ଡି ଚରିତ ଓ ଜ୍ଞାନ ଭକ୍ତି ଦର୍ଶନ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୧ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୪ର୍ଥ ଦିବସ , ସ୍ଥାନ: ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ଣ :୧୦ଟା।
- ମଣ୍ଡଳସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ପ୍ରବୋଧନର ୨ୟ ପର୍ଯ୍ୟାୟର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ଲିଙ୍ଗରାଜ ହାଇସ୍କୁଲ ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ଣ :୧୦ଟା।
- ରାତ୍ରୀ କାଳୀନ ସର୍ଟ ଗ୍ରାଉଣ୍ଡ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ଖେଳ ପଡିଆ, ସମୟ:ସନ୍ଧ୍ୟା ୬ରୁ ରାତ୍ର ୧୧ଟା।

## ରାୟଗଡ଼ା
- ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ବନ୍ଦ ଡାକରା, ସ୍ଥାନ: ରାୟଗଡ଼ା, ସମୟ: ସକାଳ ୬ଟା।

## କୋରାପୁଟ
- ବାର୍ଷିକ ଉତ୍ସବ, ସ୍ଥାନ: ପୁକାଲି ସେବା ଆଶ୍ରମ, ପଟ୍ଟାଙ୍ଗି ସମୟ: ପୂର୍ବାହ୍ଣ ୧୧ଟା।

## ସମ୍ବଲପୁର
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆନ୍ଦୋଳନ, ସ୍ଥାନ : ଲକ୍ଷ୍ମୀ ଟକିଜ ଛକ, ସମୟ :ସକାଳ ୬ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ନୂଆଁପଡା ଜିଲା ଓ କୋରାପୁଟ ଜିଲାର ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ଣ ୩ଟା।
- ହୀରାକୁଦ କ୍ରୀଡାସଂଘ ଆୟୋଜିତ ଫୁଟବଲ ମ୍ୟାଚ, ସ୍ଥାନ : ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ : ଅପରାହ୍ଣ ୩ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଭାରତ ବନ୍ଦ ପରିପ୍ରେକ୍ଷୀରେ ବଲାଙ୍ଗୀର ବନ୍ଦ, ସ୍ଥାନ: ବଲାଙ୍ଗୀର ଜିଲା,ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ଭାରତ ବନ୍ଦ ବିକ୍ଷୋଭ ସଭା, ସ୍ଥାନ: ଚାରିଛକ, ଲୋଇସିଂହା,ସମୟ: ପୂର୍ବାହ୍ଣ ୧୧ଟା।
- ଲୋଇସିଂହା ଏନଏସିସ୍ତରୀୟ ବିଧାୟକ କପ୍ ଫୁଟବଲ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ଣ ୩ଟା।

## ରାଉରକେଲା
- ଆର୍‌ଏସ୍‌ପି ଅବସରପ୍ରାପ୍ତ ସଂଘ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: କୋଏଲ ନଗର, ସମୟ: ପୂର୍ବାହ୍ଣ ୧୧ଟା।
- ବାମପନ୍ଥୀ ଦଳ ପକ୍ଷରୁ ସାଧାରଣ ଧର୍ମଘଟ ଓ ପିକେଟିଂ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୬ଟା।
- ଏଫ୍‌ଆଇଏଚ୍ ପୁରୁଷ ହକି, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ବରଗଡ଼, ସମୟ:ସକାଳ ୮ଟା।
- ଜଙ୍ଗଲ ନିଆଁ ନିୟନ୍ତ୍ରଣ ଉପରେ ସଚେତନତା ବୈଠକ, ସ୍ଥାନ:ବନଖଣ୍ଡ ଅଧିକାରୀଙ୍କ ସଭାକକ୍ଷ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ବିଭିନ୍ନ ଟ୍ରେଡ଼ ୟୁନିୟନ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା।
- ଫଗୁ ମହୋତ୍ସବର ଶେଷ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ଣ ୪ଟା।
- କୃଷି, ଉଦ୍ୟାନ, ପ୍ରାଣୀ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଶିରୋଲ ପ୍ରହରୀ ମଣ୍ଡପ, ସମୟ: ସକାଳ ୮ଟା।

## ବୌଦ୍ଧ
- ବୌଦ୍ଧରେ ଏଆଇଟିୟୁସି ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୦ଟା।

## ସୁବର୍ଣ୍ଣପୁର
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କଦଳୀପାଲି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- କରମସାନି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୧ଟା।

## ନୂଆପଡ଼ା
- ମଦର ଟେରେସା ସେବା ସଂଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ପୂର୍ବାହ୍ଣ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ତ୍ୟାଗସ୍ୱୀକାର ପୂର୍ବକ କୌଣସି ସାହାଯ୍ୟପ୍ରାର୍ଥୀଙ୍କୁ ସହାନୁଭୂତି ପ୍ରଦର୍ଶନ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ, ସମ୍ପର୍କୀୟଙ୍କ ଆକ୍ଷେପୋକ୍ତି ବ୍ୟସ୍ତତା ବଢ଼ାଇବ। ସାହିତ୍ୟକୃତି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ଏବଂ ସଭାସମିତିକୁ ନିମନ୍ତ୍ରଣଜନିତ ଖୁସି ରହିପାରନ୍ତି।

**ବୃଷ** ଶନି ତୃତୀୟାଧିପ ଚନ୍ଦ୍ରଙ୍କଠାରୁ କୋଣଭାବରେ ଥିବାରୁ ସମ୍ପର୍କୀୟଙ୍କ ସାହାଯ୍ୟରେ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବେ। ଆନୁଷ୍ଠାନିକ କାମରେ ସହକର୍ମୀଙ୍କ ଅସହଯୋଗ ଏବଂ ମନମୁଖି କାର୍ଯ୍ୟ ଯୋଗୁ ବ୍ୟସ୍ତତା ବଢ଼ିଯିବ। କଳା, କାରିଗରି, ବାଣିଜ୍ୟ, ବ୍ୟବସାୟ, ପରିବହନାଦି ପ୍ରାୟତଃ ଭଲରେ ଚାଲିବ।

**ମିଥୁନ** ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ମତପାର୍ଥକ୍ୟ, ଯାତ୍ରାରେ ଅସୁବିଧା ଏବଂ ବିବାଦୀୟ କ୍ଷେତ୍ରରେ ସମସ୍ୟା ବୃଦ୍ଧି କରିବ। ଆଜି ଦେହ ଭଲ ଲାଗି ନ ପାରେ। କଚେରି ମାମଲାର ଶୁଣାଣି ବିଳମ୍ବ ହେବାରୁ ବ୍ୟସ୍ତତା ଅନୁଭବ କରିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ।

**କର୍କଟ** ଧନ ସ୍ଥାନରେ କେତୁ ହେତୁ ଧନହାନି ଏବଂ ସାଧାରଣ କଥାରେ ଯୁକ୍ତିତର୍କଜନିତ ବିବାଦୀୟ ସ୍ଥିତି ସୃଷ୍ଟି ହେବ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। ପରିବାରର ବରାଦାନୁଯାୟୀ ସ୍ୱର୍ଣ୍ଣାଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିପାରନ୍ତି।

**ସିଂହ** ତୃତୀୟସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟିରେ ଥିବାରୁ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟରେ କାର୍ଯ୍ୟ ହାସଲ ହୋଇଯିବ। କର୍ମକ୍ଷେତ୍ରର କୌଣସି ସମସ୍ୟାକୁ ନେଇ ମନ ଦୁଃଖ ହୋଇପାରେ। ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଗୃହ ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** ଚତୁର୍ଥ ସପ୍ତମାଧିପ ଚନ୍ଦ୍ରଙ୍କଠାରୁ ଷଡ଼ାଷ୍ଟକ ସ୍ଥିତିରେ ରହି ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରେ ରଖିପାରନ୍ତି। ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି କେତେକ କାମକୁ ଚେଷ୍ଟା କଲେ ମଧ୍ୟ ଆରମ୍ଭ କରିପାରିବେ ନାହିଁ। କିନ୍ତୁ ସାହିତ୍ୟ, ସଙ୍ଗୀତ, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଧନ ସ୍ଥାନରେ କର୍ମାଧିପ ଅବସ୍ଥାନ କରିଥିବାରୁ ବକେୟା ଅର୍ଥ, ସଭାରେ ସମ୍ମାନ, ଗୃହୋପଯୋଗୀ ଜମିଜମା ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ସମ୍ପର୍କୀୟଙ୍କ ଦ୍ୱାରା ସ୍ଥଗିତ କର୍ମ ସମ୍ପାଦନ କରିବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଶାସନିକ କ୍ଷେତ୍ରରେ ଉପରିସ୍ଥଙ୍କ ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି।

**ବିଛା** ରାଶିରେ ଭାଗ୍ୟାଧିପ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଆଜିର କାମ ସହଜରେ ସମ୍ପନ୍ନ ହେବ। ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କଲେ ସମସ୍ୟାରେ ଛନ୍ଦି ହୋଇଯିବେ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସନ୍ତାନଙ୍କ ସମସ୍ୟା ସମାଧାନ ହେବାରୁ ବିଶେଷ ଖୁସି ଅନୁଭବ କରିବେ।

**ଧନୁ** ଦ୍ୱିତୀୟ ଭାବରେ ରବି ଓ ମଙ୍ଗଳ ରହିଥିବାରୁ ଆପଣଙ୍କ କଡ଼ାକଥା ବନ୍ଧୁଙ୍କ ମନରେ ଦୁଃଖ ଦେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୋଗ ବିଳାସର ପରିବେଶ ଉପଭୋଗ୍ୟ ହେବନାହିଁ। କର୍ମକ୍ଷେତ୍ରରେ ସୁଯୋଗର ସଦୁପଯୋଗ କାଠିକର ପାଠ ହୋଇପାରେ। ନିଜ ଲୋକେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ମକର** ସପ୍ତମାଧିପତି ଏକାଦଶସ୍ଥ ଯୋଗୁ ଆପଣଙ୍କ ବିଳାସବ୍ୟସନ, ମନୋରଞ୍ଜନ, ଭ୍ରମଣ ଓ ବନ୍ଧୁମିଳନ ପାଇଁ ଅନୁପ୍ରେରିତ ହେବେ। ଆଜି ଅଭିଳାଷ ପୂରଣ ହେବ। କୌଣସି କାମର ପ୍ରଥମାର୍ଦ୍ଧରେ ବାହାନା ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ପରିବାରରେ ଆର୍ଥିକ ଅନଟନ କାରଣରୁ ଧାର କରଜ କରିବାକୁ ପଡ଼ିପାରେ।

**କୁମ୍ଭ** ରାହୁ ସାଙ୍ଗରେ ବୁଧ ଏବଂ ଶୁକ୍ର ରହିଥିବାରୁ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନେ ଦୋଷ ଖୋଜି ବୁଲିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହୋଇପାରନ୍ତି।

**ମୀନ** ରାଶ୍ୟାଧିପ ଚତୁର୍ଥ ସ୍ଥାନକୁ ଦେଖୁଥିବାରୁ ଗୃହାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତିକୁ ନିମନ୍ତ୍ରଣାଦି କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ପରିବହନ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୧୨ ତାରିଖ, ଫାଲ୍‌ଗୁନ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ଗୁରୁବାର, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୦୧।୪୧ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଏକାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୧ ଗତେ ଘ.୦୭।୫୧ ମଧ୍ୟେ, ଘ୧୦।୫୨ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୧।୨୫ ଗତେ ଘ.୦୨।୫୦ ମଧ୍ୟେ ରାହୁକାଳ।

# ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

**କଲମପୁର, ୧୧।୨(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ ଦୁଲୁକିବନ୍ଧ ଛକରେ ବୁଧବାର ଏକ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଥାନା ଭେଜିଗୁଡା ଗ୍ରାମର ଶକ୍ତି ମାଝି ଓ ବିପିନ ମାଝି। ସୂଚନା ଅନୁସାରେ ଜୟପାଟଣା ବ୍ଲକ ଅନ୍ତର୍ଗତ ଭେଜିଗୁଡ଼ା ଗ୍ରାମର ଶକ୍ତି ଓ ବିପିନଙ୍କ ସହ ବାସୁଦେବ ମାଝୀ ଏକ ବାଇକ୍‌ରେ କୌଣସି କାମରେ ଜୟପାଟଣା ଯାଇଥିଲେ। ସେଠାରୁ କାମ ସାରି ନିଜ ଗାଁକୁ ଫେରୁଥିବା ସମୟରେ ଦୁଲକିବନ୍ଧ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶକ୍ତି ଓ ବିପିନଙ୍କ ମୃତ୍ୟୁ ହୋଇଥିବା ବେଳେ ବାସୁଦେବ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ହାଇୱା ସେଠାରୁ ଫେରାର ହୋଇଯାଇଛି। ଖବର ପାଇ କଲମପୁର ଥାନା ଅଧିକାରୀ ବିଶ୍ୱମ୍ଭର କହଁର, ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଅସୀତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପ କଥା,**
**କାଟେ ମଥା।**

କଥା କହିବାରେ ଶାଳୀନତା ଓ ସଂଯମ ରକ୍ଷା କରିବା ସର୍ବଦା ଉଚିତ ହୋଇଥାଏ। କଥାକୁ ଠିକ୍ ଭାବରେ କହି ନ ଜାଣିଲେ ଅନେକ ସମୟରେ ଦୁଃଖ ଓ ବିନାଶର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆପେ ମରେ ବଢ଼େଇ**
**ପର ମାରେ କମାର**
**ଘଇତା ମାରେ କେଉଟୁଣୀ,**
**ବଂଶ ମାରେ କୁମ୍ଭାର।**

ବଢ଼େଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀକୁ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ, କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରୁଥିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## 'ବନ୍ଦେ ମାତରମ୍'ର ୬ ...

ଯାହା ବୋଲାଯିବ ଆବଶ୍ୟକ ସ୍ଥଳେ ତା'ର ଏକ ମୁଦ୍ରିତ କପି ଯୋଗଦେଉଥିବା ବ୍ୟକ୍ତିମାନଙ୍କୁ ବଣ୍ଟନ କରାଯିବ। ଯେତେବେଳେ ଜାତୀୟ ଗୀତ ଗାନ କରାଯିବ, ଆନୁଷ୍ଠାନିକ ସଂସ୍କରଣକୁ ସମୂହ ଗାନ କରାଯିବ। ତେବେ କେଉଁ କେଉଁ ସ୍ଥାନରେ ଏହା ବୋଲାଯିବ ତା'ର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବା ସମ୍ଭବପର ନୁହେଁ। କିନ୍ତୁ ଯେତେବେଳେ ବି ଏହାକୁ ଗାନ କରାଯିବ ମାତୃଭୂମିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଉପଯୁକ୍ତ ଡେକୋରମ୍ ସହ ସମସ୍ତେ ଛିଡ଼ାହେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ସମସ୍ତ ସ୍କୁଲରେ, ସମୁଦାୟ ସହ ଦିନର କାର୍ଯ୍ୟ ଆରମ୍ଭ ଆଦିରେ ଜାତୀୟ ଗୀତ ବୋଲାଯିବା ଆବଶ୍ୟକ। ବିଦ୍ୟାଳୟ କର୍ତ୍ତୃପକ୍ଷ ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତକୁ ଅଧିକ ଲୋକପ୍ରିୟ କରାଇବା ପାଇଁ ସେମାନଙ୍କ କାର୍ଯ୍ୟକ୍ରମଗୁଡ଼ିକରେ ପର୍ଯ୍ୟାପ୍ତ ନିୟମ କରିବା ଉଚିତ। ଏଥିସହ ଛାତ୍ରୀଛାତ୍ରଙ୍କଠାରେ ଦେଶାତ୍ମବୋଧ ଜାଗ୍ରତ ପାଇଁ ଜାତୀୟ ପତାକାକୁ ସମ୍ମାନ ଦିଆଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ସେହିପରି ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ମଧ୍ୟ ଏହାକୁ ଗାନ କରାଯିବ।

ପ୍ରକାଶ ଯେ, ବଙ୍ଗଳା କବି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୦ ଦଶକରେ ଲିଖିତ 'ବନ୍ଦେ ମାତରମ୍' ବଙ୍ଗାଳୀ ଉପନ୍ୟାସ 'ଆନନ୍ଦମଠ'ର ଅଂଶବିଶେଷ ରୂପେ ୧୮୮୨ରେ ପ୍ରଥମେ ଆତ୍ମପ୍ରକାଶ କରିଥିଲା। ୧୯୫୦ ଜାନୁଆରୀ ୨୪ରେ ସମ୍ବିଧାନ ସଭାର ଏକ ସଂକଳ୍ପନାମାରେ ଏହା ଗୃହୀତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଆନ୍ଦୋଳନର ଘୋଷ ପାଲଟିଥିବା ଏହି ପଂକ୍ତିଗୁଡ଼ିକୁ 'ଜନ ଗଣ ମନ' ଭଳି ସମାନ ମର୍ଯ୍ୟାଦା ଦେବା ପାଇଁ ସେତେବେଳେ ସ୍ଥିର କରାଯାଇଥିଲା। କିନ୍ତୁ ଏହାର ଢେର ପୂର୍ବରୁ ୧୯୩୭ରେ କଂଗ୍ରେସ ଅଧିବେଶନ ବେଳେ ଏଥିରୁ ୪ଟି ପଂକ୍ତିକୁ ହଟାଇ ଦିଆଯାଇଥିଲା। ୨୦୨୫ ନଭେମ୍ବରରେ ଜାତୀୟ ଗୀତକୁ ୧୫୦ ବର୍ଷ ପୂରିଥିବାବେଳେ ଏହାର ଉଦ୍‌ଘାଟନୀ ସମାରୋହ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଗା ଦେବୀଙ୍କ ସମ୍ପର୍କିତ ପଂକ୍ତି ସହ ମୋଟ ୬ ପଂକ୍ତି ଗାନ କରି ଦେଶବାସୀଙ୍କୁ ଉତ୍ସାହିତ କରିଥିଲେ। ଏହାକୁ ରାଷ୍ଟ୍ର 'ନିର୍ମାଣର ମହାମନ୍ତ୍ର' ରୂପେ ଅଭିହିତ କରି କଂଗ୍ରେସର ଏଭଳି କାର୍ଯ୍ୟକୁ ମୋଦି ଐତିହାସିକ ଭୁଲ୍ ବୋଲି ସମାଲୋଚନା କରିଥିଲେ। ଗତବର୍ଷ ଶେଷ ଭାଗରେ ଏହାକୁ ନେଇ ଭାଜପା ଓ କଂଗ୍ରେସ ମଧ୍ୟରେ ବଡ଼ ବିତର୍କ ସୃଷ୍ଟି ହୋଇଥିଲା।

ଅନ୍ୟପକ୍ଷେରେ ଟିଏମ୍‌ସି, ଡିଏମ୍‌କେ ଓ ବାମପନ୍ଥୀ ଦଳଗୁଡ଼ିକ ବ୍ୟକ୍ତିଗତ ସ୍ୱାଧୀନତା ଓ ସଂଘୀୟ ବ୍ୟବସ୍ଥା ପ୍ରସଙ୍ଗ ଉଠାଇ ବିରୋଧ କରିଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିକୁ 'ଥୋପି ଦିଆଯାଇଥିବା ନିୟମ' ବୋଲି ସେମାନେ କହିଛନ୍ତି। ଦକ୍ଷିଣ ଭାରତୀୟ ଏବଂ ପୂର୍ବ ଭାରତର କିଛି ଦଳ ଯୁକ୍ତି କରିଛନ୍ତି, ଶିକ୍ଷାନୁଷ୍ଠାନରେ ଏଭଳି ନିୟମ ଲଦିବା ଦ୍ୱାରା ଆଞ୍ଚଳିକ ଭାବନା ଉପରେ ପ୍ରଭାବ ପଡ଼ିପାରେ। ଏଆଇଏମ୍‌ଆଇଏମ୍ ଭଳି ରାଜନୈତିକ ଦଳ ଓ କେତେକ ମୁସଲିମ ସଂଗଠନ ପୂର୍ବରୁ ବନ୍ଦେ ମାତରମ୍ ଗାଇବାକୁ ନେଇ ଆପତ୍ତି ଉଠାଇଆସିଛନ୍ତି। ସେମାନଙ୍କ ମତରେ, ଏହାକୁ ବାଧ୍ୟତାମୂଳକ କରିବା ସମ୍ବିଧାନ ପ୍ରଦତ୍ତ ଧର୍ମୀୟ ସ୍ୱାଧୀନତା ଉପରେ ଆକ୍ରମଣ। ସାଧାରଣତଃ ଜାତୀୟ ସଙ୍ଗୀତର ଅବଧି ୫୨ ସେକେଣ୍ଡ ଥାଏ, କିନ୍ତୁ ଏବେ ବନ୍ଦେ ମାତରମ୍‌ର ୬ଟି ଯାକ ପଂକ୍ତି (୩ ମିନିଟ ୧୦ ସେକେଣ୍ଡ) ଗାଇବାକୁ ବାଧ୍ୟତାମୂଳକ କରି ସରକାର ସାଙ୍କେତିକ ସମ୍ମାନ ଅପେକ୍ଷା କଠୋରତାକୁ ଅଧିକ ଗୁରୁତ୍ୱ ଦେଉଥିବା ବିରୋଧୀ ସମାଲୋଚନା କରିଛନ୍ତି।

## ନାବାଳିକା ପ୍ରେମିକା...

ପାର୍ଶ୍ୱରେ ରଞ୍ଜନ ବସିଥିବା ଦେଖି ପ୍ରେମିକା ତାଙ୍କ ଭିଣୋଇ ନୀଳମଣିଙ୍କୁ ଫୋନ ଯୋଗେ ଜଣାଇଥିଲେ। ନୀଳମଣି, ତାଙ୍କ ସ୍ତ୍ରୀ ଓ ତାଙ୍କ ସାଙ୍ଗ(ନାବାଳିକା)ଙ୍କୁ ବାଇକ୍‌ରେ ନେଇ ଅପରାହ୍ନରେ ବିରିଡିରେ ପହଞ୍ଚିଥିଲେ। ସମସ୍ତେ ମିଶି ବିରିଡି ରେଳଧାରଣା ନିକଟରେ ରଞ୍ଜନଙ୍କୁ ପ୍ରେମ ସମ୍ପର୍କରୁ ଓହରି ଯିବାକୁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଞ୍ଜନ ସେମାନଙ୍କ ଉପରକୁ ପଥର ଫିଙ୍ଗିଥିଲେ। ଏହି ସମୟରେ ରଞ୍ଜନ ପଛରେ ଥିବା ନୀଳମଣି ପଥର ଯୋଗେ ରଞ୍ଜନଙ୍କ ମୁଣ୍ଡ ପଛକୁ ଛେଚି ଦେଇଥିଲେ। ରଞ୍ଜନ ଅଚେତ ହୋଇଯିବା ପରେ ସମସ୍ତେ ମିଶି ଗିଲବାଡି ସହାୟତାରେ ରଞ୍ଜନଙ୍କ ବେକକୁ ଚିପି ମାରି ହତ୍ୟା କରିଥିଲେ। ସେହିଦିନ ସନ୍ଧ୍ୟାରୁ ରଞ୍ଜନଙ୍କ ଫୋନ ବନ୍ଦ ରହିଥିଲା। ମୃତଦେହ ବିରିଡି ରେଳଲାଇନ ପାର୍ଶ୍ୱରେ ପଡ଼ିଥିବା ୫ ତାରିଖ ଅପରାହ୍ନ ୪ଟାରେ ରଞ୍ଜନଙ୍କ ଭିଣୋଇ ସରୋଜଙ୍କୁ ସୂଚନା ମିଳିଥିଲା। ସରୋଜ ଦାସ ଥାନାରେ ଅଭିଯୋଗ କରିଥିଲେ। ରଞ୍ଜନଙ୍କ ପ୍ରେମିକା ଓ ସମ୍ପର୍କୀୟମାନେ ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଥାନାରେ ମାମଲା( ନଂ. ୬୦/୨୬) ରୁଜୁ ହୋଇଥିଲା। ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ତଦନ୍ତ କରି ହତ୍ୟାକାରୀଙ୍କ ନିକଟରେ ପହଞ୍ଚିଥିଲା। ହତ୍ୟାକାରୀଙ୍କୁ ମଙ୍ଗଳବାର ଗିରଫ କରାଯାଇ ହତ୍ୟାରେ ବ୍ୟବହୃତ ପଥର, ୨ଟି ଗିଲବାଡି ଓ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ସେମାନଙ୍କୁ ସମସ୍ତଙ୍କୁ ନେଇ ପୋଲିସ ସିନ୍ ରିକ୍ରିଏଶନ କରିବା ପରେ ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳିକା ପ୍ରେମିକା ଏବଂ ତାଙ୍କ ସାଙ୍ଗଙ୍କୁ ଜୁଭେନାଇଲ ହୋମ୍‌କୁ ପଠାଯାଉଥିବା ଜଣାପଡ଼ିଛି।

## ସିବିଏସ୍‌ଇ ଦ୍ୱାଦଶ ...

ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ସିବିଏସ୍‌ଇ ପକ୍ଷରୁ ଭାରତ ସହିତ ୨୬ଟି ଦେଶରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଆୟୋଜନ ହୋଇଥାଏ। ଏସବୁ ପରୀକ୍ଷାରେ ପ୍ରାୟ ୬୪ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥାନ୍ତି।

## ୧୦ ହଜାର ଟଙ୍କାର ...

ଲାଗିଛି। ଜରିମାନା ଅର୍ଥ ବହୁ ଅଧିକ ହୋଇଥିବା ଯୋଗୁ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ବାରମ୍ବାର ସରକାରଙ୍କ ଆଭିମୁଖ୍ୟ ପରିବର୍ତ୍ତନକୁ ନେଇ ଜନସାଧାରଣଙ୍କ ଭିତରେ ନାନା ଦ୍ୱନ୍ଦ୍ୱ ସୃଷ୍ଟି ହେଲାଣି। ଏହାରି ଭିତରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଫାଇନ ନ ଭରିବା ପର୍ଯ୍ୟନ୍ତ ପିୟୁସିସି ଦିଆ ନ ଯିବା ନେଇ ହାଇକୋର୍ଟଙ୍କ ନିଷ୍ପତ୍ତି ଠିକ୍। ରାଜ୍ୟରେ ୧ କୋଟି ଗାଡ଼ି ଗଡୁଥିବା ବେଳେ ପ୍ରଦୂଷଣର ମାତ୍ରା ମଧ୍ୟ ବଢ଼ିଚାଲିଛି। ତେଣୁ ସବୁ ଗାଡ଼ିର ପିୟୁସିସି କରାଯିବା ଜରୁରୀ। ଜନସାଧାରଣଙ୍କ ସୁବିଧା ପାଇଁ ଏପ୍ରିଲ ପହିଲା ପର୍ଯ୍ୟନ୍ତ ନିୟମ କୋହଳ କରାଯାଇଛି। ଏହି ଅବଧି ମଧ୍ୟରେ ସମସ୍ତେ ପିୟୁସିସି କରାଇନେବା ଆବଶ୍ୟକ। ପଲ୍ୟୁଶନ ଫାଇନ ୧୦ ହଜାର ଟଙ୍କାରୁ କମ୍ କରାଇବା ପାଇଁ ବିଚାର ଚାଲିଛି। ଆଗକୁ ଚେକିଂ କଡ଼ାକଡ଼ି ହେବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

## ଆଜି ଭାରତ ...

ଦିଆଯାଇଛି। ଶ୍ରମିକମାନେ ଦେଶବ୍ୟାପୀ କାର୍ଯ୍ୟ ବନ୍ଦ ରଖିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଅଲ ଓଡ଼ିଶା ବସ୍ ଆସୋସିଏଶନ କୋଷାଧକ୍ଷ ବରୋଦା ଆଚାର୍ଯ୍ୟ କହିଛନ୍ତି, ମାଲିକମାନେ ରାସ୍ତାରେ ବହୁ ଦାମିକା ଗାଡ଼ି ଚଳାଚଳ କରୁଛନ୍ତି। ବନ୍ଦ ପାଳନ ସମୟରେ କିଏ କୋଉଠି କେତେବେଳେ କାଚ ଭାଙ୍ଗିଦେବ ତାକୁ ଦେଖି କେତେଜଣ ବସ୍ ଚଳାଚଳ ନ କରିପାରନ୍ତି। ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ହେଲେ ଆସୋସିଏଶନ ବନ୍ଦ କରିବ ନାହିଁ ବସ୍ ଚଳାଇବ ଯଦି କେହି ରାସ୍ତାରେ ଅଟକାଇବେ ତେବେ ସେଠାରେ ରହିଯିବ ବୋଲି ଆଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ପିଲାମାନେ ସ୍କୁଲ, କଲେଜ ଯିବା ନେଇ ଏବେଠାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କାରଣ ଯଦି ଗାଡ଼ି, ମଟର ଚଳାଚଳ ନ କରିବ ତେବେ ପିଲାମାନେ ଶିକ୍ଷାନୁଷ୍ଠାନ କେମିତି ଯିବେ ତାହା ଦ୍ୱନ୍ଦ୍ୱରେ ଅଛି। ସରକାରଙ୍କ ପକ୍ଷରୁ ସ୍କୁଲ, କଲେଜ ଏବଂ ସରକାରୀ କାର୍ଯ୍ୟାଳୟ ବନ୍ଦ ନେଇ କିଛି ଘୋଷଣା କରାଯାଇନାହିଁ। ଅନ୍ୟପଟେ କଂଗ୍ରେସ ବରିଷ୍ଠ ନେତା ଜୟଦେବ ଜେନା କହିଛନ୍ତି, ରାଜ୍ୟର ଯେଉଁଠାରେ ସବୁ ଟ୍ରେଡ୍ ୟୁନିୟନ ରହିଛି ସେସବୁଠି କଂଗ୍ରେସ ବନ୍ଦକୁ ସମର୍ଥନ ଦେବ। ଜିଲା ମୁଖ୍ୟାଳୟଗୁଡିକରେ ମଧ ଟ୍ରେଡ୍ ୟୁନିୟନଗୁଡିକୁ ସମର୍ଥନ କରିବାକୁ କଂଗ୍ରେସ ନେତାମାନଙ୍କୁ କୁହାଯାଇଥିବା ଜୟଦେବ କହିଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ କହିଛନ୍ତି, କେନ୍ଦ୍ର ସରକାର ଶ୍ରମିକମାନଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବାକୁ ବସିଛନ୍ତି। ଶ୍ରମିକମାନଙ୍କ ସ୍ୱାର୍ଥକୁ ହତ୍ୟାକରି ମାଲିକମାନଙ୍କୁ ଲାଭ ଦେବାକୁ ଚେଷ୍ଟା କରାଯାଉଛି। ଅନେକ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ଘରୋଇକରଣ କରି ବଡ଼ ବଡ଼ କମ୍ପାନୀ ହାତକୁ ଟେକିଦିଆଯାଇଛି। ଭାରତବ୍ୟାପୀ ଶ୍ରମିକମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ର ବଜେଟରେ ଶ୍ରମିକମାନଙ୍କ ପାଇଁ କିଛି ହେଲେ ନାହିଁ। ତେଣୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ଏହାକୁ ସମର୍ଥନ କରିବ ବୋଲି ସୁବାସ କହିଛନ୍ତି।

ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ଧର୍ମଘଟ ଡାକରା ନିନ୍ଦନୀୟ। ଯେଉଁମାନେ ଶ୍ରମ ଆଇନରେ ସଂସ୍କାରକୁ ବିରୋଧ କରୁଛନ୍ତି ସେମାନେ କଳକାରଖାନା ବନ୍ଦର ମୁଖ୍ୟ ସୂତ୍ରଧର। ଶ୍ରମ ଆଇନରେ ସବୁ ସଂଶୋଧନ ଶ୍ରମିକମାନଙ୍କ ହିତରେ ଅଣାଯାଇଛି। ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ସରକାରରେ ଥିବାବେଳେ ଶ୍ରମିକମାନେ ନିର୍ଯାତିତ ହେଉଥିଲେ ବୋଲି ଅନିଲ କହିଛନ୍ତି।

## ଆଜି ଭାରତ ବନ୍ଦ




## ଗଞ୍ଜାମ ଜିଲା ସଙ୍ଗଠନ ବିଷୟରେ ଆଲୋଚନାକଲେ ନବୀନ

ଭୁବନେଶ୍ୱର, ୧୧।୨(ସୁନିତ୍ ମିଶ୍ର)

ଗଞ୍ଜାମ ଜିଲାର ବିଜେଡି ନେତାମାନେ ବୁଧବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଆସି ଭେଟିଛନ୍ତି। ଏହି ଅବସରରେ ସେମାନେ ଦଳର ସାଙ୍ଗଠନିକ ସ୍ଥିତି, ଚାଷୀ ସମସ୍ୟା ଏବଂ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ନବୀନ ସବୁ ଜିଲା ନେତାମାନଙ୍କୁ ଦଳର ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ଲାଗି ପରାମର୍ଶ ଦେଇଛନ୍ତି। ନୂଆ ଭାବେ ଘୋଷିତ ହୋଇଥିବା ଜିଲାର ୭ଟି ୟୁଏଲ୍‌ବିରେ ପ୍ରଥମ କରି ନିର୍ବାଚନ ହେବ। ଏହାସହ ପଞ୍ଚାୟତ ନିର୍ବାଚନ ସମୟ ପାଖେଇଆସିଲାଣି। ତେଣୁ ଏବେଠାରୁ ଜିଲାସ୍ତରରେ ପ୍ରସ୍ତୁତି ଆରମ୍ଭ କରିବା ଉପରେ ନବୀନ ଗୁରୁତ୍ୱ ଦେଇଛନ୍ତି। ନିକଟରେ ମଣ୍ଡିଗୁଡ଼ିକରେ ଚାଷୀମାନେ ହଇରାଣ ହେଉଥିବା ବିଷୟରେ ବିରୋଧୀ ଦଳ ନେତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିଲାଗି ଗଞ୍ଜାମ ଜିଲାର ନେତାମାନେ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କନକବର୍ଦ୍ଧନଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

କଟକ,୧୧।୨(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାନସଭା ନିର୍ବାଚନୀ ମାମଲାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କ ବିରୋଧରେ ହାଇକୋର୍ଟରେ ଚାଲିଥିବା ନିର୍ବାଚନୀ ମାମଲା ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି। ଏଥିସହ ବିଜେଡିର ପରାଜିତ ପ୍ରାର୍ଥୀ ସରୋଜ ମେହେରଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି।

### ପାଟଣାଗଡ଼ ବିଧାନସଭା ନିର୍ବାଚନୀ ମାମଲା

ସୂଚନାନୁସାରେ, ପାଟଣାଗଡ଼ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେରଙ୍କୁ ପରାସ୍ତ କରିଥିଲେ। କିନ୍ତୁ ଏହି ନିର୍ବାଚନରେ ସିଂଦେଓ କେତେକ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ସରୋଜ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ମେହେରଙ୍କ ଦ୍ୱାରା ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ମାମଲାକୁ ରଦ୍ଦ କରିବା ପାଇଁ ସିଂଦେଓ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିଶନ୍ ଦାଏର କରିଥିଲେ। ମାତ୍ର ଉକ୍ତ ପିଟିଶନ୍‌କୁ ହାଇକୋର୍ଟ ଖାରଜ କରି ସିଂଦେଓଙ୍କ ବିରୋଧରେ ମାମଲା ଚାଲିବ ବୋଲି ରାୟ ଶୁଣାଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ବିନା ଶୁଣାଣିରେ ନିର୍ବାଚନୀ ମାମଲା ଖାରଜ କରିଥିବା ଅଭିଯୋଗ କରି ସିଂଦେଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଅନନ୍ତ-ସାଇ ବିବାଦର ପୂର୍ଣ୍ଣଚ୍ଛେଦ

ଭୁବନେଶ୍ୱର,୧୧।୨
(ସୌମ୍ୟରଞ୍ଜନ ରାଉତ)



ନାଣ୍ଟୁ ବାବୁ ଓ ସାଇ ସତ୍ୟଜିତ୍

ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁ ବାବୁ ଓ ଯାତ୍ରା ଖଳନାୟକ ସାଇ ସତ୍ୟଜିତ୍ ପଣ୍ଡାଙ୍କ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏନେଇ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଦୁହିଁଙ୍କ ଭିତରେ ଆଲୋଚନା ପରେ ସମାଧାନ ହୋଇଛି। ଉଭୟ ଗଣମାଧ୍ୟମ ଆଗରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅଭିନେତା ସାଇ କହିଛନ୍ତି, ମୋର ଦେହ ଅସୁସ୍ଥ ଥିଲା। ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ମଞ୍ଚରେ ଚଢ଼ିବି। ଏଥିପାଇଁ ବହୁତ ଉତ୍ସାହିତ ରହିଛି ବୋଲି ସେ କହିଛନ୍ତି। ସେହିପରି ନାଣ୍ଟୁ ବାବୁ କହିଛନ୍ତି, ସାଇଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଦେଖା କରିଥିଲି। ସେ ମଞ୍ଚରେ ଆଗଭଳି ଅଭିନୟ କରିବାକୁ ଯାଉଛନ୍ତି। ଏଥିସହ ମଞ୍ଚ ଚଢ଼ିବାକୁ ତାଙ୍କୁ ଅନୁମତି ମିଳିଛି। ମୟୂରଭଞ୍ଜ ଉଦଳାରେ ଚାଲିଥିବା ଯାତ୍ରାରେ ସାଇ ଅଭିନୟ କରିବେ ବୋଲି ସେ କହିଛନ୍ତି। ଏହି ସମାଧାନ ବେଳେ ସାଇଙ୍କ ମା'ବାପା ଉପସ୍ଥିତ ଥିଲେ।

## ଭାରତ ବନ୍ଦ ପାଇଁ ଯୁକ୍ତ୩ ତୃତୀୟ ସେମିଷ୍ଟର ପରୀକ୍ଷା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର,୧୧।୨(ସୁଚିସ୍ମିତା ସାହୁ)

ବାମଦଳ ଓ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡିକ ପକ୍ଷରୁ ଗୁରୁବାର ଭାରତ ବନ୍ଦ ଧର୍ମଘଟ ଡାକରା ଦିଆଯାଇଛି। ଏଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ କରାଯାଇ ନ ଥିଲେ ମଧ୍ୟ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ମହାବିଦ୍ୟାଳୟରେ ଗୁରୁବାର ୧୨ ତାରିଖରେ ହେବାକୁ ଥିବା ଯୁକ୍ତ୩ ତୃତୀୟ ସେମିଷ୍ଟର ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଏହିଦିନ ହେବାକୁ ଥିବା ସମସ୍ତ ପରୀକ୍ଷା ଆସନ୍ତା ୧୯ତାରିଖ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ହୃଷୀକେଶ ନାୟକ ସୂଚନା ଦେଇଛନ୍ତି। ଏନେଇ ସମସ୍ତ ମହାବିଦ୍ୟାଳୟକୁ ମେଲ୍ ମାଧ୍ୟମରେ ଅବଗତ କରାଇ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି।

# କ୍ଷମା ମାଗନ୍ତୁ ପୋଲିସ ମହାନିର୍ଦ୍ଦେଶକ: ବିଜେଡି

ଭୁବନେଶ୍ୱର, ୧୧।୨(ସୁନିତ୍ ମିଶ୍ର)

ରାଜ୍ୟ ମାନବାଧିକାର ଆୟୋଗ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ବିରୋଧ ନେଇ ୩ ଜଣ ପୂର୍ବତନ ଛାତ୍ର ତଥା ବିଜେଡି ନେତାଙ୍କ ବିରୋଧରେ ଆର୍ମସ ଆକ୍ଟରେ ହୋଇଥିବା ମାମଲାକୁ ନକଲି ବୋଲି ଅଭିହିତ କରିଛନ୍ତି। ଏହା ଜଣାପଡ଼ିବାରେ ରାଜ୍ୟ ସରକାରଙ୍କ ଉପରେ ବିଜେଡି ପ୍ରବଳ ବର୍ଷିବା ସହ ଏନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ କ୍ଷମା ମାଗନ୍ତୁ ବୋଲି କହିଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏଭଳି ମାମଲା ଯେପରି ନକଲି ହୋଇ ରୁଜୁ ନ ହୁଏ ସେଥିପ୍ରତି ଯତ୍ନବାନ୍ ହେବାକୁ ମାନବାଧିକାର ଆୟୋଗ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଦ୍ୱାରା ରୁଜୁ କରାଯାଇଥିବା ମାମଲା ମିଛ ପ୍ରମାଣିତ ହେବାପରେ ପୋଲିସ ମହାନିର୍ଦ୍ଦେଶକ କ୍ଷମା ମାଗିବା ଆବଶ୍ୟକ। ଭାଜପା ରାଜ୍ୟରେ କ୍ଷମତାକୁ ଆସିବା ପରେ ଓଡ଼ିଶାର ବିକାଶକୁ ଆଗେଇନେବା ପରିବର୍ତ୍ତେ କେବଳ ନାମ ଓ ରଙ୍ଗ ପରିବର୍ତ୍ତନକୁ ପ୍ରାଥମିକତା ଦେଇଆସୁଛି। ସେହି ପ୍ରକ୍ରିୟାରେ ରାଜ୍ୟର ଗୌରବମୟ ଶିକ୍ଷାନୁଷ୍ଠାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଏହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ଓ ଅନୁଷ୍ଠାନଗୁଡିକ ନାପସନ୍ଦ କରିଥିଲେ। ସେହି ସମୟରେ ପୁରାତନ ଛାତ୍ର ଓ କଟକ ସହରର ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ମାଲଗୋଦାମ ଥାନାରେ ବିଧାୟକ ବ୍ୟୋମକେଶ ରାୟ, ଲେନିନ୍ ମହାନ୍ତି ଏବଂ ଆଉ ଜଣେ ଛାତ୍ରନେତାଙ୍କ ବିରୋଧରେ ଆର୍ମସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଏହା ଏକ ମିଛ ମାମଲା ଦାବିକରି ଲେନିନ୍ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନବାଧିକାର କମିଶନ ମାମଲାର ରିପୋର୍ଟ ମାଗିଥିଲେ। ଶେଷରେ ମାନବାଧିକାର କମିଶନ ଏହି ମାମଲା ମିଛ ବୋଲି ତାଙ୍କ ରିପୋର୍ଟରେ ଦର୍ଶାଇଥିବା ଲେନିନ୍ କହିଛନ୍ତି।

# ଏଆଇ ଚାଳିତ ଶାସନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୧।୨
(ଅନୁରାଧା ମହାରଣା)

### ଐରାବତ ସହ ନଗର ଉନ୍ନୟନ ବିଭାଗର ସହଭାଗିତା


ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଓ ଐରାବତର ସିଇଓ ଅମର ନାଥ ବୁଝାମଣାପତ୍ର ସ୍ୱାକ୍ଷର କରୁଛନ୍ତି।

ରାଜ୍ୟରେ ସ୍ଥାୟୀ, ଭବିଷ୍ୟତ-ଉପଯୋଗୀ ଏବଂ ନାଗରିକ-କେନ୍ଦ୍ରିକ ସହର ଗଠନ ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ବୁଧବାର ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର 'ଐରାବତ୍ ରିସର୍ଚ୍ଚ ଫାଉଣ୍ଡେଶନ' (ଏଆରଏଫ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତା ମାଧ୍ୟମରେ ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ପାଢ଼ୀ କହିଛନ୍ତି, ଓଡ଼ିଶା ନିଜର ସହରଗୁଡ଼ିକୁ କେବଳ ସ୍ମାର୍ଟ ନୁହେଁ, ବରଂ ଅଧିକ ସମ୍ବେଦନଶୀଳ ଏବଂ ସମାବେଶୀ କରିବାକୁ ପ୍ରତିବଦ୍ଧ। ଏହି ସହଭାଗିତା ଏଆଇ ସହାୟତାରେ ସହରାଞ୍ଚଳ ସେବା ପ୍ରଦାନକୁ ଉନ୍ନତ କରିବ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବ। ଐରାବତର ସିଇଓ ଅମର ନାଥ କହିଛନ୍ତି, ସରକାର ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏଭଳି ସହଯୋଗ ଦ୍ୱାରା ଏଆଇ ସମାଧାନଗୁଡ଼ିକୁ ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ବିକଶିତ କରାଯାଇପାରିବ। ଏଆର୍‌ଏଫ୍ ଓଡ଼ିଶାରେ ଏକ ଦୃଢ଼ ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ବ୍ୟବସ୍ଥା ଗଠନ ପାଇଁ ପୂର୍ଣ୍ଣ ସହଯୋଗ କରିବ। ଏହି ସହଭାଗିତା ମାଧ୍ୟମରେ ଏଆର୍‌ଏଫ୍ ବିଭାଗର ଏଆଇ ଇନୋଭେଶନ ପାର୍ଟନର ଭାବରେ କାର୍ଯ୍ୟ କରିବ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ଏଆଇ-ପିଏମ୍‌ୟୁ ପ୍ରତିଷ୍ଠା କରାଯିବ, ଯାହା ଏଆଇ କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିବ। ରାଜ୍ୟ ପାଇଁ ଏକ ଦୀର୍ଘକାଳୀନ ଏଆଇ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯିବ। ଏହା ପୌରସଂସ୍ଥାଗୁଡ଼ିକରେ ବୈଷୟିକ ସଂସ୍କାର ଆଣିବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏଆଇର ନୈତିକ ଏବଂ ସ୍ୱଚ୍ଛ ପ୍ରୟୋଗ ପାଇଁ ତାଲିମ ପ୍ରଦାନ କରାଯିବ। ଏହି ସହଭାଗିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଡ. ସୁବ୍ରତ ବିଶ୍ୱାଳଙ୍କ ନେତୃତ୍ୱରେ ଇ-ଗଭ୍ ଫାଉଣ୍ଡେଶନ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଇ-ଗଭ୍ ଟିମର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଭୂପେନ୍ଦ୍ରଙ୍କୁ କ୍ରୀଡ଼ା ବିଭାଗର ଅତିରିକ୍ତ ଦାୟିତ୍ୱ

### ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୧।୨
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠାରୁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଦାୟିତ୍ୱ ଅପସାରଣ କରାଯାଇ କେବଳ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ରଶ୍ମିତା ପଣ୍ଡାଙ୍କୁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ରଶ୍ମିତାଙ୍କୁ ଓର୍‌ସାକ୍ (ଓଆର୍‌ଏସ୍‌ଏସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ବିଭାଗର ଅତିରିକ୍ତ ସଚିବ ସୁରେନ୍ଦ୍ର କୁମାର ମୀନାଙ୍କୁ ସିଏମ୍‌ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶିଳ୍ପ ନିର୍ଦ୍ଦେଶକ ଅବୋଲି ସୁନୀଲ ନରୱାଣେଙ୍କୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ପରିଚାଳନା ନିର୍ଦ୍ଦେଶକ, ରାଜ୍ୟ ଅର୍ଥ ନିଗମ ପରିଚାଳନା ନିର୍ଦ୍ଦେଶକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# ୩ ଲକ୍ଷରୁ ଊର୍ଦ୍ଧ୍ୱ କୋଟିର ଚିଠା ପ୍ରସ୍ତାବକୁ ବାଜିବ ମୋହର

ଭୁବନେଶ୍ୱର,୧୧।୨
(ରବିନାରାୟଣ ଜେନା)

### ୧୪ରେ ମନ୍ତ୍ରୀ ପରିଷଦ ବୈଠକ

ରାଜ୍ୟ ସରକାରଙ୍କ ପକ୍ଷରୁ ଫେବୃଆରୀ ୧୪ ତାରିଖ ସନ୍ଧ୍ୟା ୭ଟାରେ ମନ୍ତ୍ରୀପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ମନ୍ତ୍ରୀପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକବର୍ଷର ଚିଠା ବଜେଟ ପ୍ରସ୍ତାବକୁ ଅନୁମୋଦନ ଦିଆଯିବ। ଏଥିପାଇଁ ମଙ୍ଗଳବାର ଦୁଇଟି ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସବୁ ବିଭାଗର ବଜେଟ ପ୍ରସ୍ତାବ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଚଳିତବର୍ଷର ବଜେଟ ଅର୍ଥ ଖର୍ଚ୍ଚର ହିସାବ ନିଆଯିବା ସହିତ କେତେ ପ୍ରତିଶତ ସରେଣ୍ଡର କରାଯିବାର ସମ୍ଭାବନା ରହିଛି ତାହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାପରେ ସନ୍ଧ୍ୟା ସାଢ଼େ ୫ଟାରେ ମୁଖ୍ୟମନ୍ତ୍ରୀ ମାଝୀ ସବୁ ବିଭାଗର ବଜେଟ ସଂକ୍ରାନ୍ତୀୟ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ସମୀକ୍ଷା କରିଥିଲେ।

ବୈଠକର ସୂଚନା ଅନୁଯାୟୀ, ଆଗାମୀ ବଜେଟର ଆକାର ୩ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରହିବ। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ପୌର ଓ ପଞ୍ଚାୟତ ନିର୍ବାଚନ ରହିଥିବାରୁ ନଗର ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରାଯିବାର ରହିଛି। ଏପରି କି ସରକାରଙ୍କ ପକ୍ଷରୁ କେତେକ ନୂତନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯିବା ଉପରେ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ତେବେ ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଥିବାବେଳେ ୨୦୨୫-୨୬ ଆର୍ଥିକବର୍ଷରେ ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା। ମାତ୍ର ଆଗାମୀ ବଜେଟରେ ପ୍ରଶାସନିକ ଖର୍ଚ୍ଚକୁ କାଟଛାଣ୍ଟ କରି କିଭଳି କାର୍ଯ୍ୟକ୍ରମ ବ୍ୟୟ ତଥା ଭିତ୍ତିଭୂମି ସୁଦୃଢ଼ ଦିଗରେ ଅଧିକ ଖର୍ଚ୍ଚ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବାକୁ ରହିଛି।

ସୂଚନାଯୋଗ୍ୟ, ଆସନ୍ତା ୧୩ ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଏହାକୁ ୧୪କୁ ଘୁଞ୍ଚା ଯାଇଛି। ମନ୍ତ୍ରୀ ପରିଷଦ ବୈଠକ ପରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ ବୋଲି ସରକାରଙ୍କ ପକ୍ଷରୁ ସମସ୍ତ ମନ୍ତ୍ରୀଙ୍କୁ ବୁଧବାର ସନ୍ଧ୍ୟାରେ ଅବଗତ କରାଯାଇଛି।

# ଦୁର୍ଗମ ଜିଲାରେ ଶିଳ୍ପ ପାଇଁ ବାଟ ଫିଟିଲା

### ୩୧ ଶିଳ୍ପ ପ୍ରକଳ୍ପକୁ 'ଏଲ୍‌ଏସି'ର ଅନୁମୋଦନ

ଭୁବନେଶ୍ୱର,୧୧।୨
(ରବିନାରାୟଣ ଜେନା)

ରାଜ୍ୟର ବିଭିନ୍ନ ଅପହଞ୍ଚ ତଥା ଦୁର୍ଗମ ଜିଲାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ତଥା ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ବୁଧବାର ୩୧ଟି ଗୁରୁ ଶିଳ୍ପ ପ୍ରକଳ୍ପକୁ ଜମି ବଣ୍ଟନ ନେଇ ଅନୁମୋଦନ ପ୍ରଦାନ କରାଯାଇଛି। ଆଇଡିସିଓ ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଦୀର୍ଘଦିନ ଧରି ଅପେକ୍ଷାରତ ଶିଳ୍ପ ପ୍ରକଳ୍ପ ପାଇଁ ଜମି ବଣ୍ଟନକୁ ଅନୁମୋଦନ ଦିଆଯାଇଛି। ଏହା ରାଜ୍ୟରେ ପୁଞ୍ଜିନିବେଶ ଓ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଧ୍ୟକ୍ଷା କହିଛନ୍ତି।

ବୈଠକର ସୂଚନା ଅନୁଯାୟୀ, ଏହି ଅନୁମୋଦନ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶକୁ ସକ୍ରିୟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନୁମୋଦିତ ୩୧ ପ୍ରକଳ୍ପ ମଧ୍ୟରେ ଅଧିକାଂଶ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଜଡ଼ିତ। ଏଥିରେ ପୋଷାକ ଓ ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ କ୍ଷେତ୍ର ରହିଛି। କୋରାପୁଟ, କଳାହାଣ୍ଡି, ରାୟଗଡ଼ା ଭଳି ଦୁର୍ଗମ ଓ ଶିଳ୍ପବିହୀନ ଜିଲାରେ ଶିଳ୍ପ ପ୍ରକଳ୍ପ ନେଇ ଆଶା ଉଜ୍ଜୀବିତ ହେବ ବୋଲି ଜଣାଯାଇଛି। ବୈଠକରେ ଏମ୍‌ଏସ୍‌ଏମ୍‌ଇ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ବନ୍ଦ: ସକାଳ ସାଢ଼େ ୯ ସୁଦ୍ଧା କର୍ମଚାରୀ ପହଞ୍ଚିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୨(ରବିନାରାୟଣ ଜେନା)

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ଦିଆଯାଇଥିବା ୧୨ଘଣ୍ଟିଆ ବନ୍ଦ ଡାକରାକୁ ନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ବୁଧବାର ଏ ସଂକ୍ରାନ୍ତରେ ଗୃହ ବିଭାଗ ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର ସବୁ ବିଭାଗର ସଚିବଙ୍କୁ ପତ୍ର ଲେଖି ଲୋକସେବା ଭବନ ସମେତ ଖାରବେଳ ଭବନ, ରାଜୀବ ଭବନରେ ପ୍ରବେଶ କଟକଣା ନେଇ ସତର୍କ କରାଇଛନ୍ତି। ପାତ୍ର ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରୀ ଅଧିକାରୀ ଓ କର୍ମଚାରୀ ଗୁରୁବାର ସକାଳ ୯.୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଲୋକସେବା ଭବନର ମୁଖ୍ୟଦ୍ୱାର ସକାଳ ୧୦.୧୫ରେ ବନ୍ଦ ହେବ।

# ୨୦ରୁ ୨୭ ଯାଏ ହେବ ସ୍ୱତନ୍ତ୍ର ସାଇବର ସଚେତନତା ଅଭିଯାନ

କଟକ,୧୧।୨(କାର୍ତ୍ତିକ ସାହୁ)

### ରାଜ୍ୟ ପୋଲିସ ମୁଖ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ



ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥିତ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏବଂ ଅନ୍ୟମାନେ।

ରାଜ୍ୟରେ ବଢୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। କ୍ରାଇମବ୍ରାଞ୍ଚର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସନ୍ତା ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି।

ପ୍ରକାଶ ଯେ, ରାଜ୍ୟର ୨୦ଟି ପୋଲିସ ଜିଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଥାନାଗୁଡ଼ିକୁ ଉଦ୍‌ଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ। ଏହି ଥାନାଗୁଡ଼ିକୁ ସଶକ୍ତ କରିବା ପାଇଁ ସାଇବର ତାଲିମପ୍ରାପ୍ତ ପୋଲିସ କର୍ମଚାରୀ ଓ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏଥିସହ ସାଇବର ଥାନାଗୁଡ଼ିକର ଭିତ୍ତିଭୂମି ମଜଭୁତ କରିବା, ଅତ୍ୟାଧୁନିକ ସଫ୍ଟୱେର ଓ ହାର୍ଡୱେର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ଆଦି ବିଷୟରେ ଡିଜିପି ଆଲୋଚନା କରିଥିଲେ। ରାଜ୍ୟରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନାର କାର୍ଯ୍ୟଶୈଳୀ ଓ ସାଇବର ଅପରାଧ ନିୟନ୍ତ୍ରଣ ପଦକ୍ଷେପ ନେଇ ମଧ୍ୟ ଡିଜିପି ସମୀକ୍ଷା କରିଥିଲେ। ସେହିପରି ସିଇଆଇଆର୍ ପୋର୍ଟାଲ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ ଫୋନ ଟ୍ରାକିଂ, ବେନାମୀ ବ୍ୟାଙ୍କ ଖାତା ଓ ବେନାମୀ ସିମ୍‌କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ସହ ଏହାକୁ ରୋକିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ନିଯୁକ୍ତ କର୍ମଚାରୀଙ୍କୁ ସାଇବର ଫୋରେନସିକ ଓ ଆର୍ଥିକ ବିଶ୍ଳେଷଣ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲା ଏସ୍‌ପିମାନେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।

# ଫ୍ୟାକ୍ଟ ଶିଟ୍ ସଂଶୋଧନ କଲା ଆମେରିକା

ନୂଆଦିଲ୍ଲୀ/ୱାଶିଂଟନ, ୧୧।୨ (ପି.ଟି.)

### ହଟିଲା 'ସର୍ଟନ ପଲ୍‌ସେସ୍' ଶବ୍ଦ

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଜାରି ରହିଥିବା ବିବାଦ ମଧ୍ୟରେ ଏକ ବଡ଼ଧରଣର କୂଟନୈତିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆମେରିକାର ରାଷ୍ଟ୍ରପତି ଭବନ 'ହ୍ୱାଇଟ୍ ହାଉସ୍' ଏହି ଚୁକ୍ତି ସମ୍ପର୍କିତ ନିଜର ପୂର୍ବ ତଥ୍ୟ ବା 'ଫ୍ୟାକ୍ଟ ଶିଟ'କୁ ସଂଶୋଧନ କରିଛି।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ହୋଇଥିବା ସଂଶୋଧିତ ରିପୋର୍ଟରେ ଦୁଇଟି ମୁଖ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବ ରିପୋର୍ଟରେ ଉଲ୍ଲେଖ ଥିଲା ଯେ ଭାରତ ଆମେରିକାରୁ କିଛି ନିର୍ଦ୍ଦିଷ୍ଟ ଡାଲି ଜାତୀୟ ଶସ୍ୟ (ସର୍ଟନ୍ ପଲସେସ୍) ଆମଦାନୀ କରିବାକୁ ସମ୍ମତି ଦେଇଛି। କିନ୍ତୁ ନୂଆ ରିପୋର୍ଟରୁ ଏହି 'ସର୍ଟନ୍ ପଲସେସ୍' ଶବ୍ଦକୁ ହଟାଇ ଦିଆଯାଇଛି। ସେହିପରି ପୂର୍ବରୁ ଆମେରିକା କହିଥିଲା ଯେ ଭାରତ ୫୦୦ ବିଲିୟନ ଡଲାରର ସାମଗ୍ରୀ କିଣିବାକୁ ପ୍ରତିଶ୍ରୁତି ଦେଇଛି। ଏବେ 'ପ୍ରତିଶ୍ରୁତି'କୁ ପରିବର୍ତ୍ତନ କରି 'ଇଚ୍ଛା ପ୍ରକାଶ କରିଛି' ବୋଲି ଲେଖାଯାଇଛି।ଭାରତରେ ଡାଲି ଚାଷ ସମ୍ବେଦନଶୀଳ ପ୍ରସଙ୍ଗ। ଯଦି ଆମେରିକାରୁ ଶସ୍ତା ଡାଲି ଆସିଥାନ୍ତା, ତେବେ ଭାରତୀୟ କୃଷକମାନେ କ୍ଷତିଗ୍ରସ୍ତ ହୋଇଥାନ୍ତେ। ହ୍ୱାଇଟ୍ ହାଉସ୍ ଏହି ଶବ୍ଦ ହଟାଇବା ପରେ ଭାରତ ସରକାର କୃଷକଙ୍କ ସ୍ୱାର୍ଥ ସହ ବୁଝାମଣା କରି ନ ଥିବା କଥା କହିବାକୁ ସୁଯୋଗ ପାଇଛନ୍ତି। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଭାରତ ସରକାର ଆମେରିକା ପାଖରେ 'ଆତ୍ମସମର୍ପଣ' କରିଛନ୍ତି। ହ୍ୱାଇଟ୍ ହାଉସ୍‌ର ଏହି ପଛଘୁଞ୍ଚାକୁ ସରକାର ନିଜର କୂଟନୈତିକ ବିଜୟ ଏବଂ ରାହୁଲଙ୍କ ଅଭିଯୋଗକୁ ଭୁଲ୍ ପ୍ରମାଣ କରିବା ପାଇଁ ବ୍ୟବହାର କରୁଛନ୍ତି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆମେରିକା ପକ୍ଷରୁ ହୋଇଥିବା ଭ୍ରମାତ୍ମକ ଶବ୍ଦ ଚୟନକୁ ସଂଶୋଧନ କରାଯାଇଛି। ଭାରତ ନିଜର ସାର୍ବଭୌମତ୍ୱ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସର୍ବଦା ସଚେତନ।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

-ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ମାସନ୍ତ



# ଶାକାହାର ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ବୌଦ୍ଧଧର୍ମ ଏବଂ ଜୈନଧର୍ମ ଓଡ଼ିଶାର ପ୍ରମୁଖ ଧର୍ମ ଥିଲାବେଳେ ଶାକାହାର ବା ସାଦା ଖାଇବା ପରମ୍ପରା ଅଧିକ ଦୃଢ଼ୀଭୂତ ହୋଇଥିଲା। ଜଣେ ଅତ୍ୟଧିକ ଗରିଷ୍ଠ, ମସଲାଯୁକ୍ତ, ଆମିଷ କିମ୍ବା ରାଜସିକ ଖାଦ୍ୟ ପରିବର୍ତ୍ତେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରି ସନ୍ନ୍ୟାସ ଜୀବନଯାପନ କରୁଥିଲେ। ସାତ୍ତ୍ୱିକ ଖାଦ୍ୟ କହିଲେ ସାଧାରଣତଃ ଉଦ୍ଭିଦଜାତ ଖାଦ୍ୟକୁ ବୁଝାଏ। ଏହା ବ୍ୟତୀତ ଦୁଗ୍ଧଜାତ ଖାଦ୍ୟ ଯଥା ଘିଅ, ଦହି ଓ ଛେନା ଖାଇବା ପାଇଁ ଅନୁମତି ଥିଲା। ତାମସିକ ଖାଦ୍ୟ ଭାବରେ ମଦ୍ୟପାନ ଏବଂ ମାଦକ ଦ୍ରବ୍ୟକୁ ଗଣାଯାଉଥିଲା। କିନ୍ତୁ ଅବସର ବିନୋଦନ ଏବଂ ମୁଖ୍ୟତଃ ତାନ୍ତ୍ରିକ କାର୍ଯ୍ୟ ତଥା ଗ୍ରାମୀଣ ରୀତିନୀତିଗୁଡ଼ିକରେ ତାମସିକ ଖାଦ୍ୟ ଲୋକପ୍ରିୟ ଥିଲା। ବୈଷ୍ଣବଧର୍ମ ଉତ୍ଥାନ ପରେ ଶାକାହାର ଖାଦ୍ୟକୁ ବ୍ରାହ୍ମଣମାନେ ପ୍ରସାଦ ଭାବେ ଘୋଷଣା କଲେ ଏବଂ ଏହା ଶୁଦ୍ଧ ଓ ଅଶୁଦ୍ଧ ମଧ୍ୟରେ ଏକ ପ୍ରଭେଦକୁ ସାମ୍ନାକୁ ଆଣିଥିଲା। ଭାରତରେ ଯେଉଁ ସଂସ୍ଥାଗୁଡ଼ିକ ହିନ୍ଦୁଙ୍କୁ ଭୋଟ ବ୍ୟାଙ୍କ ଭାବରେ ଏକଜୁଟ କରିବା ସକାଶେ ଚାହାନ୍ତି, ସେମାନେ କେବଳ ଶାକାହାର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେଇଥାନ୍ତି। ହେଲେ ସେମାନେ ୮୦ ପ୍ରତିଶତ ହିନ୍ଦୁଙ୍କୁ ପୃଥକ ଭାବେ ଦେଖନ୍ତି ଏବଂ ଆଶ୍ଚର୍ଯ୍ୟର ବିଷୟ, ଖାଦ୍ୟ ମାଧ୍ୟମରେ ସେମାନେ କାହିଁକି ସବୁଗୋଷ୍ଠୀକୁ ଏକାଠି କରିପାରୁ ନାହାନ୍ତି। ଉଲ୍ଲେଖନୀୟ ଯେ, ଉତ୍ତର ଭାରତରେ ମୁସଲମାନ ଏବଂ ନିମ୍ନ ଜାତିର ଲୋକମାନେ ଥିଲେ ମାଂସ ପ୍ରିୟ। ମୋଗଲ ଶାସନ ପତନବେଳେ ରାଜପୁତ ରାଜାମାନେ ସ୍ୱାଧୀନତା ହାସଲ କରିବାକୁ ଲାଗିଲେ। ସେହି ସମୟରେ ସେମାନଙ୍କୁ ହିନ୍ଦୁ ଭାବେ ଘୋଷଣା କରାଗଲା। ପୂର୍ବ ଶାସକଙ୍କଠାରୁ ନିଜକୁ ଭିନ୍ନ ଦର୍ଶାଇବା ପାଇଁ ସେମାନେ ଶାକାହାରବାଦକୁ ପ୍ରୋତ୍ସାହିତ କରୁଥିଲେ। ଏହା ହିନ୍ଦୁଙ୍କର ଏକ ସଙ୍କେତ ବା ପରିଚୟ ପାଲଟିଗଲା। ନୀଚ ଜାତିର କୃଷକମାନେ ନିଜକୁ ଉଚ୍ଚ ଜାତି ବୋଲି ଦର୍ଶାଇବା ପାଇଁ ଖାଦ୍ୟପେୟ ଶୈଳୀ ବଦଳାଇଲେ, ଯାହାକି ସଂସ୍କୃତୀକରଣ ଭାବେ ଜଣାଶୁଣା। ତେଣୁ ଖାଦ୍ୟରୁ ଧର୍ମ ଓ ଜାତି ଜଣାପଡୁଥିଲା ଏବଂ ଏହା ଥିଲା ପୁରାତନ ବ୍ରାହ୍ମଣୀୟ ଧାରାକୁ ଶାକାହାରବାଦର ପ୍ରତ୍ୟାବର୍ତ୍ତନ।

ଶାକାହାର ଖାଦ୍ୟ ହିଂସାତ୍ମକ ନୁହେଁ ଓ ଏହା ପରିବେଶ ଅନୁକୂଳ ବୋଲି ଅନେକେ ଯୁକ୍ତି କରନ୍ତି। ଏପରିକି ଭାରତରେ ଶାକାହାର ଭୋଜନାଳୟଗୁଡ଼ିକ ନିଜକୁ 'ଶୁଦ୍ଧ' ଶାକାହାର ବୋଲି ଦର୍ଶାନ୍ତି, କିନ୍ତୁ ସେଗୁଡ଼ିକ ପ୍ରାଣୀ ପ୍ରୋଟିନ (କ୍ଷୀର, ଛେନା, ଦହି, ଲହୁଣି ଓ ଘିଅ) ଖାଇବାକୁ ଦେଇଥାନ୍ତି। ଯେତେବେଳେ ଏ ବିଷୟରେ କେହି ଜାଣନ୍ତି



ସେତେବେଳେ ଅହିଂସା ଉପାୟରେ ଦୁଗ୍ଧ ଉତ୍ପାଦନ ହୁଏ ବୋଲି କୁହାଯାଇଥାଏ। ସେହି ଯୁକ୍ତିକୁ ଦେଖିଲେ ଏହି ଭୋଜନାଳୟଗୁଡ଼ିକରେ ଅଣ୍ଡା ପରଷାଯିବା ଦରକାର। କିନ୍ତୁ ଭାରତରେ ବୈଷ୍ଣବ ସଂଗଠନଗୁଡ଼ିକ ମଧ୍ୟାହ୍ନ ଭୋଜନରେ ଗରିବ ଓ ଅଭାବୀ ଲୋକଙ୍କୁ ଅଣ୍ଡା ଦେବାକୁ ମନା କରନ୍ତି।

କୌଣସି ଉଦ୍ଭିଦରୁ ଭିଟାମିନ୍ ବି୧୨ ମିଳି ନ ଥାଏ, ବରଂ ଏହା କେବଳ ପ୍ରାଣୀଙ୍କଠାରୁ ମିଳେ। ହେଲେ ଏଭଳି ଯୁକ୍ତିକୁ କେହି ସ୍ୱୀକାର କରନ୍ତି ନାହିଁ। 'ଶୁଦ୍ଧ' ଶାକାହାର ଖାଦ୍ୟରେ ପିଆଜ,ରସୁଣ, ଛତୁ ଏବଂ କେତେକ ନିର୍ଦ୍ଦିଷ୍ଟ ଡାଲି ଓ ବାଇଗଣର ସ୍ଥାନ ନାହିଁ। ପ୍ରତ୍ୟେକ ଖାଦ୍ୟ ପଛରେ ଥିବା ଯୁକ୍ତି ସ୍ପଷ୍ଟ ନୁହେଁ, ଏହା କେବଳ ବିଶ୍ୱାସ ଓ ପରମ୍ପରା ଆଧାରିତ। ଯୁକ୍ତି କରାଯାଏ ଏହା ପଛରେ ବୈଜ୍ଞାନିକ ସିଦ୍ଧାନ୍ତ ଅଛି, କିନ୍ତୁ ତାହା ଏକ ଭୁଲ୍ ଧାରଣା। ଭାରତରେ ଖାଦ୍ୟ ଜାତିର ଏକ ସଙ୍କେତ ବୋଲି କେହି ସ୍ୱୀକାର କରିବାକୁ ଚାହାନ୍ତିନି । ଶୁଦ୍ଧତା ଉଚ୍ଚ–ନୀଚ ବର୍ଗୀକରଣକୁ ପ୍ରତିପାଦିତ କରେ। ମନୁସ୍ମୃତି ଓ ଧର୍ମଶାସ୍ତ୍ର ଶାକାହାର ସିଦ୍ଧାନ୍ତକୁ ପ୍ରୋତ୍ସାହିତ କରିପାରନ୍ତି, ହେଲେ ସେସବୁ ସ୍ୱୀକାର କରନ୍ତି ଯେ, ମାଂସାହାର ଓ ସୁରାପାନ ସାଧାରଣ ଜୀବନର ଏକ ଅଂଶ। ଏସବୁ ଶାସ୍ତ୍ର ଅଣ୍ଡା ଉପରେ କୌଣସି ମତ ଦେଇନାହାନ୍ତି। କିନ୍ତୁ ବ୍ରିଟିଶ ଶାସନ ସମୟରେ ଇସଲାମର ଶରିୟା ଆଇନରେ ଲୋକଙ୍କୁ ଈଶ୍ୱର କିମ୍ବା ମହମ୍ମଦଙ୍କ ଅନୁମତି ନେବାକୁ ପଡୁଥିଲା। ଏଭଳି ବିଶ୍ୱାସ ହିନ୍ଦୁ ଧର୍ମରେ ନାହିଁ, ତଥାପି ହିନ୍ଦୁ ଧର୍ମର ଗୁରୁମାନଙ୍କର ଯୁକ୍ତି ଯେ, ଶୁଦ୍ଧ ଶରୀର ଏବଂ ଆତ୍ମାନୁଭବ ସକାଶେ ଏକ ନିର୍ଦ୍ଦିଷ୍ଟ ପ୍ରକାର ଖାଦ୍ୟ ଦରକାର ଏବଂ ଏହା ଖାଇବାକୁ ବେଦ ପରାମର୍ଶ ଦେଇଛି। ଏପ୍ରକାର ସିଦ୍ଧାନ୍ତ ଜୈନଧର୍ମରେ ଅଛି ଯାହା ଜୀବନର କର୍ମଫଳ ଭୋଗକୁ ହିଂସାତ୍ମକ କାର୍ଯ୍ୟର ପ୍ରତିଫଳନ ବୋଲି ବିଚାର କରେ। ହଂସାତ୍ମକ କାର୍ଯ୍ୟ ଆତ୍ମାକୁ ନିମ୍ନମୁଖୀ କରାଇ ମୋକ୍ଷ ପଥରେ ବାଧା ଉପୁଜାଏ।

ହିନ୍ଦୁ ପରିଚୟ ବହନ କରୁଥିବା ରାଜନେତାମାନେ ହିନ୍ଦୁଙ୍କୁ ଚିହ୍ନଟ କରିବା ପାଇଁ ସମାନ ପ୍ରକାର ଖାଦ୍ୟ ନିୟମ ବା ସଂକେତ ଚାହୁଁଛନ୍ତି। ଶାକାହାର ଖାଦ୍ୟକୁ ସାତ୍ତ୍ୱିକ କୁହାଗଲେ ମଧ୍ୟ ଏହା ବିଶେଷକରି ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ଖାଦ୍ୟ। ବୈଶ୍ୟ ଥିଲେ ବଣିକ ଗୋଷ୍ଠୀର। ପୂର୍ବେ ଏହି ବଣିକ ବର୍ଗ ଥିଲେ ବୌଦ୍ଧ ଓ ଜୈନଧର୍ମାବଲମ୍ବୀ । ତେଣୁ ସେମାନେ ସେମାନଙ୍କ ପୁରାତନ ଖାଦ୍ୟାଭ୍ୟାସକୁ ପାଳନ କରିଆସିଛନ୍ତି। ବୈଦିକ ଯୁଗରେ ପଶୁବଳି ଥିଲା ରୀତିନୀତିର ଏକ ଅଂଶ। ପବିତ୍ର ରୀତିନୀତିରେ ମାଂସ ନୈବେଦ୍ୟ ନ ହେଲେ ଅନେକ ବ୍ରାହ୍ମଣ ତାହାକୁ ଛୁଉଁ ନ ଥିଲେ। ଏବେ ସୁଦ୍ଧା ଅନେକ ଉତ୍ତର ଭାରତୀୟ ବ୍ରାହ୍ମଣ ମାଂସ ଖାଆନ୍ତି ନାହିଁ। ତେବେ ପାହାଡ଼ିଆ ଏବଂ ଉପକୂଳ ଅଞ୍ଚଳରେ ବାସ କରୁଥିବା ଅନେକ ବ୍ରାହ୍ମଣ ଉପ–ଗୋଷ୍ଠୀ ମାଛ ଖାଆନ୍ତି। ଦେଖିବାକୁ ଗଲେ ମାଂସ, ମାଛ ଏବଂ ମଦ୍ୟପାନ ଭୈରବ ଏବଂ ଭବାନୀଙ୍କ ପରି ଦେବୀଙ୍କର ପ୍ରିୟ ହୋଇରହିଛି। ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ଖାଦ୍ୟକୁ ଶାକାହାର ଏବଂ ସାତ୍ତ୍ୱିକ କୁହାଯାଉଥିବା ବେଳେ ରାଜକୀୟ ଖାଦ୍ୟ ହେଉଛି ରାଜସିକ। ଅଧିକାଂଶ ରାଜ ପରିବାର ଦୁର୍ଗାଙ୍କୁ ପୂଜା କରୁଥିଲେ ଏବଂ ନବରାତ୍ରରେ ମା'ଙ୍କ ନିକଟରେ ମଇଁଷି ଓ ଛେଳି ବଳି ଦଆଯାଉଥିଲା। ବର୍ତ୍ତମାନ ମନ୍ଦିରଗୁଡ଼ିକ ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ନିୟନ୍ତ୍ରଣରେ ଥିବାରୁ ସେଠାରେ ମା'ଙ୍କୁ ମଇଁଷି ଓ ଛେଳି ବଦଳରେ ପାଣିକଖାରୁ ବଳି ଦିଆଯାଉଛି।

ଯଦି ବ୍ରାହ୍ମଣ ଓ ବୈଶ୍ୟଙ୍କ ଖାଦ୍ୟ ସାତ୍ତ୍ୱିକ ଓ ଶାକାହାର ଏବଂ ରାଜାଙ୍କର ଖାଦ୍ୟ ରାଜସିକ, ତେବେ ତାମସିକ ଖାଦ୍ୟ କାହାର। ଯଦି ତାମସିକ ଖାଦ୍ୟ ରାଜପୁତ ଖାଦ୍ୟ ନୁହେଁ, ଯଦି ବ୍ରାହ୍ମଣ ଖାଦ୍ୟ ନୁହେଁ, ଯଦି ବୈଶ୍ୟ ଖାଦ୍ୟ ନୁହେଁ, ତେବେ ଏହା କ'ଣ ଶୂଦ୍ର ଖାଦ୍ୟ ? ହେଲେ ଏହି ପ୍ରଶ୍ନର ଉତ୍ତର କାହାଠାରୁ ମିଳେ ନାହିଁ । ଏହା ମଧ୍ୟ କେହି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି ଯେ ପୂର୍ବରୁ 'ଅସ୍ପୃଶ୍ୟ' ଲୋକଙ୍କୁ ବଳକା କିମ୍ବା ବାସି ଖାଦ୍ୟ ଦିଆଯାଇଥିଲା ଏବଂ ଏହାର ବାସ୍ତବତା ସମ୍ପର୍କରେ ଦଳିତ ଲେଖକମାନେ ଗୁରୁତ୍ୱର ସହ ପ୍ରକାଶ କରୁଛନ୍ତି। ଏହିପରି ସିମ୍ପଲ ବା ସାଦା ଖାଦ୍ୟ ଭାରତର ସନ୍ନ୍ୟାସ ପରମ୍ପରାରୁ ସୃଷ୍ଟି ହୋଇଥିଲା ବେଳେ, ଶୁଦ୍ଧ ଖାଦ୍ୟ ଜାତି ବ୍ୟବସ୍ଥାରୁ ଉତ୍ପନ୍ନ ହୋଇଥିଲା। ତେବେ ହିନ୍ଦୁ ପରିଚୟର ସଙ୍କେତ ଭାବେ ଶୁଦ୍ଧ ଖାଦ୍ୟକୁ ବ୍ୟବହାର କଲେ ହିନ୍ଦୁମାନଙ୍କୁ ଏକତ୍ର କରିବା କଷ୍ଟକର ହୋଇଯିବ।

–devduttofficial@gmail.com

# ହସିବା ଲୋକ ବଞ୍ଚିବା ଜାଣେ



ଧ୍ରୁବ ଚରଣ ଘିବେଲା

ସ୍ଥଳବିଶେଷରେ ଛୋଟକାଟିଆ ସଭାର ଆୟୋଜନ କରାଯାଇଥାଏ। ସେଥିପାଇଁ ଅନେକଙ୍କୁ ଆମନ୍ତ୍ରଣ କରାଯାଏ। ସଭାରେ ପୁଣି ଛୋଟ ମଞ୍ଚଟେ ଥାଏ। ମଞ୍ଚ ମାନେ କିଛି ଚଉକି ବ୍ୟବସ୍ଥିତ ଥାଇ ତା' ସାମ୍ନାରେ ଛୋଟ ଟେବୁଲଟେ ଓ ମଞ୍ଚର ଭ୍ରମ ସୃଷ୍ଟି ପାଇଁ ଦୁଇ ତିନୋଟି ଭଲ ଚଉକି ପକା(ରଖା)ଯାଇଥାଏ। ଦର୍ଶକର ସାମ୍ନାରେ ଥାଏ ସେଇ ମଞ୍ଚ। ଦର୍ଶକ ମଞ୍ଚ ସାମ୍ନାରେ ଓ ଅତିଥି ମଞ୍ଚରେ ଥାଇ ସଭା ଆରମ୍ଭ ହୁଏ। ମଞ୍ଚର ଅତିଥି ସଫଳ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ତଥା ତାଙ୍କ ସଫଳତାର କୀର୍ତ୍ତି ଓ କୃତିକୁ ନିଜ ଦୃଷ୍ଟିକୋଣରୁ ଉଲ୍ଲେଖ କରିଥାନ୍ତି। ଥରେ ଜଣେ ଅଧିକାରୀ ନିଜ ସେବା ନିବୃତ୍ତିର ଅଳ୍ପ ଦିନ ପରେ ସେମିତି ଏକ ସଭା କରି ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରିଥିଲେ। ଅତିଥି ସେମିତି ମଞ୍ଚମଣ୍ଡନ କରିଥିଲେ। ନିଜ ବ୍ୟକ୍ତିତ୍ୱକୁ ବିଜ୍ଞପିତ କରିବା ପାଇଁ ସେବା ନିବୃତ୍ତ ଅଧିକାରୀ ଆଗରୁ ପ୍ରସ୍ତୁତ କରି ରଖିଥିଲେ ଅନେକ ମାନପତ୍ର। ନିଜେ ଆଗରୁ ପ୍ରସ୍ତୁତ କରି ରଖିଥିବା ମାନପତ୍ରକୁ ମଞ୍ଚାସୀନ ଅତିଥିଙ୍କ ହାତରୁ ଗ୍ରହଣ କରି ସେ ଅତ୍ୟନ୍ତ ଆନନ୍ଦିତ ତଥା ପୁଲକିତ ଥିଲେ। ସେଇ ସେବା ନିବୃତ୍ତ ଅଧିକାରୀ ତହିଁରୁ ସାଉଁଟୁଥିଲେ ପୁଳା ପୁଳା ଖୁସି ଓ ଭିନ୍ନ ସୁଖ। ମାନପତ୍ର ଗ୍ରହଣ କଲାବେଳେ ସେ ହସୁଥିଲେ। ଓଠରେ ତାଙ୍କର ଲଟକି ରହିଥିଲା ଧାରେ ଗାରେ ହସ।

ହସ କହିଲେ ନିଛକ ସ୍ୱଚ୍ଛ ମାନେ ନିର୍ଭେଜାଲ ହସ ହସିବା ଚାହି। ଜଟିଳ କୁଟିଳ ହସରୁ ଦୂରେଇ ରହିବା ଭଲ। ତହିଁରେ ବ୍ୟକ୍ତିର ସ୍ୱାସ୍ଥ୍ୟହାନି ହୁଏ। ସୁନ୍ଦର ହସ ଅନ୍ୟକୁ ଆମୋଦିତ କରିଥାଏ। ହସାଇଥାଏ ମଧ୍ୟ। ଖୁସିରେ ତ ଜଣେ ହସେ। ହସୁରା ମୁହଁ ସବୁବେଳେ ସୁନ୍ଦର। କାନ୍ଦୁରା ମୁହଁ ଅସୁନ୍ଦର ଲାଗେ। ଦୁଃଖ ବେଳେ ଯାହା ମଣିଷ ଗମ୍ଭୀର ଜଣାଯାଏ। ଦୁଃଖ ବେଳେ କେହି ଭାଙ୍ଗି ପଡ଼ିବା ଉଚିତ ନୁହେଁ। ଧୈର୍ଯ୍ୟ ସହିତ ଦୁଃଖକୁ ସାମ୍ନା କରିବା ଦରକାର। ଦୁଃଖ ଯାହାର ଯେତେ କମ୍, ସୁଖ ତାହାଠି ସେତେ ଅଧିକ। ଦୁଃଖ ବୋଲି ସବୁବେଳେ ଭାଳିହେଲେ ଦୁଃଖ ବଳେଇଯାଏ। ଛୋଟ ଛୋଟ ଦୁଃଖରେ କେହି ଭାଙ୍ଗି ପଡ଼ିବା ଉଚିତ ନୁହେଁ କି ସେ ନେଇ ଅହରହ ଭାଳିହେବା ମଧ୍ୟ ଉଚିତ ନୁହେଁ। ଛୋଟ ଦୁଃଖ କହିଲେ ଧରାଯାଉ କାହାର ପକେଟରୁ କେମିତି ଯେ ପାଞ୍ଚ ଶହ ଟଙ୍କା ଗଳି ପଡ଼ିଛି। ସେଇ ସ୍ଥିତିରେ ପାଞ୍ଚ ଶହ ଟଙ୍କା ଗଳିପଡ଼ିଲା ବୋଲି ଅତିଶୟ ଦୁଃଖ କରିବା ଅନୁଚିତ। ପଡ଼ି ହଜିଗଲା ଭାବିନେଲେ ଦୁଃଖ ରହି ନ ପାରେ। ସେଇ ସାମାନ୍ୟ କଥାକୁ ପାଞ୍ଚ ଲୋକ ଆଗେ ଆଜି ପାଞ୍ଚ ଶହ ଗଲା/ପଡ଼ିଗଲା କହିଚାଲିଲେ ଦୁଃଖ ଲଭିବା ଥୟ। ତା' ବୋଲି ଦୁଇ ଦିନ ନ ଖାଇ ହଜିବା ଟଙ୍କାକୁ ମେକଅପ କରିବା ଲକ୍ଷ୍ୟରେ ଯଦି କିଏ ନ ଖାଆନ୍ତି, ତାହା ଦୁର୍ଭାଗ୍ୟଜନକ ମନେହେବ ନିଶ୍ଚୟ। ଏମିତି ବିଭିନ୍ନ କାରଣରୁ ଦୁଃଖ ଭୋଗୁଥିବା ଲୋକଙ୍କ ସଂଖ୍ୟା ଆଜି ଦିନରେ ଅନେକ।

ଏ ଲେଖକ ଦେଖିଛି, ଅତି ନିକଟରୁ ତାଙ୍କ ବନ୍ଧୁ ସତ୍ୟପ୍ରିୟଙ୍କୁ, ଯିଏ ସହଜରେ କୌଣସି ସ୍ଥିତିରେ ବ୍ୟତିବ୍ୟସ୍ତ ହୁଅନ୍ତି ନାହିଁ। ତାଙ୍କ ଚାକିରି ଜୀବନରେ ସତ କହି ଅନେକ ଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି ଉପରିସ୍ଥ ଅଧିକାରୀଙ୍କ। ହେଲେ ସେ ମୁଣ୍ଡ ନୁଆଁଇ ନ ଥିଲେ କେବେ। ଧୈର୍ଯ୍ୟ ସହିତ ଦୁଃସ୍ଥିତିକୁ ସାମ୍ନା କରନ୍ତି। ସେଥିପାଇଁ ଅନୁଶୋଚନା କରନ୍ତି ନାହିଁ। ଦୁଃଖ କରି ଦୁଃଖିତ ହୁଅନ୍ତି ନାହିଁ। ତା'ରି ଭିତରେ ଅନେକ ବୁଲାବୁଲି କରନ୍ତି। ଭ୍ରମଣର ମଜା ନିଅନ୍ତି। ଆବଶ୍ୟକତା ଆଧାରରେ ଖାଇପିଇ ଖୁସିରେ ରହିବାକୁ ସେ ଅଧିକ ପସନ୍ଦ କରନ୍ତି। ସ୍ଥାନ କାଳ ପାତ୍ର ଉର୍ଦ୍ଧ୍ୱରେ ସବୁଠି ସେ ଅତି ସ୍ପଷ୍ଟ କଥା କହନ୍ତି। ସ୍ପଷ୍ଟ କଥା ସବୁବେଳେ ଥାଏ ସତ୍ୟଆଶ୍ରୟୀ। ସତ କହିଲେ ଅନେକଙ୍କୁ ଅସୁଖ ଲାଗେ। କ୍ୱଚିତ ସତକୁ ପସନ୍ଦ କରନ୍ତି। ସତ କହି ହଇରାଣର ସମ୍ମୁଖୀନ ହେଲେ ବି ସେ ସତ କହିବା ଛାଡ଼ି ନାହାନ୍ତି ବରଂ ସତ କହି ଖୁସି ଅନୁଭବ କରନ୍ତି। ଅସମୟରେ ସେ ହସି ଜାଣନ୍ତି। ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି ହସି ଜିଇବାକୁ ଭଲ ପାଆନ୍ତି।

ସାଧାରଣତଃ ରୋଗୀ ଭୋଗୀ ଦୁଃଖ ପାଆନ୍ତି। କୃପଣମାନେ ବି ଦୁଃଖ ଭୋଗନ୍ତି। ନିଜ ପାଇଁ ଯେଉଁମାନେ ଭଲ ଖାଇବାପିଇବାରେ, ଭଲ ପିନ୍ଧିବାରେ, ରୋଗ ହେଲେ ଚିକିତ୍ସା କରିବାରେ କୁଣ୍ଠିତ ଥାଆନ୍ତି, ସେମାନେ ସତରେ ଦୁଃଖ ପାଆନ୍ତି। ନିଜେ ନିଜ ପାଇଁ ଦୁଃଖ ଭୋଗ କରନ୍ତି। ସେମାନେ ସେସବୁ କରିବାରେ କୁଣ୍ଠିତ ନ ହେଲେ ନିଶ୍ଚୟ ସୁଖ ଅନୁଭବ କରିବେ। ହସଖୁସିରେ ରହିବେ। ଭଲରେ ରହିବା ପାଇଁ ଯେଉଁଦିନ ଯିଏ ବୁଝିବ 'ହସ ଗୋଟେ ସୁନ୍ଦର ଔଷଧ', ସେଇଦିନଠୁ ସେ ହସିବା ଆରମ୍ଭ କରିବ। ଆଉ ହସିବା ଧାରାରେ ବରାବର ରହିଲେ ସୁନ୍ଦର ଜୀବନଟେ ଜିଇବା ସହଜ ହୋଇଆସେ। ପୁଣି ହସିବା ଲୋକର ବିଶେଷ ଅସୁବିଧା ନ ଥାଏ। ଖିଲି ଖିଲି ହସ ଭଳି ଜୀବନ ନଈର ସୁଅ ସୁନ୍ଦର ବହିଚାଲେ ଆଗକୁ ଆଗକୁ ସେଇ ହସୁରା ଲୋକଙ୍କ ପାଇଁ। ଶେଷକୁ ଏହା କହିବା ଯଥାର୍ଥ ହେବ, 'ହସିବା ଲୋକ ଜିଇବା ଜାଣେ'।

ବଉଦରାଜ, ବୌଦ୍ଧ
ମୋ. ୯୪୩୭୪୭୮୪୬୬

## ଏଇ ଭାରତରେ

ଦିଲ୍ଲୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ଅତି ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ପ୍ରଦୂଷଣର କାରଣ ଭାବେ ଗାଡ଼ି, କଳକାରଖାନା ଓ ତାପଜ ବିଦ୍ୟୁତ କେନ୍ଦ୍ରକୁ ଯେତିକି ଦାୟୀ କରାଯାଉନି ତାହା ଅପେକ୍ଷା ଅଧିକ ଚର୍ଚ୍ଚା ହେଉଛି ନଡ଼ା ବା ଅନ୍ୟାନ୍ୟ ଶସ୍ୟବର୍ଜ୍ୟ ପୋଡ଼ିକୁ ନେଇ। ତେବେ ବାୟୁପ୍ରଦୂଷଣର ଗମ୍ଭୀରତା ଦେଖି ପଞ୍ଜାବ ଓ ହରିୟାଣା କୃଷକମାନେ ଏବେ ନଡ଼ାପୋଡ଼ି ହ୍ରାସ କରିପାରିଛନ୍ତି। ସେମାନେ ବିଲରେ ଖୁଣ୍ଟା ନ ପୋଡ଼ି ତାହାକୁ ବାୟୋଚାର୍ ବା ଜୈବଅଙ୍ଗାର କରିପାରୁଛନ୍ତି। ବିଦ୍ୟୁତ୍ ମୋହନଙ୍କ ଦ୍ୱାରା ନିର୍ମିତ ଏହି ଛୋଟ ମେଶିନ, ଯାହାର ନାଁ ଟକାଚାର୍, ତାହା ନଡ଼ାପୋଡ଼ିର ବିକଳ୍ପ ହୋଇପାରିଛି। ମୋହନ ମାସାଚ୍ୟୁସେଟସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏମ୍‌ଆଇଟି)ର ଗବେଷକ କେଭିନ୍ କଙ୍ଗଙ୍କ ସହଯୋଗରେ ଟକାଚାର୍ ନିର୍ମାଣ କରିଛନ୍ତି। ଏହାର ଆକାର ଛୋଟ ଓ ଦାମ କମ୍। ଏହି ମେଶିନକୁ ଟ୍ରାକ୍ଟରେ ସଂଯୋଗ କରାଯାଉଛି, ଯାହା କ୍ଷେତରେ ନଡ଼ାଖୁଣ୍ଟାକୁ ସାଉଁଟି ୪୦୦ରୁ ୭୦୦ ଡିଗ୍ରୀ ସେଲସିୟସ ଉତ୍ତାପରେ ଜୈବଅଙ୍ଗାରରେ ପରିଣତ କରିଦେଉଛି। ଏକ ଘଣ୍ଟାରେ ଏହି ମେଶିନ ୧ ମେଟ୍ରିକ ଟନ୍ ଖୁଣ୍ଟାକୁ ପ୍ରୋସେସିଂ କରିପାରୁଛି। ଜୈବଅଙ୍ଗାରକୁ ଏବେ କୃଷକମାନେ କହୁଛନ୍ତି ବ୍ଲାକଗୋଲ୍ଡ ବା କଳାସୁନା। ଏହାକୁ କ୍ଷେତରେ ପ୍ରୟୋଗ କରିବା ଯୋଗୁ ମାଟିର ଉର୍ବରତା ବୃଦ୍ଧି ପାଇବା ସହ ବାୟୋଫୁଏଲରେ ବ୍ୟବହାର ପାଇଁ ବିକ୍ରି କରାଯାଉଛି। ତେବେ ପଞ୍ଜାବର କୃଷକମାନେ ଏହି ମୋଇନ ବ୍ୟବହାର କରି ଗୋଟିଏ ଅମଳ ଋତୁରେ ୯୦ ପ୍ରତିଶତ ନଡ଼ାପୋଡ଼ି ହ୍ରାସ କରିପାରିଛନ୍ତି।

## ଚିରନ୍ତନୀ

ଓଢ଼ନା ତଳରୁ ଚାହିଁବା ସେ ତ
ଅଧିକ ପାପ
ଧରାପଡ଼େ ତହୁଁ ଗୋପନ ସବୁ
ମନର ମାପ । –(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 6 | | | 5 | 2 | 1 |
| | 2 | | 5 | 7 | | 4 | 8 | |
| | | 5 | 4 | | | | | 7 |
| 4 | | 7 | | | | | | 3 |
| 2 | | 6 | | | 5 | | 7 | 4 |
| 9 | | | | 8 | | | 5 | 6 |
| 1 | | | | 4 | | | | |
| 5 | 7 | | 8 | | 3 | 1 | | |
| 3 | | 2 | | 5 | 6 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 5 | 1 | 4 | 2 | 8 | 7 | 9 |
| 2 | 1 | 8 | 7 | 6 | 9 | 3 | 5 | 4 |
| 7 | 9 | 4 | 5 | 8 | 3 | 1 | 2 | 6 |
| 6 | 7 | 9 | 3 | 2 | 4 | 5 | 8 | 1 |
| 5 | 8 | 3 | 6 | 1 | 7 | 4 | 9 | 2 |
| 1 | 4 | 2 | 8 | 9 | 5 | 7 | 6 | 3 |
| 4 | 2 | 7 | 9 | 3 | 8 | 6 | 1 | 5 |
| 8 | 3 | 6 | 2 | 5 | 1 | 9 | 4 | 7 |
| 9 | 5 | 1 | 4 | 7 | 6 | 2 | 3 | 8 |

ଗତକାଲିର ଉତ୍ତର

# ଚଉପାଢ଼ିର ନୀରବତା



ଡ. ଉଷାରାଣୀ ଦାଶ

ଆଧୁନିକତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସୁବର୍ଣ୍ଣ ଯୁଗ ଭାବରେ ଅଭିହିତ ଏକବିଂଶ ଶତାବ୍ଦୀରେ ମୋବାଇଲ, ଇଣ୍ଟରନେଟ, ସାମାଜିକ ଗଣମାଧ୍ୟମ, କୃତ୍ରିମ ବୁଦ୍ଧିମତ୍ତା ଆଦି ମାଧ୍ୟମରେ ସମଗ୍ର ବିଶ୍ୱ ଆଜି ମଣିଷର ହାତମୁଠାରେ। କିନ୍ତୁ ଏହାର ଛାୟାତଳେ ମଣିଷ ଧୀରେ ଧୀରେ ନିଜ ସମାଜ, ପଡ଼ୋଶୀ ଓ ସମ୍ପର୍କୀୟମାନଙ୍କଠାରୁ ଦୂରେଇ ଯାଉଛି, ମାନବିକ ମୂଲ୍ୟବୋଧ କ୍ରମଶଃ ଅନ୍ଧକାରରେ ହଜିଯାଉଛି। ହାତରେ ମୋବାଇଲ, ମନରେ ସ୍ୱାର୍ଥପରତା, ଆଉ ଆଖିରେ ଅନ୍ୟର ଦୁଃଖ ପାଇଁ ଅନ୍ଧପୁତୁଳି ଆଜିର ସମୟର କଠୋର ସତ୍ୟ। ମଣିଷ ନିଜ ସ୍ୱାର୍ଥ, ସୁବିଧା ଓ ନିଜ ଦୁନିଆକୁ ନେଇ ଏତେ ବ୍ୟସ୍ତ ଯେ ନିଜ ବ୍ୟତୀତ ଅନ୍ୟର ଦୁଃଖ, ସମସ୍ୟା କିମ୍ବା ସଙ୍କଟକୁ ଦେଖିବାକୁ ଶୁଣିବାକୁ ତା'ର ଧୈର୍ଯ୍ୟ କି ସମୟ ନାହିଁ, ନାହିଁ ମଧ୍ୟ ସମସ୍ୟା ସମାଧାନରେ ହାତ ବଢ଼ାଇବାର ମନୋବୃତ୍ତି। ବିଜ୍ଞାନ, ପ୍ରଯୁକ୍ତି ଓ ସୁବିଧାର ଅତ୍ୟଧିକ ବିକାଶ ସତ୍ତ୍ୱେ, ମଣିଷ ନିର୍ଲିପ୍ତ, ସମ୍ପର୍କହୀନ, ସମ୍ବେଦନହୀନ ଓ ସ୍ୱାର୍ଥକେନ୍ଦ୍ରିକ ହୋଇପଡ଼ିଛି। ମଣିଷ ଏବେ ଭିଡ଼ରେ ଅଛି, କିନ୍ତୁ ମନରେ ଏକାକୀତ୍ୱ ଭାବ । ଡ. ଆମ୍ବେଡକର କହିଥିଲେ ସମାଜ ତାହାର ଶକ୍ତିରେ ନୁହେଁ, ତାହାର ସମ୍ବେଦନାରେ ପରିଚିତ ହୁଏ। ଆଜି ଏହି ସମ୍ବେଦନା ହିଁ ସମାଜରୁ ହଜିଯାଇଛି। ଆମେ ଆଗକୁ ବଢ଼ିଛୁ କିନ୍ତୁ ଏକାକୀ ହୋଇ।

ଏହି ସ୍ୱାର୍ଥକେନ୍ଦ୍ରିକ ମନୋଭାବ କେବଳ ସହରୀ ଜୀବନରେ ସୀମିତ ନୁହେଁ; ଏହା ଗ୍ରାମ ଜୀବନକୁ ଆବର୍ତ୍ତିତ କରି ଗ୍ରାମୀଣ ସମାଜ, ଯାହାକୁ ଏକ ସମୟରେ ସାମୂହିକତା, ସହଯୋଗ ଓ ଭାଇଚାରାର ପ୍ରତୀକ ବୋଲି ଗଣାଯାଉଥିଲା, ତାହାର ମୂଳ ଭିତ୍ତିକୁ ମଧ୍ୟ ଧ୍ୱଂସ କରିଦେଇଛି। ସମୟ ଥିଲା, ଯେତେବେଳେ ଗ୍ରାମର 'ଚଉପାଢ଼ି' ହେଉଥିଲା ସମସ୍ତଙ୍କ ମନର ମଞ୍ଚ, ସମାଜର ହୃଦୟ। ଏହା ଥିଲା ଗ୍ରାମର ସଂସଦ, ନ୍ୟାୟାଳୟ ଓ ସମ୍ପର୍କର କେନ୍ଦ୍ର। ଗ୍ରାମ ଚଉପାଢ଼ି ସମସ୍ୟା ସମାଧାନ (ଲୋକ ନ୍ୟାୟ), ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ, ସୂଚନା ଓ ଜ୍ଞାନ ଆଦାନପ୍ରଦାନ, ବୃଦ୍ଧ ଓ ଯୁବମାନଙ୍କ ମିଳନ ସ୍ଥଳ, ବିଶ୍ରାମ ଓ ସାମାଜିକ ମିଳନ ସ୍ଥଳ ଓ ଭାବ ବିନିମୟର ଏକ ନିର୍ବିବାଦୀୟ କେନ୍ଦ୍ର ଭାବରେ ପରିଚିତ ଥିଲା। ଘରୋଇ ବିବାଦ, ଜମି ସମସ୍ୟା ହେଉ କି ପାରିବାରିକ କଳହ, ଅନ୍ୟାୟ କିମ୍ବା ଦୁର୍ଦ୍ଦିନ ଲୋକେ ଚଉପାଢ଼ରେ ବସି ସମୂହ ଭାବେ ଆଲୋଚନା କରୁଥିଲେ। ସେଠାରେ ଲୋକେ ମନ ଖୋଲି କଥା ହେଉଥିଲେ, ଦୁଃଖ ବାଣ୍ଟୁଥିଲେ। ବୟସ୍କ, ଯୁବକ, ଗ୍ରାମର ଗଣ୍ୟମାନ୍ୟ ବ୍ୟକ୍ତିମାନେ ମିଶି ଆଲୋଚନା କରୁଥିଲେ ଓ ସମାଧାନ ଖୋଜୁଥିଲେ ଓ ପ୍ରତ୍ୟେକ ସମସ୍ୟାର ନ୍ୟାୟସଙ୍ଗତ ସମାଧାନ ହେଉଥିଲା। ଛୋଟ ସମସ୍ୟା ପାଇଁ କୋର୍ଟ କଚେରି ଯିବା ଆବଶ୍ୟକ ପଡୁ ନ ଥିଲା। ସେଠାରେ ଭରସା ଥିଲା, ସହଯୋଗ ଥିଲା ଓ ସାମାଜିକ ନ୍ୟାୟର ଏକ ସାମୂହିକ ଆଧାର ଥିଲା। ଏହା ଗ୍ରାମବାସୀଙ୍କୁ ଏକତା, ସହଯୋଗ ଓ ସାମାଜିକ ସମତାରେ ବାନ୍ଧି ରଖୁଥିଲା। କୁହାଯାଏ 'ଚଉପାଢ଼ିରେ ବସିଲେ ଦୁଃଖ ଅଧା ହୋଇଯାଉଥିଲା'। ଏହି କଥାରେ ଲୁଚିଥିଲା ସମୂହ ଭରସାର ଶକ୍ତି।

କିନ୍ତୁ ଏବେ ଲୋକେ ନିଜ ସମସ୍ୟାକୁ ସାର୍ବଜନିକ ମଞ୍ଚରେ ଆଣିବାକୁ ଚାହୁଁ ନାହାନ୍ତି। ଏହାର ପ୍ରଥମ କାରଣ ହେଉଛି ଭୟ। କହିଲେ କ'ଣ ଲାଭ ?, 'କେହି ସାହାଯ୍ୟ କରିବେ କି?' ନିଜେ ଆଉ ଅସୁବିଧାରେ ପଡ଼ିବିନି ତ ? ଏଭଳି ପ୍ରଶ୍ନ ମଣିଷକୁ ନୀରବ କରିଦେଇଛି। ଦ୍ୱିତୀୟ କାରଣ ହେଉଛି ଅନ୍ୟମାନଙ୍କର ଅନାସକ୍ତି। ଆଜି ଲୋକେ ଖୋଲାଖୋଲି କହିଦେଉଛନ୍ତି, 'ଏହା



ମୋର କଥା ନୁହେଁ'। ଏହି ପରିବର୍ତ୍ତନକୁ ଆମେ ଦୈନନ୍ଦିନ ଜୀବନରେ ସହଜରେ ଦେଖିପାରୁ। ଜମି ବିବାଦରେ ପଡ଼ିଥିବା ଗ୍ରାମର ଜଣେ ଗରିବ ଚାଷୀର ସମସ୍ୟା ପୂର୍ବରୁ ଚଉପାଢ଼ିରେ ଆଲୋଚିତ ହୋଇ ସମାଧାନ ହୋଇଯାଉଥିଲା, ଗ୍ରାମ ସମାଜ ତା' ପାଖରେ ଠିଆ ହେଉଥିଲା । ଏବେ ସେଇ ଚାଷୀ ଏକା, ନା ଗ୍ରାମ ସହଯୋଗ ନା ସମର୍ଥନ କରୁଛି ନା କେହି ମଧ୍ୟସ୍ଥତା କରିବାକୁ ଆଗ୍ରହ ଦେଖାଇଛନ୍ତି । ଶେଷରେ ସେ ଆଇନ ଅଦାଲତ, ଦଲାଲ ଓ ଶୋଷଣର ଶିକାର ହେଉଛି। ସବୁଠାରୁ ଭୟଙ୍କର କଥା ହେଉଛି ଏହି ସମସ୍ତ ଦୃଶ୍ୟ ଦେଖି ମଧ୍ୟ ଆମେ ନୀରବ। ମାର୍ଟିନ ଲୁଥର କିଙ୍ଗ ଜୁନିୟରଙ୍କ କଥା ଏଠାରେ ସ୍ମରଣୀୟ– ଖରାପ ଲୋକଙ୍କ ନିଚକର୍ମ ଅପେକ୍ଷା ଭଲ ଲୋକଙ୍କର ନୀରବତା ଆମ ସମାଜକୁ ସବୁଠାରୁ ଅଧିକ ନଷ୍ଟ କରେ।

ଏହି ପ୍ରସଙ୍ଗରେ ରବୀନ୍ଦ୍ରନାଥ ଟାଗୋର କହିଥିଲେ 'ଯେଉଁ ସମାଜରେ ମଣିଷ ଏକା ହୋଇଯାଏ, ସେଇ ସମାଜ ଆଗକୁ ବଢ଼ିପାରେ ନାହିଁ'। ଆଜି ମଣିଷର ଏହି ଏକାକୀପଣ କେବଳ ସାମାଜିକ ନୁହେଁ, ମାନସିକ ସଙ୍କଟର ମଧ୍ୟ କାରଣ ହେଉଛି। ଅବସାଦ, ହିଂସା, ଆତ୍ମହତ୍ୟା ପରି ସମସ୍ୟା ବଢୁଥିବା ପଛରେ ଏହି ସମୂହ ସହଯୋଗର ଅଭାବ ଗୋଟିଏ ବଡ଼ କାରଣ। ମଣିଷ ଯେତେବେଳେ ନିଜ ଦୁଃଖ କହିବାକୁ କାହାକୁ ପାଉନାହିଁ, ସେତେବେଳେ ସେ ଭିତରୁ ଭାଙ୍ଗିପଡୁଛି ।

ଏହି ସ୍ୱାର୍ଥପରତା କେବଳ ବ୍ୟକ୍ତିଗତ ସ୍ତରରେ ସୀମିତ ନୁହେଁ; ଏହା ସମଗ୍ର ସାମାଜିକ ଗଠନକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ଗ୍ରାମୀଣ ସମାଜର ଏକ ସମୟର ଜୀବନ୍ତ ସଂସ୍ଥା, ଗ୍ରାମର ସାମାଜିକ ଜୀବନର ମୂଳ କେନ୍ଦ୍ର 'ଚଉପାଢ଼ି' ଆଜି ନୀରବ ଓ ପରିତ୍ୟକ୍ତ। ଗଛ ଅଛି, ଚଉତରା ବା ପିଣ୍ଡି ଅଛି, କିନ୍ତୁ ଲୋକ ନାହାନ୍ତି। ସମସ୍ୟା ଅଛି, କିନ୍ତୁ କହିବାକୁ କେହି ନାହିଁ, ସାହାଯ୍ୟ ପାଇଁ ଡାକିବାକୁ କେହି ନାହିଁ, ଶୁଣିବାକୁ କେହି ନାହିଁ। କାହାର ଉପରେ ଅନ୍ୟାୟ ହେଲେ ମଧ୍ୟ, ଲୋକେ ମୁହଁ ଫେରାଇ ନେଉଛନ୍ତି। ଲୋକଙ୍କ ପାଖରେ ସମୟ ନାହିଁ, ଇଚ୍ଛା ନାହିଁ, ଆଉ ସାହସ ମଧ୍ୟ ନାହିଁ।

ଏବେ ସମସ୍ୟାରେ ପଡ଼ିଥିବା ଲୋକ ଏକା, ଆଉ ସମାଜ କେବଳ ଦର୍ଶକ। ଫଳରେ ମନରେ ଯନ୍ତ୍ରଣା, ସମାଜରେ ଅସନ୍ତୋଷ ଆଉ ସମ୍ପର୍କରେ ଶୂନ୍ୟତା ବଢ଼ିଚାଲିଛି। ସମୂହତାର ଅଭାବ ସମାଜରେ ଆସ୍ଥା କମାଇଦେଉଛି, ସମ୍ପର୍କ ଦୁର୍ବଳ ହେଉଛି, ସମାଜକୁ ଭିତରୁ ଦୁର୍ବଳ କରିଦେଉଛି। ସମୂହତାର ସ୍ଥାନରେ ବ୍ୟକ୍ତିଗତତା, ସହଯୋଗର ସ୍ଥାନରେ ଅବହେଳା ଏହା ହିଁ ଆଜିର ସମୟର କଠୋର ସତ୍ୟ।

ଯଦି ଆମେ ଏଭଳି ନୀରବ ରହୁ, ତେବେ ସମାଜ କିପରି ବଞ୍ଚିବ ? ଚଉପାଢ଼ିର ନୀରବତା କ'ଣ ଆମ ଅନ୍ତଃକରଣର ମୃତ୍ୟୁର ସଙ୍କେତ ନୁହେଁ? ଏହା ଭାବିବାର ସମୟ ଆସିଛି। ନ ହେଲେ ଆମେ ସମସ୍ତେ ନିଜ ନିଜ ସ୍ୱାର୍ଥରେ ବନ୍ଦୀ ହୋଇ ଏକ ନିଷ୍ଠୁର, ସହଯୋଗହୀନ, ସମ୍ବେଦନହୀନ, ସମ୍ପର୍କହୀନ ସମାଜ ଗଢ଼ି ତୋଳିବାକୁ ବାଧ୍ୟ ହେବା। ଏହି ପରିପ୍ରେକ୍ଷୀରେ ଗ୍ରାମର ଚଉପାଢ଼ି ଓ ସମୂହ ଆଲୋଚନା, ସହଯୋଗ ଓ ପଡ଼ୋଶୀପଣର ମୂଲ୍ୟକୁ ପୁନଃ ଅନୁଭବ କରିବା ବର୍ତ୍ତମାନ ସମୟର ଏକ ପ୍ରମୁଖ ଆବଶ୍ୟକତା। ଯଦି ଆମେ ନିଜ ସ୍ୱାର୍ଥର ଦେହଳୀରୁ ବାହାରି ଅନ୍ୟର ଦୁଃଖକୁ ନିଜର ବୋଲି ଭାବିପାରିବା, ତେବେ ଏକବିଂଶତମ ଶତାବ୍ଦୀ ସତରେ ମାନବିକ ଉନ୍ନତିର ଶତାବ୍ଦୀ ହୋଇପାରିବ।

ଗ୍ରାମ ଚଉପାଢ଼ିର ପରମ୍ପରା କେବଳ ଗତକାଲିର ସ୍ମୃତି ନୁହେଁ; ଏହା ଆମ ଭବିଷ୍ୟତର ଦିଗ୍‌ଦର୍ଶନ। ଯଦି ଗ୍ରାମର ସମୂହ ଆତ୍ମା ମରିଯାଏ, ତେବେ ସମାଜର ମୂଳ ମଧ୍ୟ ଦୁର୍ବଳ ହୋଇଯିବ। ଚଉପାଢ଼ର ପୁନରୁଦ୍ଧାର ଅର୍ଥ ସମୂହ ଚିନ୍ତା, ସମ୍ବେଦନା ଓ ଦାୟିତ୍ୱବୋଧକୁ ପୁନଃଜୀବନ ଦେବା। ସମସ୍ୟାକୁ ଏଡ଼ାଇବା ନୁହେଁ, ସମାଧାନ ପାଇଁ ଆଗେଇ ଆସିବା ଏହା ହିଁ ସୁସ୍ଥ ସମାଜର ପରିଚୟ।

ଏମ୍ସ, ଭୁବନେଶ୍ୱର
ମୋ:୯୪୩୮୧୩୩୬୧୨

## ପାଠକ ଶ୍ରେଷ୍ଠ ବିଚାରକ

### ପରଧନ ଦେଖି ବାଉଳା କିଆଁ

ମହାଶୟ,

ନିଜେ ଯାହା ନୁହଁ, ନିଜର ଆର୍ଥିକ ସମ୍ବଳ ବା ରୋଜଗାର ଯାହା ନୁହଁ, ନିଜର ଯୋଗ୍ୟତା ଯାହାନୁହଁ ତାହାଠାରୁ ଅଧିକ ଦେଖେଇ ହେବାକୁ ଯାଇ ବହୁଲୋକ ହୀନସ୍ତା ହେଉଛନ୍ତି। ଅନ୍ୟସହ ପ୍ରତିଯୋଗିତା କରି ଅଯଥା ଋଣଗ୍ରସ୍ତ ହେବା, ନାନାଦି ଦୁଃଖ କଷ୍ଟ ଭୋଗିବା,ପରିବାର ଭିତରେ ଅଶାନ୍ତି ସୃଷ୍ଟି କରିବା ଏବଂ ନିଜକୁ ତଥା ପରିବାରକୁ ଘୋର ବିପଦ ମଧ୍ୟକୁ ଠେଲି ଦେଉଥିବାର ଦେଖିବାକୁ ମିଳେ। ଆର୍ଥିକ ସଙ୍କଟରେ ପଡି କେହି କେହି ଆତ୍ମହତ୍ୟା କରୁଥିବାର ଜଣାଯାଏ। ଏହା ହିଁ ବିଡ଼ମ୍ବନା। କେବଳ ସେତିକି ନୁହେଁ, ଦୁର୍ନୀତିର ମଧ୍ୟ ଏହା ଏକ ବଡ କାରଣ ବୋଲି ନିଃସନ୍ଦେହରେ କୁହାଯାଇପାରେ। କାରଣ ବାବୁମାନେ ନିଜକୁ ଦେଖେଇ ହେବାକୁ ଯାଇ ନିଜର ଆୟଠାରୁ ଢେର ଅଧିକ ଅର୍ଥ ବ୍ୟୟ କରୁଛନ୍ତି ଏବଂ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ରୋଜଗାରଠାରୁ ଯେତେବେଳେ ଜଣେ ଅଧିକ ଅର୍ଥ ବ୍ୟୟ କରିବ, ସେତେବେଳେ ସେ ଚୋରି କରିବ ନାହିଁ ତ ଆଉ କ'ଣ ? ଅବୈଧ ଉପାୟ ଅବଲମ୍ବନ କରିବ ହିଁ କରିବ। ଏଣୁ ଏପରି ଏକ ଅବାସ୍ତବ, ଅବାଞ୍ଛିତ ଏବଂ କାଳ୍ପନିକ କଷ୍ଟରୁ ଦୂରେଇ ରହିବାର ସବୁଠାରୁ ସହଜ ଏବଂ ସରଳ ଉପାୟ ହେଉଛି ସରଳ ଜୀବନ ଏବଂ ଉଚ୍ଚ ବିଚାର। ପାଖରେ ଯେତିକି ଅର୍ଥ ଅଛି ସେଥିରେ ଆତ୍ମ ସନ୍ତୋଷ ଲାଭ କରିବା ଉଚିତ ଏବଂ ତାହାର ସତ୍ ବିନିଯୋଗ କରିବା ଉଚିତ। ଅନ୍ୟର ହାତୀ ଘୋଡା ଦେଖି ବାଉଳା ହେବା,ଚରମ ମୂର୍ଖାମି ବ୍ୟତୀତ ଅନ୍ୟ କିଛି ନୁହେଁ।

–ଶ୍ରୀକାନ୍ତ କୁମାର ମହାଳିକ
ଚାନ୍ଦବାଲି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪ ନିର୍ବାଚନମଣ୍ଡଳୀରେ ଏସ୍‌ଆଇଆର୍ ନେଇ ବୈଠକ

## କୌଣସି ତ୍ରୁଟି ନ କରି ସମୟ ଭିତରେ କାମ ସାର

ଭୁବନେଶ୍ୱର,୧୧।୨ (ସୁଜିତ୍ ମିଶ୍ର)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଏକାମ୍ର ହଲ୍‌ଠାରେ ବୁଧବାର ଭୁବନେଶ୍ୱର ଏକାମ୍ର, ଉତ୍ତର, ମଧ୍ୟ ଏବଂ ଜଟଣୀ ବିଧାନସଭା କ୍ଷେତ୍ରର ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ଭୋଟର ତାଲିକା ସଂଶୋଧନ, ନୂତନ ଭୋଟରଙ୍କ ନାମ ଯୋଡ଼ିବା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ, ଘରକୁ ଘର ସତ୍ୟାପନ ଓ ଘରେ ଘରେ ଯାଞ୍ଚ କାର୍ଯ୍ୟ, ତ୍ରୁଟିଶୂନ୍ୟ ଭୋଟର ଲିଷ୍ଟ ସମ୍ପର୍କରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନଙ୍କୁ ଅବଗତ କରାଇଛନ୍ତି। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର କହିଛନ୍ତି, ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚକରି ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ମ୍ୟାପିଂ ଶତ ପ୍ରତିଶତ କରିବା ଜରୁରୀ। ପ୍ରତ୍ୟେକ ଦିନ ବୁଥ୍‌ସ୍ତରରେ ସମୀକ୍ଷାକରି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ଯେଉଁ ବୁଥ୍‌ସ୍ତରରେ କମ୍ ପ୍ରତିଶତ ମ୍ୟାପିଂ ହୋଇଛି ସେହି ଅଞ୍ଚଳରେ କିପରି ଶତ ପ୍ରତିଶତ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନଦେବାକୁ ବିଏଲ୍‌ଓ ଏବଂ ସୁପରଭାଇଜରମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏକ କ୍ୟାମ୍ପ କରି ଆଶା, କର୍ପୋରେଟରମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା ସେମାନଙ୍କ ମ୍ୟାପିଂକୁ ତ୍ୱରାନ୍ୱିତ କରିବା ଦିଗରେ ଆଲୋଚନା କରିଛନ୍ତି। ଏ ସ୍ ଆ ଇ ଆ ର୍ ସମ୍ପର୍କରେ ଅଧିକରୁ ଅଧିକ ଭୋଟରଙ୍କ ମଧ୍ୟରେ ସଚେତନତା ଇସିଆଇ ନେଟ୍ ଡାଉନଲୋଡ୍ 'ବୁକ୍ ଏ କଲ୍ ଉଇଥ୍ ବିଏଲ୍‌ଓ'ମାଧ୍ୟମରେ ଭୋଟରମାନେ କିପରି ନିଜର ମ୍ୟାପିଂ ଓ ଭୋଟର ତାଲିକା ଆପ୍ ବିଷୟରେ ସନ୍ଦେହ ଦୂର ନେଇ ସଚେତନତା ବୃଦ୍ଧି କରିପାରିବେ ସେନେଇ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅଧିକାରୀମାନେ ବିଏଲ୍‌ଓମାନଙ୍କୁ ସତର୍କତା, ପାରଦର୍ଶିତା ଓ ନିଷ୍ପକ୍ଷତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ କାର୍ଯ୍ୟରେ କୌଣସି ତ୍ରୁଟି ନ କରି ସମୟସୀମା ମଧ୍ୟରେ ସବୁ କାର୍ଯ୍ୟ ସମ୍ପାଦନକରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

# ସଞ୍ଜ ନଇଁଲେ ଗାଁରେ ବୁଲୁଛନ୍ତି ଭାଲୁ



ଗାଁ ମଝିରେ ୨ଟି ଭାଲୁ ବୁଲୁଛନ୍ତି।

## ଗ୍ରାମବାସୀ ଭୟଭୀତ

ଆନନ୍ଦପୁର,୧୧।୨ (ସୁଶାନ୍ତ କୁମାର ସାହୁ)

ସଞ୍ଜ ନଇଁଲେ ଗାଁଦାଣ୍ଡରେ ପଲପଲ ହୋଇ ଭାଲୁ ବୁଲୁଛନ୍ତି। ଫଳରେ ଲୋକେ ଭୟରେ ଘରୁ ବାହାରୁନାହାନ୍ତି। ଗତ କିଛିଦିନ ହେବ ଏଭଳି ଦୃଶ୍ୟ କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ଅଳତି, ବେଲସୁନ୍ଦରୀ ଗ୍ରାମରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଏବେ ଜଙ୍ଗଲ ନଷ୍ଟ ଫଳରେ ବନ୍ୟପ୍ରାଣୀ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାଡ଼ି ବଗିଚାରେ ବରକୋଳି, ବେଲ ହୋଇଥିବା ବେଳେ ଗତ କିଛି ଦିନ ହେବ ଖାଇବା ଆଶାରେ ସଞ୍ଜ ନଇଁଲେ ଭାଲୁ ପଲପଲ ହୋଇ ଗାଁ ଭିତରକୁ ପଶି ଆସୁଛନ୍ତି। ଗାଁ ଦାଣ୍ଡରେ ବୁଲିବା ସହ ଗଛରେ ଚଢ଼ି ବରକୋଳି, ବେଲ ଆଦି ଖାଉଛନ୍ତି। ଲୋକେ ଭୟରେ ସନ୍ଧ୍ୟା ହେଲେ ଘରୁ ପଦାକୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ମଙ୍ଗଳବାର ରାତି ୯ଟା ସମୟରେ ଅଳତି ଗ୍ରାମର ମଦନମୋହନ ବରାଳ ଏବଂ ରଶ୍ମୀ ମହାରଣାଙ୍କ ଅଗଣାରେ ଥିବା ବେଲ, ବରକୋଳି ଗଛ ମୂଳରେ ୫ଟି ଭାଲୁ ବୁଲୁଥିଲେ। ସେଠାରୁ କୋଳି ଖାଇ ବେଲସୁନ୍ଦରୀ ଗାଁ ମୁହାଁ ହୋଇଥିଲେ। ଭାଲୁ ହିଂସ୍ର ଓ ବନ୍ୟପ୍ରାଣୀ ହୋଇଥିବାରୁ ତାକୁ ଦେଖିଲେ ଦୂରେଇରହିବା ସହ ତା' ବାଟରେ ଯିବାକୁ ଦେବାକୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଆବଶ୍ୟକ ସ୍ଥଳେ ଯଦି ଘଉଡ଼ାଇବାକୁ ଦରକାର ପଡ଼େ ସ୍ଥାନୀୟ ବନ କର୍ମଚାରୀଙ୍କ ସହାୟତା ନେବାକୁ ବନପାଳ କେଦାର ପାତ୍ର ପରାମର୍ଶ ଦେଇଛନ୍ତି।

# ପୋଲ ଉପରୁ ନଦୀକୁ ଡେଇଁଲେ ମହିଳା

## ଗୁରୁତର ଅବସ୍ଥାରେ ଉଦ୍ଧାର

ଉଦଳା,୧୧।୨ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଜିରିଡ଼ା ପୋଲ ଉପରୁ ୪୦ ଫୁଟ ତଳ ସୋନ ନଦୀକୁ ଡେଇଁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉଦଳା ଥାନା ମେଣ୍ଢାଖାଇ ଗ୍ରାମର ରତନୀ ବେହେରା। ବୁଧବାର ଅପରାହ୍ନ ସାଢେ ୩ଟାରେ ଅଚାନକ ସେ ନଦୀକୁ ଡେଇଁ ପଡ଼ିଥିଲେ। ଏହି ସମୟରେ ନଦୀରେ ମାଛ ଧରୁଥିବା ବ୍ୟକ୍ତିମାନେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୁଣ୍ଡ ବୁଲାଇଦେବାରୁ ପୋଲରୁ ତଳକୁ ଖସିପଡ଼ିଥିବା ରତନୀ ପୋଲିସ ଆଗରେ କହିଛନ୍ତି। ତେବେ ପୋଲରେ ସୁରକ୍ଷା ବାଡ଼ା ରହିଥିବା ସତ୍ତ୍ୱେ କିଭଳି ସେ ତଳକୁ ଖସି ପଡ଼ିଲେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟହେବ ବୋଲି ପୋଲିସ କହିଛି।

# ସାନଭାଇ ମୃତ୍ୟୁ ଖବର ଶୁଣି ଆଖିବୁଜିଲେ ବଡ଼

ମୋରଡ଼ା,୧୧।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ବଳଦିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇଙ୍କ ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଆଖି ବୁଜିଛନ୍ତି ବଡ଼ଭାଇ। ୨ ଭାଇ ହାତ ଧରାଧରି ହୋଇ ଛୋଟରୁ ବଡ଼ ହୋଇଥିଲେ। ଦୁହେଁ ଦୁହିଁଙ୍କୁ ନ ଦେଖିଲେ ରହିପାରୁ ନ ଥିଲେ। ହେଲେ ସେମାନଙ୍କ ଭଲ ପାଇବା ଦେଖି ସହି ପାରିଲାନି ନିଷ୍ଠୁର ବିଧାତା। ଏକାଠି ଜଳିଲା ଦୁହିଁଙ୍କ ଜୁଇ। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ଲସ ଟୁଡୁଙ୍କ ସାନ ପୁଅ ଲୁକାଇ(୩୦) ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଲୁକାଇଙ୍କ ମୃତ୍ୟୁ ଖବର ଶୁଣି ଘରେ ଥିବା ତାଙ୍କ ବଡ଼ଭାଇ ପାଲୁ ଟୁଡୁ (୩୨) ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ସହ ରାତିରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ଲୁକାଇ ଅବିବାହିତ ଥିବାବେଳେ ବଡ଼ ଭାଇ ପାଲୁଙ୍କ ସ୍ତ୍ରୀ ମମିତା ଏବଂ ୨ ଝିଅ ଅସହାୟ ହୋଇପଡ଼ିଛନ୍ତି। ୨ ଝିଅଙ୍କ ମଧ୍ୟରୁ ଜଣେ ୩ୟ ଏବଂ ଅନ୍ୟ ଜଣେ ୪ର୍ଥ ଶ୍ରେଣୀରେ ପଢୁଛନ୍ତି। ପିଲାମାନଙ୍କ ପାଠପଢ଼ା ବ୍ୟବସ୍ଥା କରିବା ସହ ସହାୟତା ପାଇଁ ମମିତା ନିବେଦନ କରିଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୭.୦୨.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ / ୧) ରବିନ୍ଦ୍ରନାଥ ସେଠୀ, ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) ମନୋରମା ସେଠୀ, ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) ମନୋରମା ସେଠୀ, ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲକୋ ଟାଉନସିପ୍ (ମାଇନିଂ ଅପରେଟର୍), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ରବିନ୍ଦ୍ରନାଥ ସେଠୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/ ୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୪,୦୦୦/- / ଟ.୨୧,୫୦୦/- |
| ୨. | ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ / ୧) କୈଳାସ ଚନ୍ଦ୍ର ଶତପଥୀ, ପିତା: କୃପାସିନ୍ଧୁ ଶତପଥୀ, ୨) ବାସନ୍ତୀ ଶତପଥୀ, ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) ଲକ୍ଷ୍ମୀକାନ୍ତ ଶତପଥୀ, ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- |
| ୩. | ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ / ୧) ପ୍ରମୋଦ କୁମାର ଆରୁଖ, ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) କନ୍ଧ ଚରଣ ଆରୁଖ, ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) ସୁମନ୍ତ ଦିହୁଡି, ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / ମୋଟ ବକେୟା:୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ପ୍ରମୋଦ କୁମାର ଆରୁଖଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- |
| ୪. | କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/ ୧) ଶ୍ରୀ ଅରୁଣ ଗୌଡ, ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) ଶ୍ରୀ କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) ଶ୍ରୀ ସୀମାଞ୍ଚଳ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- |
| ୫. | କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ / ୧) ଶ୍ରୀ ପ୍ରଭାକର ସାହୁ, ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା,୨) ଶ୍ରୀ ଅଶୋକ କୁମାର ସାହୁ, ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା / ମୋଟ ବକେୟା: ୦୧.୦୯.୨୦୧୮ ସୁଦ୍ଧା ଟ.୧୦,୨୧,୪୬୪/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ଟ.୨୯,୦୩,୦୦୦/- / ଟ.୨,୯୦,୩୦୦/- / ଟ.୨୯,୧୦୦/- |
| ୬. | କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/ ୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା, ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) ଦିବ୍ୟ ଲୋଚନ ବେହେରା, ପିତା: ଶତ୍ରୁଘନ ବେହେରା, ୩) ଶତ୍ରୁଘନ ବେହେରା, ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶତ୍ରୁଘନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/ ୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୧ ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- |
| ୭. | କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/ ୧) ଅଜିତ୍ କୁମାର ପଣ୍ଡା, ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) ଦୁର୍ଗା ମାଧବ ପଣ୍ଡା, ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- |
| ୮. | କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/ ୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ, ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) ସରୋଜିନୀ ପଣ୍ଡିତ, ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର ୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- |
| ୯. | ଗଜପତି ନଗର ଶାଖା, ଫୋନ୍: ୭୮୯୬୮୪୯୨୮୫/ ୧) ମେସର୍ସ ଶ୍ରୀ ସାଇ ଚାରଧାମ ଟ୍ରାଭେଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ନାରାୟଣ ମହାକୁଡ, ପିତା: ୰ ଲକ୍ଷ୍ମଣ ମହାକୁଡ, ସା: ରେଲ୍‌ୱେ ଷ୍ଟେସନ୍ ରୋଡ୍, ସିକ୍ୟୁରିଟି ହାଉସ୍ ବିପରୀତ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୫, ୨) ଶ୍ରୀ ନାରାୟଣ ମହାକୁଡ (ସ୍ୱତ୍ୱାଧିକାରୀ), ପିତା: ୰ ଲକ୍ଷ୍ମଣ ମହାକୁଡ, ସା: ରେଲ୍‌ୱେ ଷ୍ଟେସନ୍ ରୋଡ୍, ସିକ୍ୟୁରିଟି ହାଉସ୍ ବିପରୀତ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୫, ୩) ଶ୍ରୀମତୀ ସେବତୀ ମହାକୁଡ, ସ୍ୱାମୀ: ୰ ଲକ୍ଷ୍ମଣ ମହାକୁଡ, ସା: ରେଲ୍‌ୱେ ଷ୍ଟେସନ୍ ରୋଡ୍, ସିକ୍ୟୁରିଟି ହାଉସ୍ ବିପରୀତ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୫ / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୮,୮୫,୩୩୪.୬୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀମତୀ ସେବତୀ ମହାକୁଡଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୬୯, ପ୍ଲଟ୍ ନଂ.:୧୩୦, କ୍ଷେତ୍ର: ଏକର୦.୦୧୬.୫ଡିସିମିଲି ଯାହା ୭୧୫ ବର୍ଗଫୁଟ,ମୌଜା: ଗଣେଶ୍ୱରପୁର, ତହସିଲ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା,ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: କେନାଲ, ଉତ୍ତର: ବାବୁ ସାହୁ, ଦକ୍ଷିଣ: ବେଣୁ ସ୍ୱାଇଁ | ଟ.୧୪,୧୫,୦୦୦/- / ଟ.୧,୪୨,୦୦୦/- / ଟ.୧୪,୫୦୦/- |
| ୧୦. | ନୀଳକଣ୍ଠନଗର ଶାଖା, ଫୋନ୍: ୯୮୬୧୨୮୧୨୩୪ / ୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୨, ୨) ଶ୍ରୀ ନୀଳକଣ୍ଠ ମହାନ୍ତି, ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୧୮ / ମୋଟ ବକେୟା: ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୯୧.୫୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/ ୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୫,୦୦୦/- / ଟ.୧୨,୦୦୦/- |
| ୧୧. | ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ / ୧) ରଞ୍ଜନ କୁମାର ନାହାକ, ପିତା: ରାମ ଚନ୍ଦ୍ର ନାହାକ, ୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା), ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) ବିକ୍ରମ କୁମାର ନାହାକ, ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଗୁରୁବାରୀ ନାହାକ, ସ୍ୱାମୀ: ରାମ ଚନ୍ଦ୍ର ନାହାକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଯୋଗୀ ମହାପାତ୍ରଙ୍କ ଜମି | ଟ.୧୩,୧୦,୦୦୦/- / ଟ.୧,୩୧,୦୦୦/- / ଟ.୧୫,୦୦୦/- |
| ୧୨. | କୁଲ୍ଲାଡ ଶାଖା, ଫୋନ୍: ୭୨୦୫୫୮୧୪୭୧ / ୧) ରବିନ୍ଦ୍ର ନାୟକ, ପିତା: ବିଜୟ ନାୟକ, ୨) ବିଜୟ ନାୟକ, ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ୧) ରବିନ୍ଦ୍ର ନାୟକ, ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, ୨) ବିଜୟ ନାୟକ, ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | (୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/- (୨) ଟ.୫,୮୫,୦୦୦/- / ଟ.୬୦,୦୦୦/- / ଟ.୬,୦୦୦/- |
| ୧୩. | ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା,ଫୋନ୍: ୯୪୮୬୦୯୮୬୫୩/ ୧(କ) ଶ୍ରୀ ସଞ୍ଜୟ ରାଉଳ, ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ (ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ, ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ (ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ, ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ (ବନ୍ଧକଦାତା) / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ ଧୋବା ରାଉଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/ ୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୯,୭୫,୦୦୦/- / ଟ.୯୭,୫୦୦/- / ଟ.୧୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୭.୦୨.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୭.୦୨.୨୦୨୬ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୬.୦୨.୨୦୨୬ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.bank.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୧.୦୨.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
ODISHA POWER TRANSMISSION CORPORATION LIMITED (A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 13/ 2025-26:** PCC of 132kV S/Y adjacent area of ICCL switching station, choudwar under EHT (O&M) Division, Choudwar.

**2)Tender Call Notice No. ETCN/CTC/CLE/07/ 2025-26:** Construction of retaining wall at location no.25 of 132kV Kendrapara- Salipur SC line near river Gobari under EHT (O&M) Division, Paradeep under EHT (O&M) Circle,Cuttack.

**3)Tender Call Notice No. OTCN/CTC/CLE/13/ 2025-26:** Engagement of new commercially registered hired vehicle (9 seater AC Mahindra Bolero or equivalent) for 132/33kV Grid S/S, Nuapatna under EHT (O&M) Division, Choudwar under EHT (O&M) Circle,Cuttack.

**4)Tender Call Notice No. OTCN/CTC/CLE/14/ 2025-26:** Procurement of 04 nos. of bay marshalling kiosk for 132/33kV Grid S/S, Jagatsinghpur under EHT (O&M) Division, Cuttack under EHT (O&M) Circle,Cuttack.

**5)EOI Tender Call Notice No. 03 of 25-26:** Bids are invited from eligible Architect/Consultant firms through EOI for the work preparation of master plan towards development of unused area of 400/220/132kV GSS Meramundali under Civil Works Circle, Bhubaneswar.

**6)Tender Call Notice No. OTCN-07/2025-26:** Painting of different surfaces of boundary wall with multi colored animated drawing patterns and safety slogan imprint at 132/33kV Grid S/S, Balugaon, Purusottampur and left over portion of GSS, Ganjam under EHT (O&M) Division, Chatrapur.

**7)Tender Call Notice No. 03/2025-26:** Servicing, Repairing of ACs with supply of spare parts inside the control room of 220/132/33kV GSS, Narendrapur, 132/33kV GSS Digapahandi, 132/33kV GIS Hinjili under EHT (O&M) Division, Berhampur.

**8)Tender Call Notice No. 08/2025-26:** Checking & tightening of jumpers along with replacement of damaged clamps in 220kV and 132kV lines under EHT (O&M) Division, Kesinga.

**9)Tender Call Notice No. 48/BBS/2025-26:** Installation of 250KVA, 33/0.4kV Plinth mounted Station Transformer at Grid S/S, Ranasinghpur under EHT (O&M) Circle, Bhubaneswar.

**10)Tender Call Notice No. 49/BBS/2025-26:** One time cleaning, uprooting, cutting and cleaning of grass, wild plants, shrubs growing in the barren lands at different Grid S/S under EHT (O&M) Division, Bhubaneswar under EHT (O&M) Circle, Bhubaneswar.

**11)Tender Call Notice No. 08/BRL/2025-26:** Replacement of different types fire extinguishers of Ceasefire/Kenex make at 132/33kV Grid S/S, Maneswar/ Hirakud and 220/132/33kV GSS, Katapali under EHT (O&M) Division, Burla.

**12)Tender Call Notice No. 09/BRL/2025-26:** Supply and installation of 02 nos of 1.5 Tone split AC with all accessories at 132/33kV Grid S/S, Sambalpur under EHT (O&M) Division, Burla.

**13)Tender Call Notice No. 10/BRL/2025-26:** Jumper tightening at tension point of different 132kV EHT lines of 132/33kV T/L S/S S/D Sambalpur under EHT (O&M) Division, Burla.

**14)Tender Call Notice No. RKL 20/25-26:** Re-filling of fire extinguishers required at various Grid S/S under EHT (O&M) Division, Rourkela.

**15)Tender Call Notice No. RKL 21/25-26:** Supply and fixing of bay & equipment identification board required at 220/33kV GSS, Bonai under EHT (O&M) Division, Rourkela.

**16)Tender Call Notice No. 09/2025-26:** One time cleaning & uprooting of grass, weeds, shrubs and unwanted plants for non-metal area of different GSS under EHT (O&M) Division, Jayanagar under EHT (O&M) Circle, Jeypore.

**17)E-Tender Call Notice No. 26/2025-26:** Repair of defective 160 MVA Auto Transformer (GEC Alsthom make) at 220/132/33kV GSS Narendrapur under EHT (O&M) Division, Berhampur under EHT (O&M) Circle, Berhampur.

**18)Tender Call Notice No. 09/2025-26:** Checking and tightening of jumpers of 220kV tension towers maintained under 220kV T/L S/D Jayanagar under EHT (O&M) Division, Jayanagar.

**19)Tender Call Notice No. 13/CHP/2025-26:** Procurement of CT and CVT console box for different Grid S/Ss under EHT (O&M) Division, Chainpal.

**20)Tender Call Notice No. 10/2025-26:** Supply of different types of clamps & connectors for different Grid S/Ss under EHT (O&M) Division, Jayanagar under EHT (O&M) Circle, Jeypore.

**21)Tender Call Notice No. 11/2025-26:** Supply of different types of T&P materials for EHT (O&M) Division, Jayanagar under EHT (O&M) Circle, Jeypore.

**22)Tender Call Notice No. OTCN-05/2025-26:** Engagement of one no.of diesel run commercial registered light vehicle Non-AC 07 seater Bolero or equivalent for GSS, Anandapur and Jaipur town under EHT (O&M) Division, Jajpur Road.

**23)Tender Call Notice No. OTCN-04/2025-26:** Engagement of one no.of diesel run commercial registered light vehicle AC 07 seated Bolero or equivalent for the O/o the DGM (Ele.) under EHT (O&M) Division, Jajpur Road.

**24)Tender Call Notice No. JJPC-OT-26/2025-26:** Engagement of one no. of diesel run commercial registered hired vehicle 09 seated Bolero Neo or equivalent for E&MR S/D, Jajpur Road under E&MR Division, Jajpur Road under EHT (O&M) Circle, Jajpur Road.

**25)Tender Call Notice No. JJPC-OT-25/2025-26:** Engagement of one no. of diesel run commercial registered hired vehicle 09 seated AC Bolero Neo or equivalent for E&MR S/D, Balasore under E&MR Division, Jajpur Road under EHT (O&M) Circle, Jajpur Road.

**26)Tender Call Notice No. JJPC-OT-24/2025-26:** Engagement of one no. of diesel run commercial registered light vehicle Non-AC 05 seated Mahindra Camper or equivalent for GSS, Duburi under EHT (O&M) Division, Jajpur Road under EHT (O&M) Circle, Jajpur Road.

**27)Tender Call Notice No. JSG-12/2025-26:** Supply of manpower & hydra for lifting, shifting and recounting of approx. 220MT EHT tower materials of T/L S/D, Budhipadar under EHT (O&M) Division, Jharsuguda.

**28)Tender Call Notice No. JSG-13/2025-26:** Supply of different types of hardware fittings and clamp connectors for different Grid S/Ss under EHT (O&M) Division, Jharsuguda.

For more details please visit OPTCL's website: **www.optcl.co.in.** FIPR-96/2025-26

/optcl.odisha /optcl_odisha

**ସଂକ୍ଷେପରେ**

## ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା,୧୧।୨(କାଳିଚରଣ ଦାଶ)

ବୁଗୁଡ଼ା ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ସମାଜିକ କର୍ମୀ ପ୍ରଭାକର ପଣ୍ଡା, ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସରକାରୀ ଓକିଲ ହର ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ନିଷ୍ଠାପର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା ଅତିଥି ପରିଚୟ ଓ ଅଧ୍ୟାପକ ଅନିଲ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଗଞ୍ଜେଇ ଜବତ, ୨ ଗିରଫ

ଭଞ୍ଜନଗର,୧୧।୨(ବାବୁଲା ପ୍ରଧାନ):

ଭଞ୍ଜନଗର ଥାନା ପୋଲିସ ଯାନବାହାନ ଯାଞ୍ଚ କରିବା ବେଳେ ଏକ ବାଇକ୍‌ରୁ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲା ସାଲଗୁଡା ଗ୍ରାମର ନରେଶ କହଁର ଓ ଗଞ୍ଜାମ ଜିଲ୍ଲା ତାରାସିଂ ଗ୍ରାମର ଭିକାରୀ ଦଳବେହେରା। ମଙ୍ଗଳବାର ରାତିରେ ନିଧିଆପଲ୍ଲୀ ଛକରେ ଥାନା ଏସଆଇ ଏଲ. ବିଶ୍ୱାଳଙ୍କ ନେତୃତ୍ୱରେ ଯାନବାହାନ ଯାଞ୍ଚ ଚାଲିଥିଲା। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସନ୍ଦେହରେ ପୋଲିସ ଏକ ବାଇକ୍‌ରେ ଆସୁଥିବା ୨ ଜଣଙ୍କୁ ଅଟକାଇ ଯାଞ୍ଚ କରିବାରୁ ୨୯ କେଜି ଗଞ୍ଜେଇ ମିଳିଥିଲା। ପୋଲିସ ଉକ୍ତ ଗଞ୍ଜେଇ ସହ ୧୩୫୦ ଟଙ୍କା ଓ ବାଇକ୍ ଜବତ କରିଥିଲା। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ସେମାନେ କନ୍ଧମାଳରୁ ଭୁବନେଶ୍ୱରକୁ ବାଇକ ଯୋଗେ ଗଞ୍ଜେଇ ପରିବହନ କରୁଥିଲେ। ଏ ନେଇ ଭଞ୍ଜନଗର ଥାନାରେ ନଂ.୧୨୩/୨୬ରେ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଓଜନ ବେଳେ ଅତିରିକ୍ତ ତହସିଲଦାର ଅବିନାଶ ମହାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ।

## ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଗୋପାଳପୁର,୧୧।୨(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା କନିସିହାଟ ସ୍ଥିତ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅତିଥି ଭାବେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍, ଯୋଗଦେଇ ନୂତନ କୋଠକୁ ଉଦ୍‌ଘାଟନ କରିଥିଲେ। ଏହା ଜନସାଧାରଣଙ୍କ ସୁବିଧା ଓ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଏହି ନୂତନ ଭିତ୍ତିଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ଅତିରିକ୍ତ ଏସପି ଡ଼.ଆଲୋକ କୁମାର ଜେନା, କୈଳାଶ ଚନ୍ଦ୍ର ବୁରୁଦା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସପି ବିବେକାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ନ ଦେଇ ଜଳ ନିଷ୍କାସନ, ପ୍ରଶାସନର ଦ୍ୱାରସ୍ଥ ଚାଷୀ

ଛତ୍ରପୁର,୧୧।୨(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ଅଞ୍ଚଳରେ ଚାଷୀଙ୍କ ଏକମାତ୍ର ସାହାରା ସାଜିଥିବା କରାତଳି ତାମ୍ପରାରୁ ଜଳ ନିଷ୍କାସନ (ପାଣି କାଟି ଛଡାଯିବା) ଦ୍ୱାରା ଶତାଧିକ ଚାଷୀ ଏବେ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। କରାତଳି ତାମ୍ପରା ଉପରେ ଭିକାରୀପଲ୍ଲୀ, ସୁନ୍ଦରପୁର, ବିପୁଲିଙ୍ଗି, ମହାନାଦପୁର, ବଉଳଗାଁ ଏବଂ ପୁରୁଷୋତ୍ତମପୁର ବ୍ଲକ ସୁନାଥର ପଞ୍ଚାୟତର ଚାଷୀ ମାନେ ନିର୍ଭର କରୁଥିଲେ। ଏଠାରୁ ପାଣି ଆସିବା ଦ୍ୱାରା ଉକ୍ତ ପଞ୍ଚାୟତର ଚାଷ ଜମିଗୁଡିକୁ ଜଳସେଚନ କରାଯାଉଥିଲା। ଏବେ ପାଣି ନିଷ୍କାସନ କରାଯାଉଥିବାରୁ ଚାଷ ଜମିକୁ ଆଉ ଜଳସେଚନ ହୋଇପାରିବ ନାହିଁ। ଯାହା ଫଳରେ ଉକ୍ତ ଜମିଗୁଡିକରେ ରବି ଋତୁରେ ହୋଇଥିବା ବାଦାମ, ପରିବା,



କରାତଳି ତାମ୍ପରାରୁ ଛଡାଯାଇଥିବା ଜଳ।

ଲଙ୍କା, ଆଳୁ, ମିଠାମକା ଆଦି ଚାଷ ନଷ୍ଟ ହୋଇଯିବ। ଏହାକୁ ବିରୋଧ କରି ଚାଷୀ ମାନେ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଧାରକରଜ ସେମାନେ ଚାଷ କରିଥିବା ବେଳେ ଜମିକୁ ପାଣି ନ ମିଳିଲେ ଏହା ନଷ୍ଟ ହୋଇଯିବାର ଆଶଙ୍କା ରହିଛି ବୋଲି ପତିତପାବନ ପାଣି ପଞ୍ଚାୟତର ସଭାପତି ପଙ୍କଜ କୁମାର ଦାଶ, ମା' ଭୁବନେଶ୍ୱରୀ ପାଣି ପଞ୍ଚାୟତ ସଭାପତି କୈବଲ୍ୟ ମହାକୁଡ, ଚନ୍ଦ୍ର କନ୍ଲେଶ୍ୱର ପାଣିପଞ୍ଚାୟତ ସଭାପତି ବିଭୁତି ଦାଶ, ବୁଢୀ ଠାକୁରାଣୀ ପାଣି ପଞ୍ଚାୟତ ସଭାପତି ପବିତ୍ର କୁମାର ଦାଶ, ଚାଷୀ ନୀଳକଣ୍ଠ ଦାଶ, ଅଜିତ କୁମାର ପଣ୍ଡା, ଗୋବିନ୍ଦ ନାୟକ, ଶାନ୍ତନୁ କୁମାର ଦାଶ, ଦଣ୍ଡ ପାଣି ରଥ, କୃଷ୍ଣ ମୁଦୁଲି ପ୍ରମୁଖ କହିଛନ୍ତି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ଜଳ ନିଷ୍କାସନ ପ୍ରକ୍ରିୟା ବନ୍ଦ କରିବା ପାଇଁ ଦାବି କରିଛନ୍ତି। ପ୍ରଶାସନ ନ ଶୁଣିଲେ ଚାଷୀ ମାନେ ବାଧ ହୋଇ ଜଳ ନିଷ୍କାସନ ବନ୍ଦ କରିବେ ବୋଲି କହିଛନ୍ତି। ଚାଷୀ ନେତା ନୀଳକଣ୍ଠଙ୍କ ନେତୃତ୍ୱରେ ବହୁ ଚାଷୀ ଅତିରିକ୍ତ ଜିଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଅତିରିକ୍ତ ଜିଲାପାଳ ଜଳ ସେଚନ ବିଭାଗର ଅଧିକାରୀଙ୍କୁ ଡାକି ଚାଷୀଙ୍କ କିପରି ଅସୁବିଧା ନ ହେବ ସେଥିପାଇଁ ପରାମର୍ଶ ଦେଇଛନ୍ତି।

### ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ସ୍ୱାମୀ

ବୁଗୁଡ଼ା,୧୧।୨(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମ ତେଲୁଗୁ ସାହିସ୍ଥିତ ଘରୁ ଗତ ୫ ତାରିଖରେ ଲାଛମି ଦୋରାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଲାଛମିଙ୍କ ସ୍ୱାମୀ କେ.ରାଜଗୋପାଳ ଦୋରା ଅଭିଯୋଗ ଆଣିବା ପରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଘଟଣା ନେଇ ପୂର୍ବରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଏବେ ତାହା ଭିନ୍ନ ମୋଡ ନେଇଛି। ଗତ ୫ ତାରିଖ ଅପରାହ୍ନ ସାଢେ ୪ଟାରେ ଲାଛମିଙ୍କ ବଡଝିଅ ସ୍କୁଲରୁ ଫେରି ଭିତର ପଟୁ ବନ୍ଦ ଥିବା ଘର କବାଟ ବାଡେଇଥିଲେ। କେହି କବାଟ ନ ଖୋଲିବାରୁ ସେ ବାରିପଟ ଦେଇ ଘରକୁ ଯିବାରେ ମା' ଫ୍ୟାନରେ ଏକ ଲୁଗାରେ ଝୁଲି ରହିଥିବା ଦେଖିଥିଲେ। ସାହିବାସିନ୍ଦା ଏବଂ ପରେ ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଲାଛମିଙ୍କ ଆଣ୍ଠୁ ଚଟାଣକୁ ଲାଗିଥିଲା ବେଳେ ଶରୀରର ବିଭିନ୍ନ ସ୍ଥାନରେ ରକ୍ତ ଲାଗିବା ସହ ଓଠ ଓ ମୁହଁରେ ଆଘାତ ଲାଗିଥିଲା। ଏପରିକି ଘରେ ତାଙ୍କ ଅନ୍ତବସ୍ତ୍ର ଏଣେତେଣେ ପଡିଥିବା ଦେଖାଯାଇଥିଲା। ପୋଲିସ ମୃତଦେହକୁ ଜବତ କରି ବୁଗୁଡା ମେଡିକାଲକୁ ଆଣିଥିଲା। ଏ ନେଇ ନଂ.୭/୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଲାଛମିଙ୍କ ସ୍ୱାମୀ କେତେଜଣ ସନ୍ଦିଗ୍ଧଙ୍କ ନାମ ଉଲ୍ଲେଖ କରି ଏହା ସେମାନଙ୍କ ଦ୍ୱାରା ରଚିତ ହତ୍ୟାକାଣ୍ଡ ବୋଲି ଗତ ୯ ତାରିଖରେ ବୁଗୁଡାରେ ଅନୁଷ୍ଠିତ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି।

# ଯୌତୁକ ପାଇଁ ମୋ ଝିଅକୁ ମାରିଦେଲେ

ପାତ୍ରପୁର, ୧୧।୨(ଉମା ଚରଣ ନେପାକ)

ଯୌତୁକ ନିର୍ଯାତନା ଯୋଗୁ ଜଣେ ନବବଧୁ ବିବାହର ବର୍ଷେ ନ ପୁରୁଣୁ ଆତ୍ମହତ୍ୟା କରିଛନ୍ତି। ବାପ ଘରେ ଥିବା ସମୟରେ ସେ ଅଧିକ ଯୌତୁକ ବାବଦ ଟଙ୍କା ଆଣିବାକୁ ତାଗିଦା ଶୁଣି ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏନେଇ ତାଙ୍କ ବାପା ଥାନାରେ କ୍ୱାଇଁ ମୋ ଝିଅକୁ ମାରିଦେଲେ ବୋଲି ଅଭିଯୋଗ କରିବା ପରେ ଏହାକୁ ଗୁରୁତ୍ୱ ଦେଇ ପୋଲିସ ତଦନ୍ତ କରି ସମ୍ପୃକ୍ତ ନବବଧୂଙ୍କ ସ୍ୱାମୀ ଚିନ୍ମୟ ମହାରଣାଙ୍କୁ ଗିରଫ କରିଛି। କେସ୍ ନଂ. ୫୨/୨୬ରେ ଏକ ମାମଲା ରୁଜୁ ହୋଇଛି।

ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର ସହଦେବ ମହାରଣାଙ୍କ ପୁଅ ଚିନ୍ମୟ ୨୦୨୫ ଜୁନରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ପ୍ରତାପ ମହାରଣାଙ୍କ ଝିଅ ଅନିତା ମହାରଣାଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ଭଲରେ ଚାଲିବା ପରେ ଚିନ୍ମୟ ସବୁବେଳେ ଯୌତୁକ ଦାବି କରି ଅନିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଅନିତା ଏନେଇ ପରିବାରଙ୍କୁ ଜଣାଇଥିଲେ। ପରେ ଉଭୟ ପରିବାରଙ୍କ ମଧ୍ୟରେ ଆଲୋଚନାକ୍ରମେ ସମସ୍ୟାର ସମାଧାନ ହୋଇଥିଲା। କିଛି ମାସ ବ୍ୟବଧାନ ପରେ ପୁଣି ଅଶାନ୍ତି ହେବାରୁ ଫେବୃଆରୀ ୪ରେ ପରିବାର ଲୋକେ ଝିଅକୁ ଘରକୁ ନେଇ ଆସିଥିଲେ। ମଙ୍ଗଳବାର କେ. ନୂଆଗାଁ ଥାନା ସାରୁ ସନ୍ଧିଗାଁକୁ ଜଣେ ବନ୍ଧୁଙ୍କ ଘରକୁ ଏକ ଭୋଜିକୁ ଅନିତା ଓ ପରିବାର ଲୋକେ ଆସିଥିଲେ। ସେଠାକୁ ଚିନ୍ମୟ ମଧ୍ୟ ଆସିଥିଲେ। ସେଠାରେ ଅନିତାଙ୍କୁ ଲକ୍ଷେ ଟଙ୍କା ଧରି ବାପଘରୁ ଆସିବୁ କହି ସେ ଚାଲିଯାଇଥିଲେ। ତେବେ ବନ୍ଧୁ ଘରେ ସମସ୍ତେ ରାତିରେ ଶୋଇପଡିବା ପରେ ଅନିତା ବିଷ ଖାଇ ଦେଇଥିଲେ। ମୋ ଝିଅର ମୃତ୍ୟୁ ପାଇଁ ଚିନ୍ମୟ ଦାୟୀ। ସେ ହିଁ ମୋ ଝିଅକୁ ମାରି ଦେଲେ ବୋଲି ପ୍ରତାପ ପ୍ରଦତ୍ତ ଏତଲାରେ ଉଲ୍ଲେଖ କରିଛନ୍ତି। ଜରଡା ପୋଲିସ ବୁଧବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି।

# ମହିଳାଙ୍କୁ ରୋଜଗାର ଦେଇଛି ଷ୍ଟ୍ରବେରି

ଦାରିଙ୍ଗବାଡ଼ି,୧୧।୨ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ି ଅଞ୍ଚଳ ଏକ ପର୍ଯ୍ୟଟନକ୍ଷେତ୍ର ଭାବେ ଦେଶ ଓ ବିଦେଶରେ ପରିଚିତ ପୂର୍ବରୁ ଅଞ୍ଚଳର ଜୈବିକ ଚାଷ ଆଉ ଏକ ନୂଆ ପରିଚୟ ସୃଷ୍ଟି କରିଛି। ଏବେ ଷ୍ଟ୍ରବେରୀ ଚାଷ ମହିଳା ଚାଷୀଙ୍କୁ ଲାଭ ଯୋଗାଇଛି। ବ୍ଲକ୍‌ର ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମା ଗ୍ରାମରେ ଆଲୋକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏହି ଚାଷ କରାଯାଇଛି। ପ୍ରକାଶ ଯେ, କୃଷି ଉଦ୍ୟାନ ବିଭାଗ ଓ ଓଡ଼ିଶା ଜୀବିକା ମିଶନର ସହାୟତାରେ ଷ୍ଟ୍ରବେରୀ ଚାଷ କରାଯାଉଛି। ମୋଟ ଗୋଟିଏ ଏକର ଜମିରେ ମୋଟ ୨୭ ହଜାର ଚାରା ଲାଗିଛି। ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚାରା କିଣିବା, ମଲଚିଂ, ସାର ଓ ବିଭିନ୍ନ ଖର୍ଚ୍ଚ ପାଇଁ ମୋଟ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିବା ଆଲୋକ ଏସ୍‌ଏଚ୍‌ଜିର ସଭାନେତ୍ରୀ



ବନିତା ସାହୁ କହିଛନ୍ତି। ବିଡ଼ିଓ ପ୍ରୀତିରଞ୍ଜନ ରଥ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ପିଣ୍ଟୁ ନାୟକ ଓ ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଏବଂ ଅଧିକାରୀ ଏହି ଚାଷକୁ ସଫଳ କରିବା ପାଇଁ ତଦାରଖ କରୁଛନ୍ତି। ଦଣ୍ଡିମା ଏସ୍‌ଏଚ୍‌ଜି ପକ୍ଷରୁ ପ୍ରଥମଥର ପାଇଁ ଏହି ଚାଷ ଆରମ୍ଭ କରିଛନ୍ତି। ଏହା ନଭେମ୍ବର ମାସରୁ ଆରମ୍ଭ ହେବାକୁ ରହିଥିବା ବେଳେ କୌଣସି କାରଣରୁ ଚାରା ଡିସେମ୍ବରରେ ପ୍ରଦାନ କରାଯାଇଥିଲା। ଫଳରେ ଏବେ ପ୍ରଚଣ୍ଡ ଖରା ଯୋଗୁ ଜଳ କଷ୍ଟ ଦେଖାଯାଇଛି। ଗୋଟିଏ ନାଳରୁ ଜଳ ସଂଗ୍ରହ କରି ଏହି ଚାଷ ଜମିରେ ଡ୍ରିପ୍ ମାଧ୍ୟମରେ ଜଳ ଗଛକୁ ଯୋଗାଇ

### ୭ ଲକ୍ଷର ପ୍ରକଳ୍ପ, ଷ୍ଟ୍ରବେରି ତୋଳିଲେ ଉପମୁଖ୍ୟମନ୍ତ୍ରୀ

ଦିଆଯାଉଛି। ସେଠାରେ ଏକ ନଳକୂପ ଖୋଳାଯାଇ ଜଳକଷ୍ଟକୁ ଦୂର କରାଯିବ ବୋଲି ବିଡ଼ିଓ ପ୍ରୀତିରଞ୍ଜନ କହିଛନ୍ତି। ସେହିପରି ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକ ଷ୍ଟ୍ରବେରୀର ପ୍ରଶଂସା କରିଛନ୍ତି। ସୂଚନା ଯୋଗ୍ୟ ଯେ, ମଙ୍ଗଳବାର ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ା ଦାରିଙ୍ଗବାଡ଼ି ଗସ୍ତ ସମୟରେ ଉକ୍ତ ଷ୍ଟ୍ରବେରୀ ଚାଷ ଜମିକୁ ଯାଇ ମହିଳା ଚାଷୀଙ୍କୁ ପ୍ରଶଂସା କରିବା ସହ ଷ୍ଟ୍ରବେରୀ ଅମଳ ଓ ଲାଭ କ୍ଷତି ସମ୍ପର୍କରେ ଆଲୋଚନା କରିବା ସହ ସରକାର ତାଙ୍କ ସହ ରହିଛନ୍ତି। ଏହି ଚାଷ ପାଇଁ ଯାହା ସହାୟତା ଦରକାର ତାହା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି କହିଥିଲେ। ଏଥିସହ ଷ୍ଟ୍ରବେରୀ ତୋଳି ଓ ମହିଳାଙ୍କ ସହ ଫଟୋ ଉଠାଇ ଥିଲେ।

# ତଦନ୍ତ ଦାବିକଲା ଅଲ ଇଣ୍ଡିଆ ଫର୍‌ୱାର୍ଡ ବ୍ଲକ

ଚିକିଟି,୧୧।୨(ପ୍ରକାଶ ଚନ୍ଦ୍ର ସାହୁ )

ଗଞ୍ଜାମ ଜିଲା ଚିକିଟି ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୀର୍ଘ ଦିନ ହେଲା ଦୁର୍ନୀତି ଚାଲିଛି। ଠିକାଦାର ଓ ଯନ୍ତ୍ରୀଙ୍କ ଜ୍ଞାତସାରାରେ ଦୁର୍ନୀତି ଚାଲିଥିବା ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଜିଲା ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଜିଲା ସଭାପତି ବିଭୂଧେନ୍ଦ୍ର ପାଢ଼ୀ ଅଭିଯୋଗ କରିଛନ୍ତି। କାର୍ଯ୍ୟ ନ କରି ମିଥ୍ୟା ବିଲ ପ୍ରସ୍ତୁତ କରାଯାଉଛି। ଚିକିଟି ଅଞ୍ଚଳର ଚକ୍ରବର୍ତ୍ତୀ ସାଗର ଏଷ୍ଟିମେଟ ୬୬.୭୩ ଲକ୍ଷ ଟଙ୍କା, ଅନ୍ୟ ଏକ କାର୍ଯ୍ୟର ଏଷ୍ଟିମେଟ ୪୩,୦୭,୫୦୦.୯୧ ଟଙ୍କା ହୋଇଥିବା ବେଳେ ସେଠାରେ ୪୦ ପ୍ରତିଶତ କାର୍ଯ୍ୟ ହୋଇଛି। ସେଠାରେ ଆରଆରଆରରେ କାର୍ଯ୍ୟ ଚାଲିଛି। ସେହିପରି ଏମ୍/ଆର ଏଷ୍ଟିମେଟ ୪.୯୪ ଲକ୍ଷ ଟଙ୍କା ଥିବା ବେଳେ ଏଗ୍ରିମେଣ୍ଟ ୪.୨୦ ଲକ୍ଷ ଟଙ୍କା

### ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

କରାଯାଇ କାର୍ଯ୍ୟ ନକରି ମିଥ୍ୟା ବିଲ୍ ବିଲ କରାଯାଇଥିବା ସଭାପତି ପାଢୀ କହିଛନ୍ତି।

ସେହିପରି ଚିକିଟି ଅଞ୍ଚଳର ବଢେଇ ଘାଇ ନିର୍ମାଣ କାର୍ଯ୍ୟ ଏଷ୍ଟିମେଟ ମଧ୍ୟ ୩୧,୪୦,୪୧୮.୦୦ ଟଙ୍କା ଥିବା ବେଳେ ସେଠାରେ ୨୦ ପ୍ରତିଶତ କାର୍ଯ୍ୟ ହୋଇଛି। ଏହି ଅଞ୍ଚଳର କୋଟଲିଙ୍ଗି ସାଗର ନିର୍ମାଣ କାର୍ଯ୍ୟ ଏଷ୍ଟିମେଟ ୯୭.୯୮ ଲକ୍ଷ ଟଙ୍କା ହୋଇଥିବା ବେଳେ ସେଠାରେ ୫୦ ପ୍ରତିଶତ କାମ ହୋଇଛି। ଚିକିଟି ଏନଏସିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୫୦୦ କ୍ଷମତା ବିଶିଷ୍ଟ ବହୁମୁଖୀ ଭବନ ଓ ୩୦୦ କ୍ଷମତା ବିଶିଷ୍ଟ ବହୁମୁଖୀ ଭବନ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଇ ଥିବା ପାଢୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ହେତୁ ବହୁମୁଖୀ ଗୃହ ଦୁଇଟି ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ, ଲୁହାଛଡ, ଗୋଡି, ମେଟାଲ ଏବଂ ଅନ୍ୟାନ୍ୟ ଅନୁସଙ୍ଗିକ କାର୍ଯ୍ୟ ପାଇଁ ବ୍ୟବହୃତ ସାମଗ୍ରୀ ନିମ୍ନମାନର ହୋଇଛି। ଏସବୁ ଦୁର୍ନୀତିର ତଦନ୍ତ ଲାଗି ପାଢୀ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ବିଭାଗୀୟ ସଚିବ, ଗଞ୍ଜାମ ଜିଲାପାଳ,ଭିଜିଲାନ୍ସ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ନିର୍ମାଣ ମଣ୍ଡଳ ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଅବଗତ କରାଇ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଦୁର୍ନୀତିର ତଦନ୍ତ ନ ହୁଏ ତାହା ହେଲେ ଆମେ ଉଚ୍ଚ ନ୍ୟାୟାଳୟକୁ ଯିବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ସପ୍ନେଶ୍ୱର ପାଣିଗାହୀ ଓ ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସମରଜିତ୍ ମହାନ୍ତି ଉପସ୍ଥିତ ଥିଲେ।

## ଶ୍ରମିକଙ୍କୁ ଧକ୍କା ଦେଇ ୧୦୦ ମିଟର ଘୋଷାଡି ନେଲା ବସ୍

ଭଞ୍ଜନଗର,୧୧।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଭାଲିଆଖାଇ ଛକରେ ବୁଧବାର ନିଲକଣ୍ଠ ନାମକ ଏକ ଘରୋଇ ବସ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଙ୍କଲେଡି ଗ୍ରାମର ବାହେଲି ଗୌଡ଼ (୬୦)। ବାହେଲି ସକାଳ ୯ଟାରେ ନିଜ ଗ୍ରାମରୁ ସାଇକେଲ ଯୋଗେ ବଜାରକୁ କାମ କରିବାକୁ ଆସୁଥିଲେ। ଏହି ସମୟରେ ଭାଲିଆଖାଇ ଛକଠାରେ ବସ୍‌ଟି ତାଙ୍କୁ ପଛ ପଟୁ ଧକ୍କା ଦେଇ ପ୍ରାୟ ୧୦୦ ମିଟର ଘୋଷାଡି ନେଇଥିଲା। ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ପାଟି କରିବା ପରେ ବସ୍‌ଟି ଅଟକିଥିଲା। ଲୋକେ ବାହେଲିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପୋଲିସ ବସ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ବ୍ଲକ୍‌ସ୍ତରୀୟ ସତ୍‌ସଙ୍ଗ ପ୍ରତିଯୋଗିତା



ସତ୍‌ସଙ୍ଗରେ ଯୋଗ ଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ।

ରାଇକିଆ, ୧୧।୨(ପ୍ରଦୀପ ବେହେରା)

ରାଇକିଆ ଏକଲ ଅଭିଯାନ ତରଫରୁ ବୁଧବାର ବିଶ୍ୱେଶ୍ୱର ମନ୍ଦୀର ପରିସରରେ ବ୍ଲକସ୍ତରୀୟ ସତ୍‌ସଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସଭାପତି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆଧ୍ୟାତ୍ମିକ ଆଧାରିତ ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରାଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଅତିଥି ଭାବେ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ଭାଜପା ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ବୈଦିକ ସତ୍‌ସଙ୍ଗ ଆଶ୍ରମ ସଭାପତି ଓମ୍ ପ୍ରକାଶ ବେହେରା, ରାଇକିଆ ଲକ୍ଷ୍ମୀ ପୂଜା କମିଟି ସଭାପତି ଦେବୀ ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ଗ୍ରାମୀଣ କ୍ଷେତ୍ରରେକୁ ସଂସ୍କାର, ଅନ୍ଧବିଶ୍ୱାସକୁ ଦୂରେଇବା ସହ ଶିକ୍ଷା, ଆରୋଗ୍ୟ ଶିକ୍ଷା, ଗ୍ରାମ ବିକାଶ, ଜାଗରଣ ଓ ସଂସ୍କାର ଶିକ୍ଷା ମାଧ୍ୟମରେ ଆଣିବା ସହ ଗାଁକୁ ସଂଗଠିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗଦାଧର ସାହୁ, ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ସଦସ୍ୟ ତ୍ରିଲୋଚନ ଆଚାରୀ, ପଞ୍ଚାନନ ସାହୁ, ଭଗବାନ ବେହେରା, ସରୋଜ ବେହେରା, ଧରିତ୍ରୀ ପାତ୍ର ବିଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏକଲ ଅଭିଯାନର ଅଞ୍ଚଳ ପ୍ରମୁଖ ଜାକାରିଅସ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷିମେଳା



ଅତିଥିମାନେ କୃଷିମେଳାକୁ ଉଦ୍‌ଘାଟନ କରୁଛନ୍ତି।

ପାରଳାଖେମୁଣ୍ଡି,୧୧।୨(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଦୁଇଦିନିଆ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣର ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏସଏସଏମଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନ୍ସଲର ପ୍ରଫେସର ଡ. ଅଜୟ ନାୟକ ସ୍ୱାଗତ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ ଉପସଭାପତି ପ୍ରଫେସର ଡି. ଏନ.ରାଓ, କୁଳପତି ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ପ୍ରଫେସର ଡ. ଅନିତା ପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମଲ୍ଲିକ ଦକ୍ଷତା ଆଧାରିତ କୃଷି ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ କୃଷି, ମତ୍ସ୍ୟ ଏବଂ ପ୍ରାଣୀପାଳନ କ୍ଷେତ୍ରର ଚାଷୀମାନଙ୍କ ନିକଟରେ ବିଭିନ୍ନ କୃଷି ପ୍ରଯୁକ୍ତିବିଦ୍ୟା ପହଞ୍ଚାଇବାରେ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ବିଧାୟକ ପାଣିଗ୍ରାହୀ ଦକ୍ଷିଣ ଓଡ଼ିଶାର ମେରୁଦଣ୍ଡ କୃଷିକୁ ସଂଗଠିତ କରିବାରେ ଚାଷୀମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ ସ୍ମାର୍ଟ କୃଷି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଓ କୃଷକ ସମାଜକୁ ସଶକ୍ତ କରିବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ମତ ରଖିଥିଲେ। ଅତିଥିମାନେ ପ୍ରଥମ ପୁଷ୍ପ ପ୍ରଦର୍ଶନୀ-୨୦୨୬କୁ ଏହି ଅବସରରେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନଜିଓ, ଏଫପିଓ, ଛାତ୍ରୀଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। କୃଷି ଏବଂ ଆନୁଷଙ୍ଗିକ ଉତ୍ପାଦ ପ୍ରଦର୍ଶନ ପାଇଁ ୭୦ଟି ଷ୍ଟଲ ଖୋଲିଥିଲା। ପରେ ପ୍ରଗତିଶୀଳ ଚାଷୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ପଥରା ଗ୍ରାମରେ ହିନ୍ଦୁ ସମ୍ମିଳନୀ

ଆସିକା,୧୧।୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ଆଳିପୁର ପଞ୍ଚାୟତ ଅନ୍ତର୍ଗତ ପଥରା ଗ୍ରାମରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବିଦ୍ୟାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁନିଲ କୁମାର ଗୌଡ, ନାରାୟଣ ରଥ, ଯୋଗେନ୍ଦ୍ର ନାଥ ପ୍ରଧାନ, ବ୍ରଜବନ୍ଧୁ ଆଚାରୀ, ବିଶ୍ୱନାଥ ସେଠୀ, ଶିବରାମ ମହାରଣା, ରାଧାକୃଷ୍ଣ ପାଣିଗ୍ରାହୀ, ସତିଶ କୁମାର ପାତ୍ର, ସୀତାରାମ ବେହେରାଙ୍କ ସମେତ ବହୁ ସଭ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ଗାଁ ଗାଁରେ ହିନ୍ଦୁ ଧର୍ମର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ହିନ୍ଦୁତ୍ୱର ମୂଲ୍ୟବୋଧ ପ୍ରତିଷ୍ଠା, ହିନ୍ଦୁ ରାଷ୍ଟ୍ରର ଚେତନା ସୃଷ୍ଟି ଲାଗି ଯୁବ ସମାଜ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ଓଡ୍ରାଫ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ

କାଶୀନଗର ୧୧।୨(ପି.ମୁରଲୀ)

କାଶୀନଗର ଏନ୍ଏସିରେ ଓଡ୍ରାଫ ଟିମ ପକ୍ଷରୁ ପହଁରିବା ଏବଂ ବୁଡ଼ି ଯାଉଥିବା ବେଳେ ଜଣେ କିପରି ବଞ୍ଚିପାରିବ ସେ ନେଇ ତାଲିମ କାର୍ଯ୍ୟକ୍ରମ ଚାଲିଛି। ଏନଏସି କାର୍ଯ୍ୟ ନିବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୁଧୀର ନନ୍ଦଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ୨୨ଜଣିଆ ଓଡ୍ରାଫ ଟିମ୍ ଓ ଛତ୍ରପୁର ୮ମ ବାଟାଲିୟନ ଯବାନ ଏହି ତାଲିମ ଦାୟିତ୍ୱରେ ରହିଛନ୍ତି। କାଶୀନଗର ଶ୍ରୀରାମ କଲେଜ ଓ ଜଗନ୍ନାଥ ଜୁନିୟର କଲେଜର ୩୦ଜଣ ଛାତ୍ରଙ୍କୁ ନିକଟସ୍ଥ ଏକ ପୋଖରୀରେ ତାଲିମ ପ୍ରଦାନ କରାଯାଉଛି।

# ୧୯୪ ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନରେ ବିଳମ୍ବ

ଧରାକୋଟ,୧୧।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

କୋମଳମତି ଶିଶୁ, କିଶୋରୀ ବାଳିକା, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ପାଇଁ ସମନ୍ୱିତ ଶିଶୁ ବିଭାଗ ପକ୍ଷରୁ ସେମାନଙ୍କ ପୁଷ୍ଟିକର ଖାଦ୍ୟ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ପ୍ରତି ମାସରେ ୨୪ରୁ ୧ ତାରିଖ ଭିତରେ ବଣ୍ଟନ ପାଇଁ ସରକାରୀ ସ୍ତରରେ ଧାର୍ଯ୍ୟ ହୋଇଛି। ମାତ୍ର ଗଞ୍ଜାମ ଜିଲା ଧରାକୋଟ ବ୍ଲକ୍‌ର ୧୯୪ଟି ଅଙ୍ଗନୱାଡି କେନ୍ଦ୍ରରେ ଜାନୁଆରୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧରାକୋଟ ଆଇସିଡିଏସ୍ ଅଧୀନରେ ଜଗମୋହନ, ଜାହାଡ଼ା, ବରଡ଼ାବିଲି, ମାଣିକପୁର, ମୁଣ୍ଡମରାଇ, ମଛାକୋଟ ଓ ଧରାକୋଟ ଭଳି ୭ଟି ସେକ୍ଟର ଅଧୀନରେ ୧୯୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ୧୩୦୩ ଜଣ ଗର୍ଭବତୀ ଓ ପ୍ରସୂତି,୩୧୦୭ କିଶୋରୀ ବାଳିକା, ୩୪୦୧ କୋମଳମତି ଶିଶୁଙ୍କୁ ପ୍ରତି ମାସରେ ଛତୁଆ, ହାଲୁଆ, ଖଜରା, ରାଶି ଲଡୁ,ବାଦାମଲଡୁ, ଭଜାବୁଟ ଓ ମୁଢ଼ି ବଣ୍ଟନ କରାଯାଇଥାଏ। ସେମାନେ ଯେପରି ଅପପୁଷ୍ଟିର ଶିକାର ନ ହେବେ ଏହା ହେଉଛି ଯୋଜନାର ମୂଳଲକ୍ଷ୍ୟ। ତେବେ ଜାନୁଆରୀରେ ଧାର୍ଯ୍ୟ ତାରିଖଠାରୁ ଏଯାବତ୍ ଏହା ବଣ୍ଟନ କରାଯାଇନାହିଁ। ବଣ୍ଟନରେ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଉପରୋକ୍ତ କେନ୍ଦ୍ରଗୁଡ଼ିକର ହିତାଧିକାରୀ ଅପପୁଷ୍ଟିର ଶିକାରହେବା ଆଶଙ୍କା ପ୍ରକାଶ ପାଇଛି।

ଧରାକୋଟର ମହାଲିଙ୍ଗେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ୨୦୧୧ରୁ ଛତୁଆ ପ୍ରସ୍ତୁତି କରି ବଣ୍ଟନ କରୁଥିଲା। ଚଳିତ ବର୍ଷ ଜାନୁଆରୀରୁ ଏହି ଦାୟିତ୍ୱ ଭଞ୍ଜନଗରସ୍ଥିତ ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଶାସନ ଦେଇଛି। ଧରାକୋଟରୁ ଭଞ୍ଜନଗରର ଦୂରତା ୫୦ କି.ମି.। ସରକାରୀ ନିୟମ ଅନୁସାରେ ଛତୁଆ ପ୍ରସ୍ତୁତି ବେଳେ ଆଇସିଡିଏସ୍‌ର ଏକ ଟିମ୍ ଉପସ୍ଥିତ ରହିବେ। ୫୦ କି.ମି. ଦୂରରେ ଏହା ପ୍ରସ୍ତୁତ ହେଉଥିବାରୁ ଟିମ୍ ସେଠାରେ ପହଞ୍ଚିବା ସମୟ ସାପେକ୍ଷ ହେଉଛି। ଧରାକୋଟରେ ଛତୁଆ ପ୍ରସ୍ତୁତି ପାଇଁ ଉତ୍ତମ ଭିତ୍ତିଭୂମି ରହିଥିଲେ ମଧ୍ୟ ଜିଲା ପ୍ରଶାସନ ଭଞ୍ଜନଗର ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ଦାୟିତ୍ୱଦେବା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏ ସମ୍ପର୍କରେ ସିଡିପିଓ ସୁନୀଲପ୍ରଭା ରଥଙ୍କୁ ପଚାରିବାରୁ ସେ କହିଲେ, ପ୍ରଶାସନ ତରଫରୁ ଯାହା ନିଷ୍ପତ୍ତି ହୋଇଛି ସେହି ଅନୁଯାୟୀ ଆମେ କାମ କରୁଛୁ। ଯେଉଁକେନ୍ଦ୍ରଗୁଡିକରେ ଛତୁଆ ବଣ୍ଟନରେ ବିଳମ୍ବହୋଇଛି ସେସବୁ କେନ୍ଦ୍ରରେ ଖୁବ ଶୀଘ୍ର ଛତୁଆ ବଣ୍ଟନ ହେବ ବୋଲି ସେ କହିଛନ୍ତି।

## ୨୧ କେଜି ଗଞ୍ଜେଇ ଜବତ

ଖଜୁରିପଡ଼ା,୧୧।୨ (ବିପ୍ରର ବେହେରା) ଖଜୁରିପଡ଼ା ବ୍ଲକ ରାଣୀ ପଥର ଘାଟିରେ ସଦର ଥାନା ପୋଲିସ ୨୧ କେଜି ଗଞ୍ଜେଇ ଜବତ କରିଛି। ଫୁଲବାଣୀରୁ କଟକକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସ୍‌ଆଇ ସଞ୍ଜିତ ବେହେରା, ଅତିରିକ୍ତ ତହସିଲଦାର ସୋମାକେଶ ନାୟକ ସମେତ ପୋଲିସ ବାହାନି ପହଞ୍ଚି ଗଞ୍ଜେଇ ଜବତ କରିଥିଲେ। ଏନେଇ କେ.ନଂ.୩୪ /୨୫ ମାମଲା ରୁଜୁ ହୋଇଛି। କଟକ ଜିଲା ମଣିବନ୍ଧର ସୌମ୍ୟ ରଞ୍ଜନ ଚୌଧୁରୀ ଗିରଫ କରାଯାଇଥିବା ଥାନା ଅଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି।

# ଭଡ଼ାରେ ଲାଗିଛି ସରକାରୀ କ୍ବାର୍ଟର୍ସ

### ଅବସର ପରେ କର୍ମଚାରୀ ଛାଡୁନାହାନ୍ତି କ୍ବାର୍ଟର୍ସ

ପାରଳାଖେମୁଣ୍ଡି,୧୧।୨(ଗିରିଧାରୀ ପରିଡ଼ା) ପାରଳାଖେମୁଣ୍ଡି ପୌରପାଳିକାରେ ଅଧିକାରୀଙ୍କ ଉଦାସୀନତା ଯୋଗୁ ଯିଏ ଯାହା ଚାହୁଁଛି ବେଆଇନ କାରବାର କରିଚାଲିଛି। ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଫାଇଦା ଉଠାଇବାକୁ ପଛାଉନାହାନ୍ତି। ସେମାନେ ନେଇଥିବା କ୍ବାର୍ଟର ଅବସର ପରେ ମଧ୍ୟ ଛାଡୁନାହାନ୍ତି। ଏହାକୁ ଭଡ଼ା ଲଗାଇ ଏବାବଦରେ ଲକ୍ଷାଧିକ ଟଙ୍କା ଫାଇଦା ଉଠାଉଥିବାବେଳେ ପୌରପାଳିକା କ୍ଷତି ସହୁଛି। ଏଠାରେ କର୍ମଚାରୀଙ୍କ ପାଇଁ ପୌରପାଳିକାର ୨୯ଟି କାର୍ଟର୍ସ ରହିଛି। ଅବସର ପରେ ମଧ୍ୟ କର୍ମଚାରୀ କାର୍ଟର୍ସକୁ ବାହାର ଲୋକଙ୍କୁ ଭଡ଼ା ସୂତ୍ରରେ ଦେଇଥିବା ଦେଖିବାକୁ ମିଳୁଛି। କେତେ ଜଣ କର୍ମଚାରୀଙ୍କ ଅବସର ପରେ ଇତି ମଧ୍ୟରେ ପରଲୋକ ହୋଇ ଯାଇଥିଲେ ମଧ୍ୟ ତାଙ୍କ ପରିବାର ବର୍ଗ ଏହା ନ ଛାଡି ଇଚ୍ଛା ମୁତାବକ କାର୍ଟର୍ସକୁ ବିଭାଜନ କରି ପ୍ରାୟ ୨୦/ ୨୫ ବର୍ଷ ହେଲା ରହିଆସୁଛନ୍ତି। ନିର୍ଦ୍ଧାରିତ ଭଡା ମଧ୍ୟ ମାସକ ୯ଶହ ଏମାନେ ଦେଉନାହାନ୍ତି। ଭଡା ବାବଦ ବକେୟା ଏମାନଙ୍କ ଉପରେ ୪୦ ଲକ୍ଷରୁ ଉର୍ଦ୍ଧ୍ବ ହେଲାଣି। ଗତ ୩୦ ବର୍ଷରୁ ଅଧିକ ହେଲାଣି କିଛି ପୁରୁଣା କର୍ମଚାରୀ ଓ ପୌରପାଳିକା ଅଧୀନରେ ଚାକିରି କରୁଥିବା ବ୍ୟକ୍ତି ନିଜ ନିଜ ଘର ନିର୍ମାଣ କରିଥିଲେ ସୁଦ୍ଧା ଏମାନେ କ୍ବାର୍ଟର୍ସକୁ ପୌରପାଳିକାକୁ ହସ୍ତାନ୍ତର କରୁନାହାନ୍ତି। ମାସିକ ୫ ହଜାରରୁ ୬ ହଜାର ଟଙ୍କାରେ ଭଡା ଦେଇଥିବା ଏବଂଏଥିପାଇଁ ପୌରପାଳିକାର ଅଧିକାରୀଙ୍କ ଉଦାସୀନତା ଦାୟୀ ବୋଲି ସୂଚନା ଅଧିକାର କର୍ମୀ ପ୍ରଣବ ପଟ୍ଟନାୟକ କହିଛନ୍ତି ଓ ବୁଦ୍ଧିଜୀବୀ ବସନ୍ତ ପଣ୍ଡା। ଏସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି, ସେମାନେ ମାସିକ ଭଡା ପୈଠ କରୁନାହାନ୍ତି। ତେଣୁ ସେମାନଙ୍କୁ ନୋଟିସ ଦେଇଥିଲୁ। ନୋଟିସ ପାଇବା ପରେ ସେମାନେ ରିହାତି ଦେଲେ ବକେୟା ଭଡା ପୈଠ କରିବାକୁ ସର୍ତ୍ତ ରଖିଛନ୍ତି। ତେଣୁ କାଉନସିଲ ବୈଠକରେ ଏହା ଉଠାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ନଚେତ ସେମାନଙ୍କୁ ଘର ଖାଲି କରିବା ପାଇଁ କୁହାଯିବ ବୋଲି ମୁର୍ମୁ ପ୍ରକାଶ କରିଛନ୍ତି।

## ଜିଲା ଇ-ପାଠାଗାରର ପ୍ରତିଷ୍ଠା ଦିବସ ପାଳିତ




ଫୁଲବାଣୀ,୧୧।୨(ରାକେଶ କୁମାର ରାଉତ) ଜିଲା ଇ-ପାଠାଗାର ଓ ସିଭିଲ ସର୍ଭିସ କୋଚିଂ ସେଣ୍ଟରର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ବେଦଭୂଷଣ, ସତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ ଓ ସମ୍ମାନିତ ଅତିଥି ଡୁଡା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ, ଉପ-ଜିଲାପାଳ ଭିକାରୀ ସାହୁ, ଖଜୁରିପଡା ବିଡ଼ିଓ ଶୁଭ ଦତ୍ତତ୍ରେୟା ବାହିନୀପତି, ପଲିଟେକନିକ ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ ପଟ୍ଟନାୟକ, ବରିଷ୍ଠ ଆଇନଜୀବି ବିଜୟ କୃଷ୍ଣ ପଟ୍ଟନାୟକ, ଅଧ୍ୟାପିକା ଜ୍ୟୋର୍ତିମୟୀ କହଁର ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଏ. ଆଇ. ଦୁନିଆରେ ପାଠାଗାର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପାଠାଗାରକୁ ଉପଯୋଗ କରି ସଫଳତା ପାଇଥିବା ବିଭିନ୍ନ ନବନିଯୁକ୍ତ ଅଧିକାରୀମାନେ ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ। ଅତିଥିଗଣ ଇ-ପାଠାଗାରର ପ୍ରତିଷ୍ଠାତା ସ୍ବର୍ଗତ ବିରେନ୍ଦ୍ର ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ସ୍ମୃତି ଚାରଣ କରିଥିଲେ। ଆଇ ଟି ଡି ଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ପାତ୍ର ବାର୍ଷିକ ବିବରଣୀ କରିଥିଲେ। ଇ-ପାଠାଗାରକୁ ଅଧିକ ବହି ଓ ସୁବିଧା ଯୋଗାଇବା ସହ ଆଗାମୀ ଦିନରେ ଜେଲ ପାଠାଗାର ସହ ସଂଲଗ୍ନ କରି ଅଧିକ ଉପଯୋଗୀ କରାଯିବ ବୋଲି ଜିଲାପାଳ କହିଥିଲେ। ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ଓ ସହ ଗ୍ରନ୍ଥାଗାରିକ ପ୍ରଭାତ କୁମାର ଦାସ ମଞ୍ଚ ସଞ୍ଚାଳନ କରିଥିଲେ।

## ଈଶ୍ବରୀୟ ଜ୍ଞାନଚକ୍ର କର୍ମଶାଳା

ଗଞ୍ଜାମ,୧୧।୨(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ବୋରିଗ୍ରାମ ସ୍ଥିତ ରାଣୀବର ପାହାଡ଼ରେ ଅବସ୍ଥିତ ବାବା ଝଡେଶ୍ବର ମନ୍ଦିରଠାରେ ଆରମ୍ଭ ହୋଇଥିବା ୧୧ ଦିନିବ୍ୟାପୀ ହରି ହରାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ତୃତୀୟ ଦିବସରେ ପହଞ୍ଚିଛି। ଏହି ଉପଲକ୍ଷେ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ତରଫରୁ ଈଶ୍ୱରୀୟ ଜ୍ଞାନ ଚକ୍ର କର୍ମଶାଳା ଅନୁଷ୍ଠିତ ହୋଇଛି। ବ୍ରହ୍ମ କୁମାରୀ ରାଜ ଯୋଗିନୀ କସ୍ତୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ବାବା ଝଡ଼େଶ୍ବର ମନ୍ଦିର କମିଟି ସଭାପତି ଜୟକୃଷ୍ଣ, ମାଲାଡ଼ ସମିତିସଭ୍ୟ ପ୍ରତିନିଧି ତଥା ଯଜ୍ଞ ପରିଚାଳନା କମିଟି ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡି ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମା କୁମାରୀ ଯମୁନା ଦମନ୍ତି କେସିନୀ ଭଉଣୀ ସହଯୋଗ କରିଥିଲେ।

# ଫୁଲବାଣୀର ଜେଡି କ୍ଲବ୍ ଚାମ୍ପିୟନ




ପୁରସ୍କାର ସହ କୃତୀ ଖେଳାଳି।

ବାଲିଗୁଡ଼ା,୧୧।୨(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ସ୍ଥିତ ଉପଖଣ୍ଡ କ୍ରୀଡା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ପରିସରରେ ରାଜ୍ୟ ସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ଚଳିତ ମାସ ୪ ତାରିଖରେ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଉଦଯାପନୀ ମ୍ୟାଚ୍ ଏଫ.ସି.ସମ୍ବଲପୁର ସହ ଜେ.ଡି. କ୍ଲବ ଫୁଲବାଣୀ ମଧ୍ୟରେ ମୁକାବିଲାର ସହ ଆୟୋଜନ ହୋଇ ୧-୦ ଗୋଲରେ ଫୁଲବାଣୀ ଦଳ ବିଜୟୀ ହୋଇ ଉପଖଣ୍ଡ କ୍ରୀଡା ସଂଘ କପ୍ ହାସଲ କରିଛି। ଏଥିରେ ଅତିଥି ଭାବେ ବ୍ଲକ ଏମ୍‌ପି ପ୍ରତିନିଧି ରଞ୍ଜିତ ସାହୁ, କ.ନୂଆଗାଁ ବ୍ଲକ ଭାଜପା ନେତା କୃଷ୍ଣ ମୋହନ ପାଣିଗ୍ରାହୀ, ଜେଡି କ୍ଲବର ପ୍ରତିଷ୍ଠାତା ଜଳନ୍ଧର ବେହେରା, ଉପଦେଷ୍ଟା ଶେଖ ସାଦିକ, ଉପ ସଭାପତି ସତ୍ୟ ନାରାୟଣ ପାଢ଼ୀ, ସମ୍ପାଦକ ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଶ୍ରେଷ୍ଠ ସ୍କୋରର ଭାବେ ଜେଡି କ୍ଲବର ଜିତୁ ମୁଦୁଲି, ଶ୍ରେଷ୍ଠ ଗୋଲ କିପର ଭାବେ ରବି, ଶ୍ରେଷ୍ଠ ରକ୍ଷଣ ଭାଗ ଖେଳାଳି ଭାବେ ଅଭି ମୁଦୁଲି, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ରଞ୍ଜନ କୁମାର ମହାନ୍ତି ସ୍ମାରକୀ ଟ୍ରଫି କାର୍ତ୍ତିକ ହେନ୍ତାଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ବିଜେତା ଫୁଲବାଣୀ ଦଳକୁ ୩୧ହଜାର ୧ ଟଙ୍କା ଏବଂ ଉପ ବିଜେତା ସମ୍ବଲପୁର ଦଳକୁ ୨୫ହଜାର ୧ ଟଙ୍କା ସହ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ।

## ପ୍ରବାସୀ ଶ୍ରମିକଙ୍କ ୫୭ ପିଲା ବିଦ୍ୟାଳୟରେ ନାମ ଲେଖାଇଲେ

ଶେରଗଡ଼,୧୧।୨
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଆଲରିଗଡ କ୍ଲଷ୍ଟର ଅନ୍ତର୍ଗତ ଆଲରିଗଡ ଏବଂ କୁରୁଳା ପଞ୍ଚାୟତରେ ଥିବା ଇଟା ଭାଟିରେ କାମ କରୁଥିବା ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଯାଇଛି। ଜିଲା ପ୍ଲାନିଂ କୋର୍ଡିନେଟରଙ୍କ ତତ୍ତ୍ୱାବଧାନ ଏବଂ ବିଇଓ କୋରେଶ ସେଠୀ ଓ ସିଆରସିସି ପ୍ରସନ୍ନ ସାବତଙ୍କ ସହଯୋଗରେ ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ୨୫ ଜଣ ଏବଂ ମହୁରିକଣା ପ୍ରଥମିକ ବିଦ୍ୟାଳୟରେ ୩୨ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ଏହି କାର୍ଯ୍ୟ କ୍ରମରେ ଉଭୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରଥିଲେ।

## ପୋଲତଳେ ଶତାଧିକ ପାରାସିଟାମଲ ସିରପ ବୋତଲ

ଚକାପାଦ,୧୧।୨(ପ୍ରତାପ କିଶୋର ବେହେରା) ଚକାପାଦ ବ୍ଲକ୍ ବଡ଼ିଙ୍ଗିଆ ଆଶ୍ରମ ନିକଟସ୍ଥ ଏକ ପୋଲ ତଳେ ରାଜ୍ୟ ସରକାରଙ୍କ ଦ୍ୱାରା ଲୋକଙ୍କ ପାଇଁ ଆସୁଥିବା ମାଗଣା ପାରାସିଟାମଲ ସିରପ ଦେଢ ଶହରୁ ଊର୍ଦ୍ଧ୍ୱ ବୋତଲ ଫିଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ରାସ୍ତା ପାର୍ଶ୍ୱରେ ଏହି ପୋଲ ଥିବାରୁ ଛୋଟଛୋଟ ପିଲାମାନେ ଏହି ବୋତଲ ଗୁଡ଼ିକ ନେଇ ଖେଳୁଥିବା ଦେଖିବାକୁ ମିଳିଥିଲା। ଯଦି ଅସାବଧାନତା ବଶତଃ କୌଣସି ପିଲା ଏହି ଔଷଧ ଖାଇ ଦିଅନ୍ତି ତା'ହେଲେ ସେମାନଙ୍କ ଯାହା ହେବ ଦାୟୀ କିଏ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଔଷଧ ବ୍ୟାଚ୍ ନମ୍ବର ପରୀକ୍ଷା ପାଇଁ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା.ଦିଲୀପ ସାହୁଙ୍କୁ ପଚାରିବାରୁ ଏହା ତାଙ୍କ ସ୍ୱାସ୍ଥ୍ୟକେନ୍ଦ୍ରର ଔଷଧ ନୁହେଁ ବୋଲି କହିଥିଲେ। ତେବେ ଏତେ ସଂଖ୍ୟକ ପାରାସିଟାମଲ ସିରପ କେଉଁଠୁ ଆସିଲା ଏହାର ତଦନ୍ତ କଲେ ଜଣାପଡ଼ିବ। ଏହା ଫୋପାଡିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟ

ଖଲ୍ଲିକୋଟ,୧୧।୨(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଖଲ୍ଲିକୋଟ ଟି-ଟ୍ୱିଣ୍ଟି କ୍ରିକେଟ ଟୁର୍ନମେଣ୍ଟ ବୁଧବାର ଆରମ୍ଭ ହୋଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ୧୦ ଟି ଟିମ୍ ଭାଗ ନେଇଛନ୍ତି। ପ୍ରଥମ ଦିନରେ ବ୍ରହ୍ମପୁର ରାଜପୁତ କ୍ଲବ ଓ ଦିଗପହଣ୍ଡି କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।


ବ୍ୟାଙ୍କ ଅଫ୍ ବରୋଦା Bank of Baroda | କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

**ସଂଶୋଧନ ପତ୍ର**

ଦୈନିକ ଖବର କାଗଜ "ଧରିତ୍ରୀ"ରେ ତା.୧୦.୦୨.୨୦୨୬ ରିଖରେ ପ୍ରକାଶିତ "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର.ନଂ. ୩ ରେ ଥିବା ଋଣଗ୍ରହୀତା: ମେସର୍ସ ସାଇ ମୋଟର୍ସ ସମ୍ପତ୍ତିର ଇ-ନିଲାମ ତାରିଖ ୧୫.୦୩.୨୦୨୬ ପରିବର୍ତ୍ତେ ଯଥାକ୍ରମେ **୧୬.୦୩.୨୦୨୬** ଏବଂ ଅମାନତ ରାଶି ଦାଖଲର ଅନ୍ତିମ ତାରିଖ ୧୨.୦୩.୨୦୨୬ ପରିବର୍ତ୍ତେ **୧୬.୦୩.୨୦୨୬** ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ରହିବ।

ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ: ୧୧.୦୨.୨୦୨୬ — ବ୍ୟାଙ୍କ ଅଫ୍ ବରୋଦା

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-Watering-316-26

**କାର୍ଯ୍ୟର ନାମ :** ଦୁଇ ବର୍ଷ (730 ଦିନ) ପାଇଁ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ମନୋନୀତ କୋଚିଙ୍ଗ ଟ୍ରେନ୍ ଗୁଡ଼ିକରେ ଜଳ ଯୋଗାଣ।
**ବିଜ୍ଞାପିତ ମୂଲ୍ୟ :** ₹ 3,18,12,192.92, **EMD :** ₹3,09,100/-, **ଟେଣ୍ଡର ନଥିପତ୍ରର ମୂଲ୍ୟ:** ₹11,800/-, **ଶେଷ ହେବା ଅବଧି: 24 ମାସ।**
**ବିଡ୍ ଆରମ୍ଭ ହେବା ତାରିଖ : ତା.11.02.2026ରିଖ**
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ଼
PR-1114/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଜି/ଖଡ଼ଗପୁର-୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ବିଡ୍ ଅମାନତ/ଇ.ଏମ୍.ଡି.: (୧) ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୫୪, ତାରିଖ: ୦୯।୦୨।୨୦୨୬;** ସାଉଥ୍ ସେଟଲମେଣ୍ଟ ଖଡ଼ଗପୁର ଅଧୀନରେ ଏସ୍‌ଏସ୍‌ଇଇ/ଏସ୍‌ଇ/ଖଡ଼ଗପୁରଙ୍କ ଅଧୀନରେ ବର୍ଦ୍ଧିତ ଲୋଡ୍ ଚାହିଦାର ମୁକାବିଲା କରିବା ପାଇଁ ଏଚ୍‌ଟି ରିଙ୍ଗ୍ ମେନ୍ ସିଷ୍ଟମ୍ ତିଆରି ପାଇଁ ବୈଦ୍ୟୁତିକ କାର୍ଯ୍ୟ ଏବଂ ଏଲଟି ପାୱାର ସପ୍ଲାଏ ସିଷ୍ଟମର ଉନ୍ନତୀକରଣ; ₹୩,୭୫,୧୭,୪୮୪.୫୫; ₹୩,୩୭,୬୦୦/- । (୨) **୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୫୫, ତାରିଖ: ୦୯।୦୨।୨୦୨୬;** ନିମ୍ନଲିଖିତ ପାଇଁ ବୈଦ୍ୟୁତିକ କାର୍ଯ୍ୟ (i) ପାଂସକୁରାଠାରେ ଏଡିଏସ୍‌ଟିଇ/ପାଂସକୁରାଙ୍କ କାର୍ଯ୍ୟାଳୟ ନିର୍ମାଣ ଏବଂ (ii) ପାଂସକୁରାଠାରେ ଏଡିଏସ୍‌ଟିଇ/ପାଂସକୁରାଙ୍କ ନୂଆ ଟାଇପ୍-IV କ୍ୱାର୍ଟରର ନିର୍ମାଣ; ₹୨୯,୨୮,୯୩୩.୫୦; ₹୫୮,୬୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ସ୍ୱୀକୃତିପତ୍ର ଜାରି ତାରିଖରୁ ୧୨ ମାସ ଓ କ୍ର.ସଂ. ୨ ପାଇଁ ୬ ମାସ । **ଦାଖଲ ତାରିଖ:** ଉଭୟ ପାଇଁ ତା୦୪।୦୩।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୪।୦୩।୨୦୨୬ରିଖ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଓ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1171)

GOVERNMENT OF ORISSA
**OFFICE OF THE NOTIFIED AREA COUNCIL, KODALA**
Odisha, Pin - 761032, e-Mail : nackodala@gmail.com
Lt. No.373/ Dev / 2026 — Dated : 07/02/2026
**e-NOTICE**
**BID IDENTIFICATION NO. KOD-NAC-15/2025-26**

**No.13001/158/2526** : The Executive Officer, NAC, Kodala, On behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 03 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : **From 10.00 A.M. of Dt.09.02.2026 to 05.00 P.M. of Dt.27.02.2026**
6. Last date and time for receipt of Bid in the Portal : **05.00 P.M. of Dt.27.02.2026**
7. The bid received online shall be opened on **11.00 A.M. of dtd. 02.03.2026**
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal : www.tendersorissa.gov.in
Sd./- Executive Officer
Kodala NAC
OIPR-13001/13203/1/25-26/0001

**PANCHAYAT SAMITI, KABISURYANAGAR**
GANJAM, ODISHA, PIN-761104
Letter No. : 604/PSKSN — Date : 05.02.2026
**INVITATION FOR COMPETATIVE BIDDING**
**BID IDENTIFICATION NO. : PSKSN-01/2025-26**
No.19001/27/2526 — TENDER ID

| | | | |
|---|---|---|---|
| 1. | PROCUREMENT OFFICER-PUBLISHER / OFFICER INVITING THE TENDER / BIDS (OTT) | : | BLOCK DEVELOPMENT OFFICER, KS NAGAR |
| 2. | NAME OF THE WORKS/PACKAGES | : | WORKS AS PUBLISHED IN THE WEBSITES |
| 3. | NOS. OF WORKS WITH ESTIMATED COST | : | 06 (SIX) NOS (DETAILED BELOW) |
| 4. | DATE & TIME OF AVAILABILITY OF BID DOCUMENTS IN THE PORTAL AND LAST DATE & TIME FOR RECEIPT OF BIDS | : | FROM 10.00 A.M. OF DT.07/02/2026 TO 5.00 P.M. OF DT.21.02.2026 |
| 5. | DATE & TIME FOR OPENING OF BIDS | : | 11.30 A.M. OF DTD.24.02.2026 |

| Sl. No. | Name of the Work | Value of work (in Rs) (Excluding GST) |
|---|---|---|
| 1 | Construction of 50 MT Godown and Office Building at Kabisuryanagar NAC SCS | 24,82,275/- |
| 2 | Construction of 50 MT Godown and Office Building at Jarada SCS | 24,77,876/- |
| 3 | Construction of 50 MT Godown and Office Building at Nimundia SCS | 24,91,184/- |
| 4 | Construction of 50 MT Godown and Office Building at Badamahuri SCS | 24,91,184/- |
| 5 | Construction of 50 MT Godown and Office Building at Ambapua SCS | 24,91,184/- |
| 6 | Construction of 50 MT Godown and Office Building at Athagadapatna SCS | 24,82,275/- |

N.B : Further more details can be seen in the DTCN available in the e-Procurement portal i.e. https://tendersorissa.gov.in
Sd./- Block Development Officer
Kabisurya Nagar
OIPR-19001/19340/1/25-26/0001

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा पुरूष विशाल नायक उम्र–करीब 35 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदिका सह पत्नी पिंकी नायक के द्वारा अपनी पति विशाल नायक उम्र–करीब 35 वर्ष की गुमशुदगी के संबंध में संबंधित थाना गोविन्दपुर में लिखित आवेदन दिये हैं। आवेदन में इनके द्वारा बताया गया है कि गुमशुदा विशाल नायक, उम्र–करीब 35 वर्ष, पत्नी–पिंकी नायक, पता–कोयला टाल रोड खुटाडीह सोनारी थाना–सोनारी, जिला–पूर्वी सिंहभूम, जमशेदपुर जो दिनांक–31.01.2026 से लापता हैं। आवेदिका एवं इनके परिजनों ने अपने स्तर से काफी खोजबीन किया गया परन्तु गुमशुदा का कुछ पता नहीं चल सका है। गुमशुदा पुरूष का हुलिया निम्न प्रकार है :–उम्र–35 वर्ष, कद–05 फीट, रंग–गोरा, पहनावा–हाफ पेंट एवं सफेद काला जैकेट, भाषा–हिन्दी।

अत: अनुरोध है कि गुमशुदा पुरूष विशाल नायक उम्र–करीब 35 वर्ष, को खोजबीन / पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (नगर) : 9431706483
थाना प्रभारी, गोलमुरी : 9431706511

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 372801 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**OFFICE OF THE MUNICIPAL COUNCIL, SONEPUR**
No. 338/ Dt. 06-02-2026
**QUOTATION CALL NOTICE**

**No.13001/194/2526** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality. The rate quoted documents should be submitted to the undersigned on or before **17.02.2026 up to 05.00P.M** and the same will be opened on **dt.18.02.2026 at 11.00A.M** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e., www.subarnapur.nic.in w.e.f **07.02.2026 to 17.02.2026.** The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

Sd./- Executive Officer
Sonepur Municipality
OIPR-13001/13098/1/25-26/0001

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୯ — **ବିଜ୍ଞାପନ** — ତା:୧୫।୦୧।୨୬

No. 13001/176/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି-୧ /୪୨ (MIG-I/42), କମ୍ପୋଜିଟ୍ ହାଉସିଂ ସ୍କିମ୍, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସାଇବାଣୀ ସାହୁ, ସ୍ୱାମୀ: ଶ୍ରୀ ଅର୍ଜ୍ଜୁନ ସାହୁ, ସା: ଭୁଲୁଭୂମି, ପୋ: ଛାମୋଣ୍ଡା, ଥାନା: ବୁଗୁଡ଼ା, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସାଇବାଣୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୌମ୍ୟ ନଚିକେତା, ପିତା: ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ, ସା: ନୂଆଗାଁ, ପୋ: ନୂଆଗାଁ, ଥାନା: ନୟାଗଡ଼, ଜିଲ୍ଲା: ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0043

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୩୦୭ — **ବିଜ୍ଞାପନ** — ତା:୨୧।୦୧।୨୦୨୬

No. 13001/188/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ବି-୨/୧୧ (B-2/11), ବନଜା ଆପାର୍ଟମେଣ୍ଟ ବ୍ଲକ ନଂ. ବି(B), ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରଦୀପ କୁମାର ଚାନ୍ଦ, ପିତା: ୰ସୁରେନ୍ଦ୍ର କୁମାର ଚାନ୍ଦ, ସା: ଗଙ୍ଗରାମ ନୂଆସାହି, ପୋ.: ପୁରୀ ଟାଉନ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଦୀପ କୁମାର ଚାନ୍ଦ ଉକ୍ତ ଗୃହ (ଫ୍ଲାଟ୍)ଟିକୁ ଦାନସୂତ୍ର ଆଧାରରେ ତାଙ୍କର ୧. ସ୍ତ୍ରୀ: ଶ୍ରୀମତୀ ଅଜନ୍ତା ପାଲ, ସ୍ୱାମୀ: ପ୍ରଦୀପ କୁମାର ଚାନ୍ଦ, ସା: ପ୍ଲଟ ନଂ. ୨୦୯ ଭିନୟଦୀପ ଆପାର୍ଟମେଣ୍ଟ, ଅଶୋକ ନଗର, ପୋ: ଅଶୋକନଗର, ଥାନା: କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୨. ଅପ୍ରମିତା ଚାନ୍ଦ, ସ୍ୱାମୀ: ନୀଳାଦ୍ରି ମିତ୍ର, ପିତା: ପ୍ରଦୀପ କୁମାର ଚାନ୍ଦ, ସା: ପ୍ଲଟ ନଂ. ୨୦୯, ଭିନୟଦୀପ ଆପାର୍ଟମେଣ୍ଟ, ଅଶୋକନଗର, ପୋ: ଅଶୋକନଗର, ଥାନା: କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0052

GOVERNMENT OF ODISHA — No. 34001/23/2526
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone: 0680-2281582, e-mail: ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. CCE, SC (R&B)-BAM-13/2025-26**
No. 266 — Dated: 31.01.2026

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building works as detailed in the table below.
2) Nature of Work : Building Works
3) No. of Work : 03 Nos.
4) Tender Cost : Rs.10,000/- (Online)
5) Class of Contractor : "B" Class / "A" Class
6) Availability of bid documents in the website : 16.02.2026 10.00 A.M. to 02.03.2026 5.30 P.M.
7) Date of opening of Bid : 05.03.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum/corrigendum/cancellation of tender can also be seen in the said website only.

Sd./- (Damodar Kaibartta)
Chief Construction Engineer
Southern (R&B) Circle, Berhampur
OIPR-34001/34103/1/25-26/0023

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

File No. 3345/2025 — Date: 07.11.2025

No. 24001/26/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ପ୍ରଧାନିପୁଟ, ଥାନା: ବୈପାରିଗୁଡ଼ା, ତହସିଲ: କୁନ୍ଦରା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୧୦/୨୨ ତା: ୧୧।୦୫।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 26974 ତା: ୨୧।୦୭।୨୦୨୫ରିଖ ଅନୁଯାୟୀ ୩୧।୧୨।୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ପ୍ରଧାନିପୁଟ, ଥାନା: ବୈପାରୀଗୁଡ଼ା, ତହସିଲ: କୁନ୍ଦରା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ https://koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: କୋରାପୁଟ — ତହସିଲ: କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଧାନିପୁଟ | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | | | | ୯.୯୨୩ ଏକର | ଏଥି ସହ ସଂଲଗ୍ନ କରାଗଲା |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: କୋରାପୁଟ — ତହସିଲ: କୁନ୍ଦରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: 31.12.2025
ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
ମୌଜା: ପ୍ରଧାନିପୁଟ, ଥାନା: ବୈପାରୀଗୁଡ଼ା, ତହସିଲ: କୁନ୍ଦରା, ଜିଲ୍ଲା: କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଧାନିପୁଟ | ଗ୍ରାମାଞ୍ଚଳ | ୧୬ | ୬୦୨ | ଧାନ ଅଣ ଜଳସେଚିତ ଦୁଇ | ୦.୬ | ୦.୪୨୨ | ଗୁରୁବାରୀ ଡମ, ସ୍ୱା.: ବୁଦୁ ଡମ, ଜା: ଡମ, ବା: ନିଜଗାଁ |
| | | ୨୪ | ୫୨୯ | ଧାନ ଅଣ ଜଳସେଚିତ ଦୁଇ | ୧.୦୨୫ | ୦.୦୧୭ | ଘନଶ୍ୟାମ ପ୍ରଧାନୀ, ପି.: କଣ୍ଡ ନାୟକ, ଜା: ରଣା, ବା: ନିଜଗାଁ |
| | | ୨୪ | ୫୩୦ | ଧାନ ଅଣ ଜଳସେଚିତ ଦୁଇ | ୧.୧ | ୦.୩୧୯ | ଘନଶ୍ୟାମ ପ୍ରଧାନୀ, ପି.: କଣ୍ଡ ନାୟକ, ଜା: ରଣା, ବା: ନିଜଗାଁ |
| | | ୨୮ | ୪୭୫ | ଡଙ୍ଗର | ୧.୦୫୮ | ୦.୦୬୯ | ପଦ୍ମା ହନ୍ତାଳ, ସାବିତ୍ରୀ ନାରାଜି, ପି.: ଜୟ ହନ୍ତାଳ, ଜା: ରଣା, ବା: ନଡ଼ିଆଲପାଲି, ମାଧବ ହନ୍ତାଳ, ହରିହର ହନ୍ତାଳ, ପି.: ଜୟ ହନ୍ତାଳ, ଜା: ରଣା, ବା: ପ୍ରଧାନିପୁଟ, ସୁଲୋଚନା ଖିଲ, ପି.: ଜୟ ହନ୍ତାଳ, ଜା: ରଣା, ବା: ବନୁଗୁଡ଼ା, କମଳା ହନ୍ତାଳ, ଶିବୁ ହନ୍ତାଳ, ଶିବା ହନ୍ତାଳ, ପି.: ଟଙ୍କଧର ହନ୍ତାଳ, ଜା: ରଣା, ବା: ପ୍ରଧାନିପୁଟ |
| | | ୩୪ | ୫୯୦ | ଧାନ ଅଣ ଜଳସେଚିତ ଦୁଇ | ୧.୦୭ | ୦.୩୯୧ | ଟଙ୍କଧର ହନ୍ତାଳ, ପି.: ଜୟରାମ ହନ୍ତାଳ, ଜା: ରଣା, ବା: ନିଜଗାଁ |
| | | ୪୩ | ୫୮୫ | ଧାନ ଅଣ ଜଳସେଚିତ ଦୁଇ | ୨.୧୨୫ | ୦.୧୭୯ | ତ୍ରିଲୋଚନ ନାରାଜି, ପି.: ଶ୍ୟାମ ନାରାଜି, ଜା: ଭୂମିଆ, ବା: ନିଜଗାଁ |
| | | ୪୭ | ୬୦୫ | ଧାନ ଅଣ ଜଳସେଚିତ ଦୁଇ | ୧.୫୮୧ | ୦.୧୪୬ | ଦେବିନା ଡମ୍ବ, ସ୍ୱା.: ଘାସି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| | | ୫୪ | ୫୪୪ | ଧାନ ଅଣ ଜଳସେଚିତ ଦୁଇ | ୦.୬୩ | ୦.୫୦୮ | ନୀଳକଣ୍ଠ ହନ୍ତାଳ, ଚୈତନ୍ୟ ହନ୍ତାଳ, ଗୌରୀ ହନ୍ତାଳ, କୁସୁମା ହନ୍ତାଳ, ପାର୍ବତୀ ହନ୍ତାଳ, ପି.: ଗୋବର୍ଦ୍ଧନ ହନ୍ତାଳ, ଜା: ରଣା, ବା: ନିଜଗାଁ |
| | | ୫୪ | ୫୪୫ | ଧାନ ଅଣ ଜଳସେଚିତ ଦୁଇ | ୨.୦୬୫ | ୦.୪୧ | ନୀଳକଣ୍ଠ ହନ୍ତାଳ, ଚୈତନ୍ୟ ହନ୍ତାଳ, ଗୌରୀ ହନ୍ତାଳ, କୁସୁମା ହନ୍ତାଳ, ପାର୍ବତୀ ହନ୍ତାଳ, ପି.: ଗୋବର୍ଦ୍ଧନ ହନ୍ତାଳ, ଜା: ରଣା, ବା: ନିଜଗାଁ |
| | | ୫୯ | ୫୪୩ | ଧାନ ଅଣ ଜଳସେଚିତ ଏକ | ୧.୭୩ | ୦.୮୮ | ପ୍ରତିମା ହନ୍ତାଳ, ସ୍ୱା.: ଆଦୁ ହନ୍ତାଳ, ଜା:ରଣା, ବା: ନିଜଗାଁ |
| | | ୬୨ | ୫୭୯ | ଧାନ ଅଣ ଜଳସେଚିତ ଦୁଇ | ୦.୭୬୬ | ୦.୦୨୭ | ବଳରାମ ନାୟକ, ପି.: ହରି ନାୟକ, ଜା: ରଣା, ବା: ନିଜଗାଁ |
| | | ୬୨ | ୫୮୦ | ଧାନ ଅଣ ଜଳସେଚିତ ଦୁଇ | ୦.୫୩୯ | ୦.୪୧୧ | ବଳରାମ ନାୟକ, ପି.: ହରି ନାୟକ, ଜା: ରଣା, ବା: ନିଜଗାଁ |
| | | ୬୯ | ୫୮୧ | ଧାନ ଅଣ ଜଳସେଚିତ ଏକ | ୦.୬୯୨ | ୦.୩୫୮ | ବସନ୍ତ ଆଚାର୍ଯ୍ୟ, ସ୍ୱା.: ରାମଚନ୍ଦ୍ର ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ଦିଗାପୁର |
| | | ୬୯ | ୫୯୯ | ଧାନ ଅଣ ଜଳସେଚିତ ଦୁଇ | ୧.୨୬୩ | ୦.୦୬୫ | ବସନ୍ତା ଆଚାର୍ଯ୍ୟ, ସ୍ୱା.: ରାମଚନ୍ଦ୍ର ଆଚାର୍ଯ୍ୟ, ଜା: ବ୍ରାହ୍ମଣ, ବା: ଦିଗାପୁର |
| | | ୭୭ | ୪୭୬ | ଡଙ୍ଗର | ୦.୮୧୫ | ୦.୫୮୧ | ମଦନ ସିଙ୍ଗର୍ବ, ପି.: ଜୟ ସିଙ୍ଗର୍ବ, ଜା: ଭୂମିଆ, ବା: ନିଜଗାଁ |
| | | ୭୮ | ୫୩୪ | ଧାନ ଅଣ ଜଳସେଚିତ ଦୁଇ | ୦.୩୦୯ | ୦.୧୦୪ | ମତି ଡମ୍ବ, ସ୍ୱା.: ପରମାନନ୍ଦ ବାରିକ, ଜା: ଡମ୍ବ, ବା: ନିଜଗାଁ |
| | | ୭୮ | ୫୩୫ | ଧାନ ଅଣ ଜଳସେଚିତ ଦୁଇ | ୦.୩୨୯ | ୦.୦୫୩ | ମତି ଡମ୍ବ, ସ୍ୱା.: ପରମାନନ୍ଦ ବାରିକ, ଜା: ଡମ୍ବ, ବା: ନିଜଗାଁ |
| | | ୮୩ | ୬୦୦ | ଧାନ ଅଣ ଜଳସେଚିତ ଦୁଇ | ୦.୮୫୨ | ୦.୨୭୧ | ଡାଳିମ୍ବ ରଗଡ଼ି, ସ୍ୱା.: ମୁଦୀ ରଗଡ଼ି, ଗୁପ୍ତ ରଗଡ଼ି, ତ୍ରିପତି ରଗଡ଼ି, ଜଗବନ୍ଧୁ ରଗଡ଼ି, ପି.: ମୁଦୀ ରଗଡ଼ି, ଜା: ରଣା, ବା: ପ୍ରଧାନିପୁଟ, ମଙ୍ଗଳି ଖିଲ, ପି.: ମୁଦୀ ରଗଡ଼ି, ଜା: ରଣା, ବା: ଖିଲପୁଟ, ସମ୍ବାରି ହନ୍ତାଳ, ପୂର୍ଣ୍ଣି ଖିଲ, ପି.: ମୁଦୀ ରଗଡ଼ି, ଜା: ରଣା, ବା: ପ୍ରଧାନିପୁଟ, ପଦ୍ମା ଖଡ଼ା, ପି.: ମୁଦୀ ରଗଡ଼ି, ଜା: ରଣା, ବା: ଖଡିଗଡ, ଭଗବାନ ରଗଡ଼ି, ପି.: ମୁଦୀ ରଗଡ଼ି, ଜା: ରଣା, ବା: ପ୍ରଧାନିପୁଟ |
| | | ୮୩ | ୬୦୧ | ଧାନ ଅଣ ଜଳସେଚିତ ଦୁଇ | ୧.୨୫୫ | ୦.୬୮୨ | ଡାଳିମ୍ବ ରଗଡ଼ି, ସ୍ୱା.: ମୁଦୀ ରଗଡ଼ି, ଗୁପ୍ତ ରଗଡ଼ି, ତ୍ରିପତି ରଗଡ଼ି, ଜଗବନ୍ଧୁ ରଗଡ଼ି, ପି.: ମୁଦୀ ରଗଡ଼ି, ଜା: ରଣା, ବା: ପ୍ରଧାନିପୁଟ, ମଙ୍ଗଳି ଖିଲ, ପି.: ମୁଦୀ ରଗଡ଼ି, ଜା: ରଣା, ବା: ଖିଲପୁଟ, ସମ୍ବାରି ହନ୍ତାଳ, ପୂର୍ଣ୍ଣି ଖିଲ, ପି.: ମୁଦୀ ରଗଡ଼ି, ଜା: ରଣା, ବା: ପ୍ରଧାନିପୁଟ, ପଦ୍ମା ଖଡ଼ା, ପି.: ମୁଦୀ ରଗଡ଼ି, ଜା: ରଣା, ବା: ଖଡିଗଡ଼, ଭଗବାନ ରଗଡ଼ି, ପି.: ମୁଦୀ ରଗଡ଼ି, ଜା: ରଣା, ବା: ପ୍ରଧାନିପୁଟ |
| | | ୧୦୪ | ୫୭୪ | ଧାନ ଅଣ ଜଳସେଚିତ ଏକ | ୦.୭୯୮ | ୦.୪୪୪ | ସନାଦେଇ ଡମ୍ବ, ସ୍ୱା.: ସାଧବ ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| | | ୧୦୭ | ୫୪୨ | ଧାନ ଅଣ ଜଳସେଚିତ ଦୁଇ | ୦.୨୮୪ | ୦.୧୭୪ | ସବିନା ବାରିକ, ସେବତୀ ବାରିକ, ସାବିତ୍ରୀ ବାରିକ, କୁମାରୀ ବାରିକ, ପି.: ମାଧବ ବାରିକ, ବିମଳା ବାରିକ, ସ୍ୱା.: ମାଧବ ବାରିକ, ଜା: ଡମ୍ବ, ବା: ନିଜଗାଁ |
| | | ୧୧୧ | ୫୭୩ | ଧାନ ଅଣ ଜଳସେଚିତ ଦୁଇ | ୦.୭୧୭ | ୦.୩୮୩ | ସାଦେବ ହରିଜନ, ପି.: ବୁଦୁ ହରିଜନ, ଜା: ଡମ୍ବ, ବା: ନିଜଗାଁ |
| | | ୧୧୨ | ୪୪୯ | ଧାନ ଅଣ ଜଳସେଚିତ ଦୁଇ | ୦.୩୨୯ | ୦.୦୨୫ | ହରିହର ହନ୍ତାଳ, ପି.: ଜୟ ହନ୍ତାଳ, ଜା: ରଣା, ବା: ନିଜଗାଁ |
| | | ୨୧୭/୧୯ | ୫୫୨ | ଧାନ ଅଣ ଜଳସେଚିତ ଦୁଇ | ୦.୩୪୧ | ୦.୧୧୪ | ଅର୍ଜ୍ଜୁନ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୧୯ | ୫୫୩ | ଧାନ ଅଣ ଜଳସେଚିତ ଦୁଇ | ୦.୫୦୭ | ୦.୨୧୮ | ଅର୍ଜ୍ଜୁନ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୧୯ | ୫୮୭ | ଧାନ ଅଣ ଜଳସେଚିତ ଏକ | ୦.୯୭୬ | ୦.୦୩୫ | ଅର୍ଜ୍ଜୁନ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୧୯ | ୫୮୮ | ଧାନ ଅଣ ଜଳସେଚିତ ଏକ | ୦.୦୬୨ | ୦.୦୪ | ଅର୍ଜ୍ଜୁନ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୧୯ | ୫୮୯ | ଧାନ ଅଣ ଜଳସେଚିତ ଦୁଇ | ୦.୫୫୭ | ୦.୪୩୨ | ଅର୍ଜ୍ଜୁନ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୦ | ୫୫୧ | ଧାନ ଅଣ ଜଳସେଚିତ ଦୁଇ | ୦.୨୯୭ | ୦.୧୪୮ | ଗୁପ୍ତ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୦ | ୫୫୪ | ଧାନ ଅଣ ଜଳସେଚିତ ଦୁଇ | ୦.୪୦୩ | ୦.୦୬୭ | ଗୁପ୍ତ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୦ | ୫୮୬ | ଧାନ ଅଣ ଜଳସେଚିତ ଏକ | ୧.୫୫୭ | ୦.୮୭୧ | ଗୁପ୍ତ ପ୍ରଧାନୀ, ପି.: ଜଗନ୍ନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୧ | ୫୫୦ | ଧାନ ଅଣ ଜଳସେଚିତ ଏକ | ୦.୧୧୪ | ୦.୧ | ଭୀମ ପ୍ରଧାନୀ, ପି.: ପଦଲାମ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୧ | ୫୪୮ | ଧାନ ଅଣ ଜଳସେଚିତ ଏକ | ୦.୨୪୭ | ୦.୧୫୧ | ଭୀମ ପ୍ରଧାନୀ, ପି.: ପଦଲାମ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୧ | ୫୫୫ | ଧାନ ଅଣ ଜଳସେଚିତ ଦୁଇ | ୦.୪୭୭ | ୦.୦୨୩ | ଭୀମ ପ୍ରଧାନୀ, ପି.: ପଦଲାମ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୨ | ୫୪୮/୭୭୯ | ଧାନ ଅଣ ଜଳସେଚିତ ଏକ | ୦.୨୪୭ | ୦.୧୮ | ଲୋକନାଥ ପ୍ରଧାନୀ, ନବିନା ପ୍ରଧାନୀ, ପି.: ରଘୁନାଥ ପ୍ରଧାନୀ, ସମ୍ବାରୀ ପ୍ରଧାନୀ, ସ୍ୱା.: ରଘୁନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | ୨୧୭/୨୨ | ୫୪୯ | ଧାନ ଅଣ ଜଳସେଚିତ ଏକ | ୦.୧୧୯ | ୦.୦୩୩ | ଲୋକନାଥ ପ୍ରଧାନୀ, ନବିନା ପ୍ରଧାନୀ, ପି.: ରଘୁନାଥ ପ୍ରଧାନୀ, ସମ୍ବାରୀ ପ୍ରଧାନୀ, ସ୍ୱା.: ରଘୁନାଥ ପ୍ରଧାନୀ, ଜା: ରଣା, ବା: ପ୍ରଧାନିପୁଟ |
| | | | | | | ୯.୩୩୯ | |

ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି

| ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|
| ୭ | ୪୭୪ | ଡଙ୍ଗର | ୧.୧୨୪ | ୦.୨୭ | କୃଷ୍ଣ ନାୟକ, ପି.: ଲକ୍ଷ୍ମଣ ନାୟକ, ଜା: ମାଳି, ବା: ନିଜଗାଁ |
| ୨୮ | ୪୭୫ | ଡଙ୍ଗର | ୧.୦୫୮ | ୦.୩୧୪ | ପଦ୍ମା ହନ୍ତାଳ, ସାବିତ୍ରୀ ନାରାଜି, ପି.: ଜୟ ହନ୍ତାଳ, ଜା: ରଣା, ବା: ନଡ଼ିଆଲପାଲି, ମାଧବ ହନ୍ତାଳ, ହରିହର ହନ୍ତାଳ, ପି.: ଜୟ ହନ୍ତାଳ, ଜା: ରଣା, ବା: ପ୍ରଧାନିପୁଟ, ସୁଲୋଚନା ଖିଲ, ପି.: ଜୟ ହନ୍ତାଳ, ଜା: ରଣା, ବା: ବନୁଗୁଡ଼ା, କମଳା ହନ୍ତାଳ, ଶିବୁ ହନ୍ତାଳ, ଶିବା ହନ୍ତାଳ, ପି.: ଟଙ୍କଧର ହନ୍ତାଳ, ଜା: ରଣା, ବା: ପ୍ରଧାନିପୁଟ |

ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି

| | |
|---|---|
| ରେଳପଥ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | ୯.୩୩୯ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | ୦.୫୮୪ |
| ମୋଟ | ୯.୯୨୩ |

OIPR-24001/24249/3/25-26/0001 — Sd./- Tahasildar, Kundra

**ତ୍ରିକୋଣୀୟ ପ୍ରେମରୁ କାର୍ ଡ୍ରାଇଭରଙ୍କୁ ହତ୍ୟା ଘଟଣା**

# ହତ୍ୟା ପଛରେ ଯୁବତୀଙ୍କ ପ୍ରତାରଣା

■ମୃତ ସତ୍ୟବ୍ରତଙ୍କୁ ପୂର୍ବରୁ ଜାଣି ନ ଥିଲେ ଦୀନେଶ
■ଦୀନେଶଙ୍କୁ ଧରି କ୍ରାଇମ୍ ସିନ୍ ରିକ୍ରିଏଶନ କଲା ପୋଲିସ

ଭୁବନେଶ୍ୱର, ୧୧।୨( ତ୍ରିନାଥ ମହାନ୍ତି)

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରରେ କାର୍ ଡ୍ରାଇଭର ସତ୍ୟବ୍ରତ ପ୍ରଧାନଙ୍କୁ ହତ୍ୟା ଘଟଣା ପଛରେ ଥିବା ଆଉ କିଛି ସତ୍ୟର ପର୍ଦ୍ଦାଫାଶ କରିଛି ପୋଲିସ। ପ୍ରେମିକା ସୁମିତ୍ରା (ଛଦ୍ମନାମ)ଙ୍କ ପ୍ରେମ ପ୍ରତାରଣାରୁ ତାଙ୍କ ଦ୍ୱିତୀୟ ପ୍ରେମିକ ସତ୍ୟବ୍ରତଙ୍କୁ ଛୁରି ଭୁସି ହତ୍ୟା କରିଥିଲେ ପ୍ରଥମ ପ୍ରେମିକ ଦୀନବନ୍ଧୁ ନାୟକ ଓରଫ ଦୀନେଶ। ସୁମିତ୍ରା ହଠାତ୍ ତାଙ୍କଠାରୁ ଦୂରେଇ ଯିବାରୁ ପ୍ରେମ ପ୍ରତାରଣାରେ ଜର୍ଜରିତ ଦୀନେଶ ସନ୍ଦେହ କରି ଜଗତ୍‌ସିଂହପୁରରୁ ସିଧା ନୀଳାଦ୍ରିବିହାରସ୍ଥିତ ପ୍ରେମିକା ସୁମିତ୍ରାଙ୍କ ଘରେ ପହଞ୍ଚି ଅପରିଚିତ ସତ୍ୟବ୍ରତଙ୍କ ସହ ତାଙ୍କୁ ଅସଜାଡ଼ିତ ଅବସ୍ଥାରେ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ରାଗରେ ସେ ଛୁରିରେ ସତ୍ୟବ୍ରତଙ୍କ ତଣ୍ଟି କାଟି ହତ୍ୟା କରିଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏସିପି ସୋନାଲ ସିଂହ ପରମାର ସୂଚନା ଦେଇଛନ୍ତି।

ଉଭୟ ସତ୍ୟବ୍ରତ ଓ ଦୀନେଶ ବିବାହିତ ହୋଇ ସୁଦ୍ଧା ପାର୍ଲରରେ କାମ କରୁଥିବା ସୁମିତ୍ରାଙ୍କୁ ଭଲ ପାଉଥିଲେ। ସୁମିତ୍ରାଙ୍କ ସହିତ ପ୍ରଥମେ ଦୀନେଶଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ୩ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ସେମାନେ କିଛିଦିନ ଲିଭ୍-ଇନ୍‌ରେ ମଧ୍ୟ ରହିଥିଲେ। ତା'ପରେ ସୁମିତ୍ରାଙ୍କ ଜୀବନକୁ ଆସିଥିଲେ ସତ୍ୟବ୍ରତ। ଉଭୟ ଇନ୍‌ଷ୍ଟାଗ୍ରାମରେ ପରିଚୟ ହୋଇଥିଲେ। ଏହାରି ଭିତରେ ଦୁଇ ମାସ ହେବ ଦୀନେଶଙ୍କଠାରୁ ଦୂରେଇ ରହିଥିଲେ ସୁମିତ୍ରା। ଦୀନେଶ ମଧ୍ୟ ଜଗତ୍‌ସିଂହପୁରକୁ ପଳାଇଥିଲେ ମଧ୍ୟ ଫୋନ୍‌ରେ ସୁମିତ୍ରାଙ୍କ ସହିତ ଯୋଗାଯୋଗରେ ଥିଲେ। ଏଥିସହ ତାଙ୍କ ଚରିତ୍ରକୁ ନେଇ ସନ୍ଦେହ କରିଥିଲେ। ହେଲେ ସତ୍ୟବ୍ରତଙ୍କ ସହିତ ସୁମିତ୍ରାଙ୍କର ସମ୍ପର୍କ ଗଢ଼ିଉଠିଥିବା ଜାଣି ନ ଥିଲେ ଦୀନେଶ ଓ ସତ୍ୟବ୍ରତ ମଧ୍ୟ ଦୀନେଶଙ୍କ ସହ ସମ୍ପର୍କ ନେଇ ସୁମିତ୍ରାଙ୍କଠାରୁ କିଛି ଶୁଣି ନ ଥିଲେ। ଗତ ରବିବାର ଦୀନେଶ ବାରମ୍ବାର ସୁମିତ୍ରାଙ୍କୁ କଲ୍ ଓ ଭିଡିଓ କଲ୍ କରିଥିଲେ ମଧ୍ୟ ସେ ରିସିଭ୍ କରି ନ ଥିଲେ। ତେଣୁ ଦୀନେଶ ସନ୍ଦେହ କରି ଏକ କାର୍‌ରେ ଜଗତସିଂହପୁରରୁ ଭୁବନେଶ୍ୱର ଆସି ରାତି ପ୍ରାୟ ଗୋଟାଏରେ ସୁମିତ୍ରାଙ୍କ ରୁମ୍‌ରେ ପହଞ୍ଚିଥିଲେ। ସୁମିତ୍ରାଙ୍କ ସହ ସତ୍ୟବ୍ରତଙ୍କୁ ଦେଖି ଦୀନେଶଙ୍କ ମୁଣ୍ଡକୁ ଯୁବତୀଙ୍କ ପ୍ରତାରଣାର ରାଗ ଚଢ଼ିଯାଇଥିଲା। କିଛି ସମୟ ଧରି ସତ୍ୟବ୍ରତ ଏବଂ ଦୀନେଶଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ମାର୍‌ପିଟ୍ ହୋଇଥିଲା। ଏହି ସମୟରେ ଦୀନେଶ ଏକ ଛୁରିରେ ସତ୍ୟବ୍ରତଙ୍କ ତଣ୍ଟି ଓ ଛାତିରେ ଛୁରି ଭୁସି ଦେଇଥିଲେ। ସୁମିତ୍ରା ସତ୍ୟବ୍ରତଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସତ୍ୟବ୍ରତ ଗୁରୁତର ଅବସ୍ଥାରେ ଘରୁ ଦୌଡ଼ି ପଳାଉଥିବାବେଳେ ମଙ୍ଗଳା ମନ୍ଦିର ନିକଟରେ ଅଚେତ ହୋଇ ପଡ଼ିଯାଇଥିଲେ। ସୁମିତ୍ରା ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇ ଦେଇଥିଲେ। ଏପଟେ ଦୀନେଶ ବସ୍ ଯୋଗେ ଜଗତ୍‌ସିଂହପୁର ପଳାଇଥିଲେ। ଯେତେବେଳେ ଦୀନେଶ ଜାଣିଲେ ପୋଲିସ ସିସିଟିଭି ଫୁଟେଜ୍, କଲ୍ ରେକର୍ଡ ଆଦି ଯାଞ୍ଚ କରି ତାଙ୍କୁ ଖୋଜୁଛି, ସେ ଜଗତ୍‌ସିଂହପୁର ଥାନାରେ ମଙ୍ଗଳବାର ଆତ୍ମସମର୍ପଣ କରିଥିଲେ। ପୋଲିସ ଦୀନେଶଙ୍କୁ ଗିରଫ କରିବା ପରେ କ୍ରାଇମ ସ୍ପଟ୍‌କୁ ନେଇ କ୍ରାଇମ ସିନ୍ ରିକ୍ରିଏଶନ କରିଛି। କିଭଳି ସତ୍ୟବ୍ରତଙ୍କୁ ହତ୍ୟା କଲେ ପୂରା ଘଟଣା ପୋଲିସ ଆଗରେ ଦେଖାଇଛନ୍ତି ଦୀନେଶ। ଏସିପି ସୋନାଲ ସିଂହ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦୀନେଶ ଏକମାତ୍ର ଅଭିଯୁକ୍ତ। ସେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସୁମିତ୍ରାଙ୍କୁ ନେଇ ଏହି ତ୍ରିକୋଣୀୟ ପ୍ରେମ କାହାଣୀ ଗଢ଼ିଉଠିଥିଲା ବେଳେ ସତ୍ୟବ୍ରତଙ୍କ ହତ୍ୟାକାଣ୍ଡରେ ତାଙ୍କର ସଂପୃକ୍ତି ନାହିଁ। ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ନ ଥିବା ମଧ୍ୟ ସ୍ପଷ୍ଟ ହୋଇଛି। ସତ୍ୟବ୍ରତ ଯେଉଁ କାର୍ ଚଳାଉଥିଲେ ତାହାକୁ ମାଲିକ ନେଲାବେଳେ ଦୁର୍ଘଟଣା ଘଟିଥିଲା। କାର୍ ମାଲିକ କାର ନେଇଯିବା ପାଇଁ ଯେଉଁ ଡ୍ରାଇଭରଙ୍କୁ ପଠାଇଥିଲେ ସେ ମଦ ପିଇ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିଥିଲା।

### ମୋ ପରିବାର ଉଜୁଡ଼ିଗଲା: ଦୀନେଶଙ୍କ ସ୍ତ୍ରୀ

ଦୀନେଶଙ୍କ ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅରିଲୋ ଗାଁରେ। ମଙ୍ଗଳବାର ରାତିରେ ଦୀନେଶ ଚାଲି ଚାଲି ଆସି ଜଗତ୍‌ସିଂହପୁର ସଦର ଥାନାରେ ପହଞ୍ଚି ସେ ହତ୍ୟା କରିଥିବା ଓ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ପୋଲିସକୁ କହିଥିଲେ। ଖବର ପାଇବା ପରେ କମିଶନରେଟ ପୋଲିସ ଜଗତ୍‌ସିଂହପୁରରେ ପହଞ୍ଚି ଦୀନେଶଙ୍କୁ ଭୁବନେଶ୍ୱର ଆଣିଥିଲା। ଦୀନେଶଙ୍କର ମା'ବାପାଙ୍କ ପରଲୋକ ହୋଇଯାଇଛି। ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିବା ଦୀନେଶଙ୍କ ଘରେ ତାଙ୍କ ସ୍ତ୍ରୀ ଓ ଝିଅ ଅଛନ୍ତି। ସୁମିତ୍ରାଙ୍କ ସହିତ ସମ୍ପର୍କ ଗଢ଼ିଉଠିବା ପରଠୁ ସେ ଆଉ ନିୟମିତ ଘରକୁ ଯାଉ ନ ଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। ସେ ଗାଡ଼ି ଡ୍ରାଇଭର ଭାବେ ପ୍ରଥମେ କଟକ ଓ ପରେ ଭୁବନେଶ୍ୱରରେ କାମ କରୁଥିଲା। ସୁମିତ୍ରା ସହିତ ସମ୍ପର୍କ ରଖିବା ପରେ ତାଙ୍କ ପରିବାର ଉଜୁଡ଼ି ଯାଇଛି ବୋଲି ଦୀନେଶଙ୍କ ସ୍ତ୍ରୀ କହିଛନ୍ତି।

# ଛାତ୍ରୀଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

**ଆଧାର ସଂଶୋଧନ ବାହାନାରେ ବାହାରକୁ ନେଇଥିଲେ**

ବଣାଇ,ଲହୁଣୀପଡ଼ା,୧୧।୨
(ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)


ଅଭିଯୁକ୍ତ ତାପସ କୁମାର ବଡ଼ାଇ

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତସ୍ଥିତ ହଳଦୀକୁଦର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣୈକା ନାବାଳିକା ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ବଳାତ୍କାର କରିଥିବା ବୁଧବାର ଲହୁଣୀପଡା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରି ସୁନ୍ଦରଗଡ଼ ପୋକ୍‌ସୋ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଶିକ୍ଷକ ଜଣକ ହେଲେ ତାପସ କୁମାର ବଡ଼ାଇ। ଏନେଇ ଲହୁଣୀପଡ଼ା ପୋଲିସ ଏକ ମାମଲା (ନଂ.୫୩/୨୬)ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାରୁ ପ୍ରକାଶ ଯେ, ଆଧାର କାର୍ଡ ସଂଶୋଧନ ନାଁରେ ତାପସ ଏକାଧିକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ବିଦ୍ୟାଳୟ ପରିସରରେ ଚର୍ଚ୍ଚା ଚାଲିଥିଲା। ଏହି ବିଷୟରେ କେହିବି ଛାତ୍ରୀ ମୁହଁ ଖୋଲି ନ ଥିଲେ। ଅନୁରୂପଭାବେ ମଙ୍ଗଳବାର ବିଦ୍ୟାଳୟର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଆଧାର ସଂଶୋଧନ ବାହାନାରେ ବାଇକ୍‌ରେ ବସାଇ ବଣେଇ ଆଣିଥିଲେ। ଫେରିବାବେଳେ ସୁଅରପାଲି ଗ୍ରାମରେ ଥିବା ଭଡ଼ାଘରକୁ ନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଭୟ ଦେଖାଇ ଥିଲେ ବୋଲି ପୀଡ଼ିତା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ଏପରି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଲହୁଣୀପଡ଼ା ବ୍ଲକ ଚେୟାରମ୍ୟାନ ପଣ୍ଡିତ ମୁଣ୍ଡା କହିଛନ୍ତି, ଘଟଣାର ସତ୍ୟାସତ୍ୟ ନେଇ ସେ ନିଜେ ତଦନ୍ତ କରିଥିବା ଏବଂ ଛାତ୍ରୀଙ୍କ ମୁହଁରୁ ସମ୍ପୃକ୍ତ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଶୁଣି ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ମହାନ୍ତଙ୍କୁ ତାଗିଦ କରିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

# ବଚସାରୁ ଯୁବକଙ୍କୁ ହତ୍ୟା

■ବୁର୍ଲାରେ ଚିକିତ୍ସିତ ହେଉଛନ୍ତି ଅନ୍ୟ ୨ ଅଭିଯୁକ୍ତ
■ବିନିକା ସହରରେ ଉତ୍ତେଜନା


ସୋନପୁର/ବିନିକା,୧୧।୨
(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ମଙ୍ଗଳବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ ନେଇ ଛୁରି ଭୁସି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ବିନିକା ନୂଆପଡ଼ାର ଶମ୍ଭୁ ମେହେର(୩୪)। ମୃତକଙ୍କ ସାନଭାଇ ଗୌତମ ମେହେର ବୁଧବାର ସକାଳେ ଏ ନେଇ ବିନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ବିନିକା ସହର ଭୀମ ଭୋଇ ନଗରର ଅମିତ ଭରାସାଗର, ଟୁନୁ ରଣବିରା ଓ ରାକେଶ ଭେଣ୍ଡ୍ରାଙ୍କ ନାମରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବିନିକା ଥାନାରେ ଏକ ମାମଲା (ନଂ ୨୬/୨୦୧୬) ରୁଜୁ କରିବା ସହ ପୋଲିସ ଅଭିଯୁକ୍ତ ରାକେଶ ଭେଣ୍ଡ୍ରାଙ୍କୁ ଅଟକ ରଖିଛି। ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ କରିଛି। ଘଟଣାରେ କେଉଁମାନେ ସମ୍ପୃକ୍ତ ଓ ହତ୍ୟା ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଏସ୍‌ପି ନାରାୟଣ ନାୟକ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଘଟଣାକୁ ନେଇ ବିନିକା ସହରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଅନୁଗୋଳ ମେଡିକାଲ କିରାଣିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଦରମାରେ ଅଢ଼େଇ କୋଟି ଟଙ୍କା ଦୁର୍ନୀତି ମାମଲା**

ଅନୁଗୋଳ,୧୧।୨(ଜ୍ୟୋତିରଞ୍ଜନ ସାହୁ)



ସୁବ୍ରତଙ୍କ ବାସଭବନ। ଯାଞ୍ଚ ବେଳେ ଠାବ ହୋଇଥିବା ସାମଗ୍ରୀ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର କିରାଣି ସୁବ୍ରତ ବେହେରାଙ୍କ ବିରୋଧରେ ଅଢ଼େଇ କୋଟି ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗ ରହିଥିବାବେଳେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କୁ ବ୍ୟାପକ କରାଯାଇଛି। ଅନୁଗୋଳ ସୁସୁଡ଼ାସ୍ଥିତ ସୁବ୍ରତଙ୍କ ବାସଭବନ ସହ ଢେଙ୍କାନାଳ ଜିଲା ବାଉଁଶପୋଖରୀରେ ଥିବା ପୈତୃକ ଘର, ବଅଁରପାଳ ଅଞ୍ଚଳର ଶ୍ୱଶୁର ଘର, ଭୁବନେଶ୍ୱରରେ ଭାଇଙ୍କ ଭଡ଼ା ଘର ଓ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ତାଙ୍କ କାର୍ଯ୍ୟାଳୟରେ ଏକାସଙ୍ଗରେ ଚଢ଼ାଉ କରାଯାଇଛି। ଭିଜିଲାନ୍ସର ୩ଟି ଟିମ୍ ସହ ୫ ଡିଏସ୍‌ପି, ୮ ଇନ୍ସପେକ୍ଟର, ୧୪ ଏଏସ୍ଆଇ ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ଜରୁରୀ କାଗଜପତ୍ର, ବ୍ୟାଙ୍କ ଖାତା ସମ୍ପର୍କିତ ରେକର୍ଡ ଓ ସମ୍ପତ୍ତି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଆକାଉଣ୍ଟ ଦାୟିତ୍ୱ ଦେଖୁଥିବା ସୁବ୍ରତ ନିଜ ଦରମା ବେଆଇନ ଭାବେ ବଢ଼ାଇ ଦୀର୍ଘ ସମୟ ମଧ୍ୟରେ ରାଜକୋଷରୁ ପ୍ରାୟ ଅଢ଼େଇ କୋଟି ଟଙ୍କା ହଡ଼ପ କରିଛନ୍ତି। ଏହାସହ କେତେଜଣ ଡାକ୍ତରଙ୍କ ବେତନ ହିସାବରେ ମଧ୍ୟ ଅନିୟମିତତା କରି ଅର୍ଥ ତୋସାରପାତ କରିଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ ଆସିବା ପରେ ଚିକିତ୍ସାଳୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ମାମଲା ରୁଜୁ କରିବା ଜାଣି ସୁବ୍ରତ ଫେରାର ହୋଇଯାଇଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ ଦାଖଲ କରାଯାଇଥିଲା। ପ୍ରାୟ ସାଢ଼େ ୩ ମାସ ଧରି ଖୋଜାଖୋଜି ପରେ ସୁବ୍ରତ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ,୧୧।୨(ଜ୍ୟୋତିରଞ୍ଜନ ସାହୁ)

**ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା ମାମଲା**

ପାରିବାରିକ ବିବାଦରୁ ସ୍ତ୍ରୀ ସସ୍ମିତା ମୁଣ୍ଡାଙ୍କ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀ ଶ୍ରୀଧର ମୁଣ୍ଡାଙ୍କୁ ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଭିଜିଲାନ୍ସ) ଦୋଷୀ ସାବ୍ୟସ୍ତ କରିବା ସହ ବୁଧବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟସ୍ଥଳେ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ପୁରୁଣାକୋଟ ଥାନା କେସ୍ ନଂ. ୧୦, ତାରିଖ ୨୫।୧।୨୦୨୪ ଆଧାରରେ ଏହି ମାମଲା ରୁଜୁ ହୋଇ ଅଦାଲତରେ ବିଚାରାଧୀନ ଥିଲା। ମାମଲାର ଶୁଣାଣି ସମୟରେ ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ପଷ୍ଟ ହେବା ପରେ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ମଲ୍ଲିକ ମାମଲା ପରିଚାଳନା କରିଥିଲେ।

## Business

# ଜିଏଫ୍ଏସ୍ଡବ୍ଲୁଏର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)




ଗ୍ରିଡକୋ ଫାଇନାନ୍ସ ସର୍ଭିସ ୱେଲଫେୟାର ଆସୋସିଏସନ (ଜିଏଫ୍ଏସ୍ଡବ୍ଲୁଏ) ପକ୍ଷରୁ ଏହାର ବାର୍ଷିକ ଉତ୍ସବ ଓଟିସିଏଲ୍ ପାୱାର କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଓପିଟିସିଏଲ୍ ନିର୍ଦ୍ଦେଶକ(ଅର୍ଥ) ଶ୍ରୀକାନ୍ତ କୁମାର ସାହୁ, କ୍ଷୀରୋଦ କୁମାର ନନ୍ଦ, ନିର୍ଦ୍ଦେଶକ (ଅପରେଶନ) ପ୍ରଶାନ୍ତ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ପ୍ରୋଜେକ୍ଟ) ପ୍ରଦୀପ କୁମାର ଦାଶ ଏବଂ ସିଜିଏମ୍ (ଏଚ୍ଆର୍) ଅନୀତା ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଆସୋସିଏସନର ସଭାପତି ମହେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆସୋସିଏସନର ସାଧାରଣ ସମ୍ପାଦକ ଦାମୋଦର ମିଶ୍ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ସେ ଓପିଟିସିଏଲ୍ ଓ ଗ୍ରିଡକୋ ଫାଇନାନ୍ସ ଏକ୍ଜିକ୍ୟୁଟିଭ୍‌ମାନଙ୍କର ଅସୁବିଧା ଉପରେ ଆଲୋକପାତ କରିଥିଲେ। ସମସ୍ତ ସଦସ୍ୟଙ୍କ ଦାବି ଉପରେ ଆଲୋଚନା କରାଯାଇ ସମୟକ୍ରମେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଅତିଥି ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀକାନ୍ତ କୁମାର ସାହୁ ଓ କ୍ଷୀରୋଦ ଚନ୍ଦ୍ର ନନ୍ଦ କମ୍ପାନୀର ବଢ଼ୁଥିବା ପରିଧିରେ ଫାଇନାନ୍ସ ଅଧିକାରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଗ୍ରିଡକୋ ଓ ଓପିଟିସିଏଲ୍‌ର ଅଧିକାରୀମାନେ ଏଥିରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ୫୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଏକ ସ୍ମାରକୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆସୋସିଏସନର ଏକ୍ଜିକ୍ୟୁଟିଭ ବଡି ସଦସ୍ୟ ସସ୍ମିତ କୁମାର ସାମନ୍ତ ଧନ୍ୟବାଦ ଦେଇଥିଲେ। ୫୦୦ରୁ ଅଧିକ ଫାଇନାନ୍ସ ଅଧିକାରୀ ଏହି ଉତ୍ସବରେ ଯୋଗଦେଇଥିଲେ।

### ସିଆଇଆଇ ଓଡ଼ିଶା ପକ୍ଷରୁ ଜଳବାୟୁ ସହନଶୀଳତା ଉପରେ ଆଲୋଚନା

ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)

ସିଆଇଆଇ ଇଣ୍ଡିଆନ ମହିଳା ନେଟ୍‌ୱର୍କ (ଆଇଡବ୍ଲ୍ୟୁଏନ୍) ଓଡ଼ିଶା, ବ୍ରିଟିଶ ଡେପୁଟି ହାଇ କମିଶନ, କୋଲକାତା ଏବଂ ରିଜିଡ଼ ଇଣ୍ଡିଆ ସହଯୋଗରେ 'ପ୍ରସ୍ତୁତ ଭବିଷ୍ୟତ ପାଇଁ ଜଳବାୟୁ ସହନଶୀଳତା ଓ ସ୍ୱଚ୍ଛ ରୂପାନ୍ତରଣ' ବିଷୟରେ ଏକ ଆଲୋଚନା ସଭା ଭୁବନେଶ୍ୱରରେ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ସଭାରେ କାର୍ବନ ନିର୍ଗମନ କମାଇବା, ନବୀକରଣ ଉର୍ଜା ପ୍ରଚାର, ସ୍ଥାୟୀ ଅବଶିଷ୍ଟ ପରିଚାଳନା ଏବଂ ଜଳବାୟୁ ସହନଶୀଳତା ବୃଦ୍ଧି ପାଇଁ ବ୍ୟବହାରିକ ସମାଧାନ ଉପରେ ଆଲୋଚନାରେ ଓଡ଼ିଶାର ପରିବେଶଗତ ଓ ଶିଳ୍ପଗତ ପରିପ୍ରେକ୍ଷ୍ୟରୁ ଗୁରୁତ୍ୱ ଦିଆଯାଇଥିଲା। ସିଆଇଆଇଡବ୍ଲ୍ୟୁଏନ୍ ଓଡ଼ିଶା ଅଧ୍ୟକ୍ଷା ରୁବିନା ଆଲି, ସିଆଇଆଇ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ବ୍ରିଟିଶ ଡେପୁଟି ହାଇ କମିଶନର, କୋଲକାତା ଡା. ଆଣ୍ଡ୍ରୁ ଫ୍ଲେମିଙ୍ଗ, ରିଜିଡ଼ ଇଣ୍ଡିଆର ପ୍ରତିଷ୍ଠାତା ସୁପ୍ରିୟା ଚାଲା ଏବଂ ସିଆଇଆଇଡବ୍ଲ୍ୟୁଏନ୍ ଓଡ଼ିଶା କୋ-ଚେୟାର ସ୍ନେହପ୍ରଭା ଦାସ ଉପସ୍ଥିତ ଥିଲେ।

# ଓଡ଼ିଶାର ୩ୟ ହିରୋ ପ୍ରେମିଆ ଅନୁଗୋଳରେ ଉଦ୍ଘାଟିତ


ଅନୁଗୋଳଠାରେ ହିରୋ ପ୍ରେମିଆ ଶୋ'ରୁମ୍‌କୁ ଅତିଥିମାନେ ଉଦ୍ଘାଟନ କରୁଛନ୍ତି।

ଅନୁଗୋଳ,୧୧।୨(ଦିବ୍ୟଶାନ୍ତନୁ ନାଥ)

ଓଡ଼ିଶାର ୩ୟ ହିରୋ ପ୍ରେମିଆ ଶୋ'ରୁମ୍ ବୁଧବାର ଅନୁଗୋଳଠାରେ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ମୃଦୁଳା ଠାକୁର ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ହିରୋ କମ୍ପାନୀର ପୂର୍ବ ଭାରତ ପ୍ରମୁଖ ଲକ୍ଷ୍ମୀଶ କେଲୁସ୍କର ଉପସ୍ଥିତ ରହିଥିଲେ। ଓଡ଼ିଶାରେ ଏହା ତୃତୀୟ ପ୍ରେମିଆ ଶୋ'ରୁମ୍ ଭାବେ ଆରମ୍ଭ ହୋଇଥିବା ବେଳେ ହିରୋ କମ୍ପାନୀର ସମସ୍ତ ପ୍ରିମିୟମ ଗାଡ଼ି ଏଠାରେ ବିକ୍ରୟ ହେବ। ଏହି ଶୋ'ରୁମ୍‌ରେ ବ୍ୟାଟେରି ସ୍କୁଟର ଭିଡା, ମୋଟରସାଇକେଲ, ହାରଲୀ ଏକ୍ସ ୨୦୦, ମାଭରିକ, କରିଜ୍ମା ଏକ୍ସଏମ୍ଆର୍, ଏକ୍ସପ୍ଲସ ୨୦୦, ଏକ୍ସଟ୍ରିମ ୨୫୦ ସିସି ଆଦି ଗାଡ଼ି ବିକ୍ରୟ ହେବ। ପାର୍ବତୀ ମୋଟର୍ସ ତରଫରୁ ଖୋଲାଯାଇଥିବା ଏହି ଶୋ'ରୁମ୍ ଆଗକୁ ସମସ୍ତଙ୍କ ନିକଟରେ ଆଦୃତ ହେବ ବୋଲି ସ୍ୱତ୍ୱାଧିକାରୀ ଅଶୋକ ମାଲୋଓ୍ୱା କହିଥିଲେ।

# ବିଦ୍ୟୁତ୍ ସେବା ପ୍ରଦାନରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ 'ଅନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ମହିଳା ଓ ବାଳିକା ଦିବସ-୨୦୨୬' ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟୁତ ବିତରଣ କ୍ଷେତ୍ରରେ କାର୍ଯ୍ୟରତ ମହିଳା ବୃତ୍ତିଧାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରାଯାଇଛି। ମିଟରିଂ ଏବଂ ନେଟ୍‌ୱର୍କ ପରିଚାଳନାଠାରୁ ଆରମ୍ଭକରି ତାଲିମ ଏବଂ ଗୁଣବତ୍ତା ନିଶ୍ଚିତ କରିବା ପର୍ଯ୍ୟନ୍ତ, ମହିଳା ଇଞ୍ଜିନିୟର ଏବଂ ଟେକ୍ନିସିଆନମାନେ ଓଡ଼ିଶାର ବିଦ୍ୟୁତ୍ ସେବାକୁ ଅଧିକ ଭରସାଯୋଗ୍ୟ, ସ୍ୱଚ୍ଛ ଏବଂ ଗ୍ରାହକମାନଙ୍କ ପାଇଁ ସହଜ କରିବାରେ ବଡ଼ ଭୂମିକା ନେଉଛନ୍ତି। ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ ସଂସ୍ଥା ଭାବରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍ ବିଶ୍ୱାସକରେ ଯେ, ଦକ୍ଷ କର୍ମଚାରୀମାନଙ୍କ ଦ୍ୱାରା ହିଁ ଶ୍ରେଷ୍ଠ ପ୍ରଦର୍ଶନ କରାଯାଇପାରିବ। ଏକ ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମବାହିନୀ ଗଠନ କରିବା ଲକ୍ଷ୍ୟରେ କମ୍ପାନୀ ନିଜର ୪ଟି ଡିସ୍କମ୍ ଯଥା ଟିପିସିଓଡିଏଲ, ଟିପିଡବ୍ଲୁଓଡିଏଲ ଏବଂ ଟିପିଏସ୍ଓଡିଏଲରେ ମହିଳାମାନଙ୍କୁ ପ୍ରମୁଖ କାର୍ଯ୍ୟରେ ନିୟୋଜିତ କରୁଛି। ସ୍ୱତନ୍ତ୍ର ପ୍ରଶିକ୍ଷଣ, ଫିଲ୍ଡ କାମର ଅଭିଜ୍ଞତା ଏବଂ କ୍ୟାରିଅରରେ ଆଗକୁ ବଢ଼ିବା ପାଇଁ ଠିକ୍ ସୁଯୋଗ ଦେଇ କମ୍ପାନୀ କ୍ରମାଗତ ଭାବରେ ମହିଳାମାନଙ୍କୁ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ସଶକ୍ତ କରୁଛି। ବିଜ୍ଞାନ କ୍ଷେତ୍ରରେ ମହିଳା ଓ ବାଳିକାମାନଙ୍କର ସମାନ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ଅଧୀନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଅଭିଯାନ ମଧ୍ୟରେ ଓଡ଼ିଶାର ମହିଳା ଆଇଟିଆଇ ଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ନିଯୁକ୍ତି ଦକ୍ଷତା ବୃଦ୍ଧି ପାଇଁ 'ରୋଶନୀ' ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ ଏବଂ କ୍ୟାରିଅରରେ ବିରତି ନେଇଥିବା ମହିଳାମାନଙ୍କୁ ପୁନର୍ବାର କାର୍ଯ୍ୟକ୍ଷେତ୍ରକୁ ଫେରାଇ ଆଣିବା ପାଇଁ 'ନୂଆ ଆରମ୍ଭ' ଭଳି ଅଭିନବ ପ୍ରୟାସ ଅନ୍ତର୍ଭୁକ୍ତ।

# ଆନ୍ତର୍ଜାତିକ ଜର୍ନାଲ ପତଞ୍ଜଳି ମହୁର ଅଧ୍ୟୟନ ପ୍ରକାଶିତ

ଭୁବନେଶ୍ୱର,୧୧।୨

ପତଞ୍ଜଳି ଆନ୍ତର୍ଜାତିକ ସ୍ତରରେ ବୈଜ୍ଞାନିକ ମାନ୍ୟତା ଲାଭ କରିଛି। ପତଞ୍ଜଳି ମହୁ ଉପରେ କରାଯାଇଥିବା ଏକ ବିସ୍ତୃତ ଗବେଷଣା ଅଧ୍ୟୟନ ଏଲ୍‌ସିଭିୟର ପ୍ରକାଶିତ ପ୍ରତିଷ୍ଠିତ ଆନ୍ତର୍ଜାତିକ ଜର୍ନାଲ ଆପ୍ଲାଏଡ୍ ଫୁଡ୍ ରିସର୍ଚ୍ଚରେ ପ୍ରକାଶିତ ହୋଇଛି। ଏହି ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ପତଞ୍ଜଳି ନିଜର ପ୍ରଚାର କରୁଥିବା ନୀତିଗୁଡ଼ିକୁ ପ୍ରକୃତରେ ପାଳନ କରିଥାଏ ଏବଂ ଏହା ଏକ ସ୍ଥାୟୀ ସତ୍ୟ। ଆମର ଲକ୍ଷ୍ୟ ହେଉଛି ଦେଶକୁ ଅପମିଶ୍ରଣ ଭୟରୁ ରକ୍ଷା କରିବା ଏବଂ ପତଞ୍ଜଳି ଏହି ଲକ୍ଷ୍ୟରେ ଅଟଳ ରହିଛି। ସେ ଆହୁରି କହିଛନ୍ତି, ଭାରତୀୟ ଖାଦ୍ୟ ଉତ୍ପାଦଗୁଡ଼ିକ ବିଶ୍ୱ ମଞ୍ଚରେ ପୂର୍ବରୁ ସନ୍ଦେହର ଶିକାର ହୋଇଆସିଛି। କିନ୍ତୁ ଏହି ଆନ୍ତର୍ଜାତିକ ଜର୍ନାଲରେ ପ୍ରକାଶିତ ଗବେଷଣା ପ୍ରମାଣ କରିଛି ଯେ ଭାରତ ବିଶ୍ୱସ୍ତରୀୟ ଗବେଷଣା ଏବଂ ଗୁଣବତ୍ତା ମାନଦଣ୍ଡ ହାସଲ କରିପାରିବ। ଏହି ସଫଳତା କେବଳ ପତଞ୍ଜଳି ପାଇଁ ନୁହେଁ, ସମଗ୍ର ଭାରତୀୟ ଏଫ୍ଏମ୍‌ସିଜି କ୍ଷେତ୍ର ପାଇଁ ଗର୍ବର ବିଷୟ।



ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ପକ୍ଷରୁ ଚାଲିଥିବା ଜୋନ୍‌ସ୍ତରୀୟ ଖଦି ପ୍ରଦର୍ଶନୀର ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ୧୩ରୁ ଓଡ଼ିଶା ମେଡିକାଲ ଡିଭାଇସ୍ ଏକ୍ସପୋ



ଭୁବନେଶ୍ୱର,୧୧।୨(ଅନୁରାଧା ମହାରଣା)

ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ 'ଓଡ଼ିଶା ମେଡିକାଲ ଡିଭାଇସ୍ ଏକ୍ସପୋ-୨୦୨୬' ୫ମ ସଂସ୍କରଣ ଫେବ୍ରୁଆରୀ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଆଜି ହାଇଟେକ ମେଡିକାଲ କଲେଜ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଏକ୍ସପୋର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ଚିକିତ୍ସା ଉପକରଣ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା। ଏହି ଖବରଦାତା ସମ୍ମିଳନୀରେ ଓଡ଼ିଶା ମେଡିକାଲ ଡିଭାଇସ୍ ଏକ୍ସପୋର ଅପରେଶନାଲ ହେଡ୍ ଶ୍ରୀକାନ୍ତ କୁମାର ସାସମଲ, ଓମ୍‌ସାର ରାଜ୍ୟ ସଭାପତି ଡ. କିଶୋର ଚନ୍ଦ୍ର ମିଶ୍ର ଏବଂ ହାଇଟେକ ଗ୍ରୁପ୍‌ର ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ଡାକ୍ତର, ମେଡିକାଲ ଇଞ୍ଜିନିୟର ଏବଂ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ ନୂତନ ଜ୍ଞାନକୌଶଳ ଉପରେ ଚର୍ଚ୍ଚା କରିବେ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଯୋଜନା ରହିଛି।

## ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ) ଗୋସାଇଁନୂଆଗାଁ ଥାନା ଅଞ୍ଚଳରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣର ଅଭିଯୁକ୍ତଙ୍କୁ ପୋଲିସ ବାନ୍ଧିଛି। ସେ ହେଲେ ଡିୟିଲା ଡାଉରା ସାହିର ସୁବାସ ଦାସ(୪୨)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୋସାଇଁନୂଆଗାଁ ଅଞ୍ଚଳର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚସି)ରେ କାମ କରୁଥିବା ଶିବ ଶଙ୍କର ସାବତଙ୍କ ସହ ମଙ୍ଗଳବାର ଜଣେ ମହିଳା ଏବଂ ତାଙ୍କର ସମ୍ପର୍କୀୟ ସୁବାସ ଦାସ ହସ୍ପିଟାଲ ଆସି ଝଗଡା କରିଥିଲେ। ସେମାନେ ଶିବ ଶଙ୍କରଙ୍କ ଗଳା ଚିପିବା ସହ ମୋବାଇଲ ଫୋନ ଓ ଚଷମା ଭାଙ୍ଗି ଦେଇଥିଲେ। ଏନେଇ ଶିବ ଶଙ୍କର ଥାନାରେ ଅଭିଯୋଗ କରିଥିଲେ।

## ହତ୍ୟାକାରୀଙ୍କୁ ୮ ବର୍ଷ ଜେଲ

ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ବୌରାଜର ଅଶାନ୍ତ କୁମାର ଦାଶ ବୁଧବାର ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ୮ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଆଦେଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଉମରୁ ସେଠୀ(୪୫)। ଦିଗପହଣ୍ଡି ଥାନା କଇଡ଼ା ଗ୍ରାମରେ ୨୦୧୬ରେ ବୁଲୁ ସେଠୀଙ୍କୁ ହତ୍ୟା କରାଯାଇଥିଲା। ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଦ୍ୱାଦଶାହ କାର୍ଯ୍ୟରେ ବୁଲୁ ଭୋଜି ପରଷୁ ଥିବାବେଳେ କୌଣସି କଥାକୁ ନେଇ ଉଭୟଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଉମରୁ ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିବାରୁ ବୁଲୁ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି, ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଓ ସେଠାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଲୁଙ୍କ ମୃତ୍ୟୁ ହୋଇଥିଲା। ଅଭିଯୋଗ ପରେ ପୋଲିସ ଉମରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ଜାମିନରେ ଥିଲେ। ଦିଗପହଣ୍ଡି ଥାନା ତତ୍କାଳୀନ ଆଇଆଇସି ଆଦିତ୍ୟ କୁମାର ସେଠୀ ତାଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ମୋଟ ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ ।

# ବ୍ରହ୍ମପୁର ଟ୍ରାଫିକ୍ ସମସ୍ୟା ଦୂର ହେବ

- ମୋ ବସ୍‌ର ରୁଟ ଚାର୍ଟ ବଦଳିବ
- ଆଗାମୀ ଦିନରେ ସ୍ଥାୟୀ କରାଯିବ

## ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଲୋକାର୍ପିତ



କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକଙ୍କ ସହ ଅନ୍ୟ ଅଧିକାରୀ ଓ ଅଟୋ ଆସୋସିଏସନର କର୍ମକର୍ତ୍ତା।

ବ୍ରହ୍ମପୁର,୧୧।୨(ଅଶୋକ କୁମାର ସାହୁ)

ବ୍ରହ୍ମପୁର ଗୁଜୁମା କଲୋନୀ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ବୁଧବାର ଲୋକାର୍ପିତ ହୋଇଛି। ଏଣିକି ଗୋଲନ୍ଥରା ନିକଟ ନୂଆ ବସ୍‌ଷ୍ଟାଣ୍ଡକୁ ଦୂରଗାମୀ ବସ ଆଉ ଆସିବନି ବୋଲି ସ୍ପଷ୍ଟ ହୋଇଛି। ଉକ୍ତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଲୋକାର୍ପିତ କରିଛନ୍ତି। ଉଦଘାଟନ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ବିଇଏମସି ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଭାଜପା ଜିଲା ସଭାପତି ସରୋଜ ସାବତ, ଓ୍ୱାର୍ଡ ନଂ.୨ର କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ, ଜିଲାପାଳ ଭି. କୀର୍ତ୍ତିବାସନ,ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଫେଶେ ଅରବିନ୍ଦ ରାଜପର୍କେ, ବିଇଡିଏର ସଚିବ ରମେଶ ହାଁସଦା, ବ୍ରହ୍ମପୁର ମହାନଗର ନିଗମ ଯନ୍ତ୍ରୀ ଇଂ. ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଜେନା କହିଲେ ଯେ, ଓଡ଼ିଶାର ପୁରୁଣା ସହର ବ୍ରହ୍ମପୁର। ସହର ଉପକଣ୍ଠରେ ଉକ୍ତ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଏହି ବସ୍‌ଷ୍ଟାଣ୍ଡ ରେ ଉଚ୍ଚ କୋଟୀର ସମସ୍ତ ସୁବିଧା ରଖାଯାଇଛି। ଏଣିକି ବ୍ରହ୍ମପୁରର ଟ୍ରାଫିକ ସମସ୍ୟାରେ ସୁଧାର ଆସିବ। ରିଙ୍ଗରୋଡ କାମ ଚାଲିଛି। ଖୁବ ନିକଟରେ ତାହା ସରିଯିବ। ବର୍ତ୍ତମାନ ନୂଆ ବସ୍‌ଷ୍ଟାଣ୍ଡ ସିଟି ବସ୍‌ଷ୍ଟାଣ୍ଡର କାମ କରିବ। ଆସିକା, ଭଞ୍ଜନଗର, ଫୁଲବାଣୀ, ଜୟପୁର ପଟୁ ଯେଉଁ ବସଗୁଡିକ ଆସୁଛି ତାହା ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ରହିବ। ସେହିପରି ଜୟପୁର ପଟୁ ଯେଉଁ ବସ ଆନ୍ଧ୍ର ଦେଇ ଆସୁଛି ତାହା ହଳଦିଆପଦର ବସ୍‌ଷ୍ଟାଣ୍ଡରେ ରହିବ। ସେହିପରି ଭୁବନେଶ୍ୱର ପଟୁ ଯେଉଁ ବସ ଆସୁଛି ତାହା ବି ହଳଦିଆପଦର ବସ୍‌ଷ୍ଟାଣ୍ଡରେ ରହିବ। ସହର ଭିତରକୁ ଆଉ ଦୂରଗାମୀ ବସ ଆସିବ ନାହିଁ। ଯାତ୍ରୀଙ୍କ ସୁବିଧା ପାଇଁ ମୋ ବସ୍‌ର ବି ସୁବିଧା ରହିଛି। ଲୋକେ ସେଥିରେ ଯାଇ ଦୂରଗାମୀ ବସକୁ ଧରିବେ। ଏଣେ ଗେଟ ବଜାର ଫ୍ଲାଇ ଓଭର ବ୍ରିଜ ନିର୍ମାଣ ଚାଲିଛି ତାହା ବି ଆଗାମୀ ଦିନରେ ସରିବ। ବର୍ତ୍ତମାନ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନରେ ଏହାକୁ ସ୍ଥାୟୀ କରାଯିବ। ଯେଉଁମାନେ ଏହି ବସ୍‌ଷ୍ଟାଣ୍ଡକୁ ଆସିବାକୁ ମନ ଉଣା କରୁଥିଲେ ସେମାନଙ୍କ କଥାରେ ସରକାର ଚାଲିବନି। ସାମଗ୍ରୀକ ବିକାଶ ଉପରେ ସରକାର ଗୁରୁତ୍ୱ ଦେବେ। ଲୋକେ ଯେମିତି ସୁବିଧା ପାଇବେ ଓ ସହରର ଟ୍ରାଫିକ ସମସ୍ୟା ଦୂର ହେବ ଏହାକୁ ସରକାର ପ୍ରାଥମିକତା ଦେବେ ବୋଲି ମନ୍ତ୍ରୀ ଜେନା କହିଥିଲେ। ଏନେଇ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର କହିଛନ୍ତି ଯେ, ଉକ୍ତ ସ୍ଥାନ ଓଡିସିଏଲର। କିନ୍ତୁ ବସ୍‌ଷ୍ଟାଣ୍ଡ ୩.୫ ଏକର ଜମିରେ ରହିଛି। ଏଠାରେ ସମସ୍ତ ପ୍ରକାର ସୁବିଧା ରହିଛି। ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେବା ସମୟ ଆସିଛି। ଲୋକେ କିଭଳି ସୁବିଧା ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ଆଉ କିଛି ଦିନ ପରେ ଓଭରବ୍ରିଜ କାମ ସରିବ, ରିଙ୍ଗରୋଡ କାମ ବି ସରିବ। ଆଗାମୀ ଦିନରେ ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା ଦୂର ହେବ। ଏହି ବସ୍‌ଷ୍ଟାଣ୍ଡକୁ ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯିବ। ବିଇଏମସି ମେୟର ସଂଘମିତ୍ରା ଦଳେଇ କହିଥିଲେ ଯେ, ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ସ୍ୱାଗତ ଯୋଗ୍ୟ। ବ୍ରହ୍ମପୁରର ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡିଥିଲା। ଏବେ ସେଥିରେ ସୁଧାର ଆସିବ। ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ ଜିଲାପାଳ କହିଲେ ଯେ, ଆଗାମୀ ଦିନରେ କିଭଳି ଲୋକେ ସୁବିଧାରେ ଯାତାୟାତ କରିବେ ସେଥିନେଇ ଦୃଷ୍ଟି ଦିଆଯିବ। ଟ୍ରାଫିକ ସମସ୍ୟା ଦୂର କରିବାକୁ ଏହା ଏକ ଭଲ ପଦକ୍ଷେପ। ସେହିପରି ଟାଉନ ବସର ରୁଟ ଚାର୍ଟ ବଦଳିବା ପାଇଁ ଉଦ୍ୟମ କରାଯିବ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବସ ଓନର୍ସ ଆସୋସିଏସନର ନେତୃବୃନ୍ଦ, ଅଟୋ ଆସୋସିଏସନର ସଦସ୍ୟ ଓ ଅନେକ ଯାତ୍ରୀ ବି ଉପସ୍ଥିତ ଥିଲେ।

## ଇଟ୍ ରାଇଟ୍ ଚ୍ୟାଲେଞ୍ଜ୍ ପ୍ରତିଯୋଗିତାରେ ବିଇଏମ୍‌ସି ରାଜ୍ୟରେ ପ୍ରଥମ

### ଜାତୀୟ ସ୍ତରରେ ୨୭ ତମ ର୍‍ୟାଙ୍କ୍

ବ୍ରହ୍ମପୁର,୧୧।୨(ଅଶୋକ କୁମାର ସାହୁ) ଭାରତ ସରକାରଙ୍କ ଏଫଏସଏସଏଆଇ ଦ୍ୱାରା ପରିଚାଳିତ ପ୍ରତିଷ୍ଠିତ 'ଇଟ ରାଇଟ ଚ୍ୟାଲେଞ୍ଜ' ପ୍ରତିଯୋଗିତାରେ ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍‌ସି) ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ଜିଲା ଏବଂ ମହାନଗର ନିଗମ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି ଏବଂ ଜାତୀୟ ସ୍ତରରେ ୨୭ ତମ ସ୍ଥାନ ହାସଲ କରିଛି। ୨୦୨୩-୨୪ରେ ଜାତୀୟ ସ୍ତରରେ ୮୩ତମ ହାସଲ କରିଥିଲା। ଏହି ସଫଳତା ୧୬ଟି ପ୍ରମୁଖ ପାରାମିଟରରେ କାର୍ଯ୍ୟଦକ୍ଷତା ଆଧାରରେ ପ୍ରଦାନ କରାଯାଇଛି। ନୂତନ ପଞ୍ଜୀକରଣ, ଲାଇସେନ୍ସିଂ, ନିରୀକ୍ଷଣ ଏବଂ ପ୍ରବର୍ତ୍ତନ ଅଭିଯାନ ଏବଂ ଅନଲାଇନ ଯାଞ୍ଚ ସ୍ୱଚ୍ଛତା ମୂଲ୍ୟାଙ୍କନ, ହବ ପ୍ରମାଣପତ୍ର (ଷ୍ଟ୍ରିଟ ଫୁଡ, ପନିପରିବା ବଜାର, ପୂଜାସ୍ଥଳ), ଆରୟୁସିଓ, କୌଣସି ଖାଦ୍ୟ ଅପଚୟ ପ୍ରମାଣପତ୍ର ଏବଂ ଏଏନଏମ, ଆଶା କର୍ମୀ ଏବଂ ଅଙ୍ଗନୱାଡି କର୍ମୀଙ୍କ ପାଇଁ ଠିକ ଖାଦ୍ୟ ଟୁଲ୍‌କିଟ ତାଲିମ ଭଳି କ୍ଷମତା ନିର୍ମାଣ ଏବଂ ପ୍ରମାଣପତ୍ର ପଦକ୍ଷେପ ଠିକ ଖାଦ୍ୟ ପରିବେଶ (ଠିକ ଖାଦ୍ୟ କ୍ୟାମ୍ପସ) ର ପ୍ରୋତ୍ସାହନ, ଠିକ ଖାଦ୍ୟ ମିଶନ ଅଧୀନରେ ବିଭିନ୍ନ ଅଭିନବ କାର୍ଯ୍ୟକଳାପ ଦ୍ୱାରା ଏହି ସଫଳତା ପାଇଛି। ବିଇଏମସି ମେୟର, କମିଶନର ଓ ଅନ୍ୟାନ୍ୟ ଅଧିକାରୀଙ୍କ ପ୍ରୋତ୍ସାହନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ବିଇଏମସି ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗା ପ୍ରକାଶ କରିଛନ୍ତି।

## ଚାପରୁ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, ୧୧।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁରରେ ରହି ଏକ କଲେଜରେ ପାଠ ପଢୁଥିବା ଯାଜପୁର ଅଞ୍ଚଳର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ଜଣଙ୍କ ବୈଶାଖୀ ମହାପାତ୍ର (୧୭)। ଗୋସାଇଁନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏସଂକ୍ରାନ୍ତରେ ନଂ.୫୩/୨୬ ରେଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏପରିକି ମୃତ ଛାତ୍ରୀଙ୍କ ମୋବାଇଲ ଜବତ କରି ପୋଲିସ ଘଟଣାର ତଦନ୍ତ କରୁଛି। ଯାଜପୁର ଧର୍ମଶାଳା ଥାନା ଅନ୍ତର୍ଗତ ଖେତପାଳ ଗ୍ରାମର ବିରଞ୍ଚି ନାରାୟଣଙ୍କ ଝିଅ ବୈଶାଖୀ ବ୍ରହ୍ମପୁରର ଏକ କଲେଜରେ ଯୁକ୍ତ ଦୁଇ ଶ୍ରେଣୀରେ ପାଠ ପଢୁଥିଲେ। ସେ ତାଙ୍କ ଅଜାଘର ଗୋସାଇଁନୂଆଗାଁ ଡାମଣା ସାହିର କୈଳାସ ପାଢ଼ୀଙ୍କ ଘରେ ୮ମାସ ପୂର୍ବେ ଥିଲେ। ଗତ ୯ ତାରିଖ ଅପରାହ୍ନରେ ଘର ଭିତରେ ଥିବା ଛାତ୍ରୀ ଜଣଙ୍କ କବାଟ ଖୋଲୁନଥିବା ବେଳେ ଫୋନ କଲେ ମଧ୍ୟ ଗ୍ରହଣ କରୁନଥିବାରୁ ତାଙ୍କର ସନ୍ଦେହ ହୋଇଥିଲା। ପରେ ପରିବାର ଲୋକ ଘରର କବାଟ ଭାଙ୍ଗି ଭିତରକୁ ଯାଇ ଦେଖିବା ବେଳେ ବୈଶାଖୀ ବେକରେ ଶାଢ଼ି ବାନ୍ଧି ସିଲିଂ ଫ୍ୟାନରେ ଝୁଲି ପଡ଼ିଛନ୍ତି। ତାଙ୍କୁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗକାରୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଝିଅଙ୍କୁ କେହି ମାନସିକ ଚାପ ଦେଉଥିବାରୁ ସେ ଆତ୍ମହତ୍ୟା କରିଛନ୍ତି।

# ସିଟି ହାଇସ୍କୁଲର ବିକାଶ ପାଇଁ ବିଧାୟକ ଦେଲେ ୧୦ ଲକ୍ଷ

### ସିଟି ହାଇସ୍କୁଲର ବାର୍ଷିକ ଉତ୍ସବ



ବିଧାୟକ ପ୍ରଧାନଶିକ୍ଷକଙ୍କୁ ଅନୁଦାନ ରାଶିର ଏକ ଚିଠି ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ପିଏମ ଶ୍ରୀ ସିଟି ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର କହିଲେ ଯେ, ଉକ୍ତ ସ୍କୁଲ ସହରର ଏକ ପୁରାତନ ହାଇସ୍କୁଲ। ଏହା ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହି ସ୍କୁଲର ଆହୁରି ବିକାଶ ହେବ। ତେଣୁ ବିଧାୟକ ପାଣ୍ଠିରୁ ଉକ୍ତ ସ୍କୁଲକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏଥି ସହିତ ଛାତ୍ରମାନଙ୍କୁ ଉପଦେଶ ଦେଇ କହିଥିଲେ ଯେ, ନିଜେ ଦକ୍ଷ ହେଲେ ଦେଶର ବିକାଶ ହେବ। ତେଣୁ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରଂଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର କୁମାର ବେହେରା ଯୋଗଦେଇ ଛାତ୍ରମାନଙ୍କୁ ସମୟାନୁବର୍ତ୍ତୀ ହେବା ସହିତ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ, ଉକ୍ତ ସ୍କୁଲ ଅନେକ ଦିନର। ଅନେକ ପିଲାଙ୍କୁ ମଣିଷ କରିବାରେ ଉକ୍ତ ସ୍କୁଲର ଅବଦାନ ରହିଛି। ତେଣୁ ସ୍କୁଲ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଲାଙ୍କୁ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ କର୍ପୋରେଟର ଜେ. ଶ୍ରୀନିବାସ ରାଓ, ବିଦ୍ୟାଳୟ ପରିଚାଳନା ସଭାପତି ନରସିଂହ ମହାପାତ୍ର, ବିଦ୍ୟାଳୟ ଉନ୍ନୟନ ସମିତିର ପୂର୍ବତନ ସଭାପତି ପି. ସତ୍ୟ ନାରାୟଣ, ଦିବାକର ପଟ୍ଟନାୟକ ବିଏଡ କଲେଜ ଅଧ୍ୟକ୍ଷ ଡଃ. ମନୋଜ କୁମାର ପ୍ରଧାନ, ସି.ଆର.ସି ମୁଖ୍ୟ ଶ୍ରୀ ବାଙ୍କ ପ୍ରଧାନ, ବିଦ୍ୟାଳୟ ଆଇ.ସି. ସି. ସଭ୍ୟା ତଥା ସମାଜସେବୀ ରତ୍ନଗର୍ଭା ସରସତୀ ଦେବୀ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଥିଲେ। ସୁଜାତା ମହାରଣା ଓ ଉମା ଜୟନ୍ତୀଙ୍କ ସ୍ୱାଗତ ଭାଷଣ ପରେ ପୁରସ୍କାର ବିତରଣ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ରାଜଲକ୍ଷ୍ମୀ ସାହୁ, ଅଶୋକ କୁମାର ପଟ୍ଟନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶନିବାର ସକାଳୁଆ ସ୍କୁଲ

ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ) ଏବେ ଶୀତ କମିଛି। ଗଞ୍ଜାମ ଜିଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକୁ ଆସନ୍ତା ଶନିବାରଠାରୁ ସକାଳ ୬.୩୦ରୁ ୧୨.୩୦ ପର୍ଯ୍ୟନ୍ତ ଖୋଲା ରଖିବାକୁ ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

### ଆଧାର ଅପରେଟରଙ୍କୁ ଶୋଷଣ, କମ୍ପାନୀର ୪୬ ଲକ୍ଷ ହଡପ

## ପୂର୍ବତନ ଜିଲା ପରିଚାଳକ ଶିବା ଗିରଫ

ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଥିବା ଆଧାର କାର୍ଡ ଅପରେଟରଙ୍କୁ ଠକେଇ ଓ ଆର୍ଥିକ ଶୋଷଣ ସହ ସଂସ୍ଥାର ୪୬ ଲକ୍ଷ ଟଙ୍କା ହଡପ ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି। ସେ ହେଲେ ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲା ଭଲିଭର୍ଥିପାଡୁ ରୋଡର ମୂଳ ବାସିନ୍ଦା ତଥା ବ୍ରହ୍ମପୁର ତୁଳସୀନଗର ନିକଟ ସୁରଜବିହାର ପ୍ରଥମ ଲାଇନର ସତ୍ୟନାରାୟଣ ଶିଲା ଓରଫ ଶିବା(୪୦) । ଟାଉନ ଥାନା ପୋଲିସ ମାମଲା ନଂ ୬୬/୨୬ରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଜିଲାରେ ଆଧାର କାର୍ଡ ପ୍ରସ୍ତୁତ କରୁଥିବା ଏକ କମ୍ପାନୀରେ ଅଭିଯୁକ୍ତ ଶିବା ଜିଲା ପରିଚାଳକ ଥିଲେ। ସେ ଜିଲାର ଆଧାର ଅପରେଟରଙ୍କୁ ଡରାଇ ଧମକାଇ ଟଙ୍କା ଆଦାୟ କରୁଥିଲେ ବୋଲି ଅଭିଯୋଗ ରହିଛି । ଓଡ଼ିଶାର ବିଭିନ୍ନ ଜିଲାରେ ଆଧାରକାର୍ଡ ସଂଶୋଧନ କରିବାକୁ ଉକ୍ତ ସଂସ୍ଥା ଦାୟିତ୍ୱ ନେଇଥିଲା। ସେହି ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲାର ପ୍ରାୟ ୭୦ ଜଣ ଅପରେଟରଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଅପରେଟରମାନେ ଲୋକଙ୍କ ଆଧାରକାର୍ଡ ସଂଶୋଧନ କରିବା ପରେ ନିର୍ଦ୍ଧାରିତ ଫିସ ନେଉଛନ୍ତି। ହେଲେ ଅଧିକ ଫିସ ଆଦାୟ କରିବାକୁ ଜିଲା ପରିଚାଳକ ଶିବା ଅପରେଟରଙ୍କୁ କହି ଟଙ୍କା ଆଦାୟ କରୁଥିଲେ ବୋଲି ପୂର୍ବରୁ ଅଭିଯୋଗ ରହିଥିଲା । ଏପରିକି ଲାଇସେନ୍ସ ନବୀକରଣ ନାଁରେ ଶିବା ଜିଲାର ଅପରେଟରଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ । କମ୍ପାନୀ ପକ୍ଷରୁ ଶିବାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।

# ରାଜନୀତି ସାମାଜିକ ସେବାର ଏକ ମାଧ୍ୟମ

ବ୍ରହ୍ମପୁର,୧୧।୨(ଅଶୋକ କୁମାର ସାହୁ)

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ଭାଜପା ସମର୍ପଣ ଦିବସ ରୂପେ ପାଳିଛି। ହିଲପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସରୋଜ ସାବତ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଦୀନଦୟାଲ ଥିଲେ ଭାଜପାର ପଥ ପ୍ରଦର୍ଶକ। ରାଜନୀତି କେବଳ କ୍ଷମତା ଦଖଲ କରିବା ନୁହେଁ ବରଂ ସାମାଜିକ ସେବାର ଏକ ମାଧ୍ୟମ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି,ଜିଲା ଉପସଭାପତି ପ୍ରବୀର ପାତ୍ର, ଜିଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, କୁଞ୍ଜବିହାରୀ ପାଣିଗ୍ରାହୀ,ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ପାର୍ଥ ଦଳେଇ,ସୁରେଶ ପାଢ଼ୀ,ନାରାୟଣ ପଣ୍ଡା,ସୁନିଲ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା,ସିଦ୍ଧାନ୍ତ ଗଙ୍ଗଦେବ,ଜିଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, କର୍ପୋରେଟର ସବିତା ସାହୁ,ବନିତା ସାହୁ,ସ୍ମିତାଲି ସ୍ମୃତି ସ୍ନିଗ୍ଧା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।


**SUB DIVISIONAL HOSPITAL, BIRMAHARAJPUR, DIST-SONEPUR**

**Tender call notice for hiring of Vehicle**

Sealed tenders are invited from Travel Agencies/Transporters/ Tour Operator/Individuals/Private Organization/NGOs situated within SDH Birmaharajpur for supply of vehicles on monthly hiring basis to be used in SDH Birmaharajpur for **Mobile Health Team under RBSK & Block Programme Management Unit** of SDH Birmaharajpur. Last date for submitting the documents is **22.02.2026 on or before 05.30 P.M.** through Regd. Post Only. For detail information and documents, please visit **www.subarnapur.odisha.gov.in**. The authority has reserve the right to cancel the whole process without any notice.

Sd./- Superintendent
SDH Birmaharajpur

**OFFICE OF THE DIVISIONAL FOREST OFFICER, RAYAGADA DIVISION**

ଖଣ୍ଡୀୟବନାଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡ଼ା ବନଖଣ୍ଡ, ରାୟଗଡ଼ା

(E-mail: dforgda17@gmail.com & dfo.rayagada@odisha.gov.in)
Office Order No. 27/IF (Accts) 326/2026
Dated, Rayagada the 09th February' 2026.

**TENDER CALL NOTICE No. 04/2025-26 Date: 09.02.2026 for Purchasing of "CAMERA TRAP"**

No. 8001/54/2526: Sealed tenders are invited from eligible suppliers for the **Supply of Various Equipment/Materials for official use under Rayagada Forest Division** through **offline Two-Bid System (Technical & Financial)**.

**Tendering Authority:** Divisional Forest Officer, Rayagada Forest Division, Rayagada, Odisha - 765001.

**Estimated Cost & EMD:** As specified in the Detailed Tender Document.

**Important Dates:**
- **Sale of Tender Documents:** From 11.02.2026 at 11.00 A.M.
- **Last date for submission:** 20.02.2026 upto 5.00 P.M.
- **Opening of Technical Bids:** 21.02.2026 at 11.00 A.M.

Bidders may apply **item-wise.** Separate sealed envelopes are required for each item, clearly superscribed with the **Item Name/Item Code**.

Detailed Tender Document, eligibility criteria, terms & conditions are available at www.rayagada.nic.in.

The undersigned reserves the right to accept or reject any or all tenders without assigning any reason thereof.

Sd./- Divisional Forest Officer
Rayagada Division

OIPR-8001/8062/1/25-26/0001

**OFFICE OF THE SUPERINTENDENT FAKIR MOHAN MEDICAL COLLEGE & HOSPITAL, BALASORE**

(Formerly known as Government Medical College & Hospital, Balasore)
At/P.O./Dist.: Balasore, PIN - 756019 (Odisha), E mail: supdt.fmmchb@gmail.com

Letter No. 649/S/FMMCHB Date: 06.02.2026

**QUOTATION NOTICE FOR ACCESORIES OF MULTIPARA MONITOR (5 PARA) OF FMMC&H, BALASORE (2025-26)**

Quotation No. 592/S/FMMCHB Date: 06.02.2026

No. 10001/49/2526: FMMC&H, Balasore invites sealed quotation from registered Firm/Agencies/Company for Accessories of Multipara Monitor (5 Para) for FMMC&H, Balasore. The proposal in the presecirbed format along with all supportive documents should reach to the Office of the Superintendent, Remuna, FMMCH, Balasore by Dt.18.02.2026 upto 5 P.M. through Registered Post/Speed Post/Courier only and the same will be opened on Dt.18.02.2026, 5 P.M. at Office Chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website: **www.baleswar.nic.in/ www.blsmch.nic.in**. Authority reserves every rights to reject all or any of the tender without assign any reason thereof.

OIPR-10001/10134/1/25-26/0001 Sd./- Superintendent, FMMC&H, Balasore

**ODISHA PUBLIC SERVICE COMMISSION**

19, DR. P.K. PARIJA ROAD, CUTTACK-753001

**NOTICE**

No.870/ P.S.C., Dt.10.02.26
(1E-07-2025/26) (DR-II)

No.12001/12/2526: It is for information of all concerned that the Written Examination for recruitment to the Post of **Assistant Agriculture Officer,** Group-B under the Department of Agriculture & Farmers' Empowerment, pursuant to Advertisement No. **06 of 2025-26** will be held at **Cuttack and Bhubaneswar** Zones as per the programme detailed below:

**Programme of Examination**

| Date | Time | Subject Code | Total Candidates allotted |
|---|---|---|---|
| 19.02.2026 (Thursday) | Paper-I 10.00 A.M. to 12.00 Noon (10.00 A.M. to 12.40 P.M. for PWD | 01 | 4872 |
| | Paper-II 2.00 P.M. to 4.00 P.M. (2.00 P.M. to 4.40 P.M. for PWD Candidates) | 02 | |

The Candidates are required to download their " **Admission Certificate" and "Instruction to Candidates"** from website of the Commission **(www.opsc.gov.in) from 13.02.2026 onwards.**

OIPR-12001/12002/1/25-26/0006 **Sd./- Additional Secretary**

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR) ODISHA-768017**

E.mail: vimsarsuptd24@gmail.com
NO.1898/VIMSAR Dated, Burla, the 05th February, 2026

**TENDER CALL NOTICE**

**No.10001/52/2526:** Sealed tenders are hereby invited by the undersigned from the reputed Authorized Dealers and Registered firms under GST Act for repair of 02 (two) nos. P.S.A. Plant of Pulmonary Medicine Department of VIMSAR, Burla, so as to reach this office of the Superintendent, VSS Institute of Medical Sciences & Research, Burla on or before dt.26.02.2026 upto 5.00 P.M. through Regd. Post/ Speed Post/ Couriers only and that will be opened on next working day on 27.02.2026 at 11.30 A.M. The tenderer may attend the office at the time of opening of the tenders. The delay in receipt of tender paper is the responsibility of the tenderer.

The detail terms and conditions of this Tender Call Notice can be downloaded from Dist. website http://Sambalpur.odisha.gov.in & www.vimsar.ac.in.

The undersigned/committee reserves the full right to accept in full or reject any or all the tenders without assigning any reason thereof.

Sd./- Superintendent
OIPR-10001/10026/1/25-26/0001 VIMSAR, Burla

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KANDHAMAL & BOUDH**

ଓଡିଶା ସରକାର

Email Id. deikandhamal-od@od.gov.in
Plot No.356/2059, At-Goudapada, Ps-Khajuripada, Dist.-Kandhamal, Pin-762012

Tender Call Notice No.-02/2025-26 Dtd.06.02.2026

**No.AA-54:** Sealed tenders are invited from interested reputed Travel Agencies/ Tour Operators/ Private Individuals for providing 1(One) No. of AC vehicle (suitable for forest area) having seating capacity not more than 7 (Seven) including driver on monthly hire basis for the office of The Superintending Engineer-cum-Deputy Electrical Inspector, Kandhamal & Boudh.

| Sl. No. | Type of Vehicle | Maximum Hiring Charges excluding GST & fuel | Minimum Average Mileage |
|---|---|---|---|
| 01 | BS-VI compliant Petrol/Diesel driven vehicle Bolero/ TUV300 or similar model) | Rs.37,200.00 (Rupees Thirty-Seven Thousand Two Hundred) Only | 10 Km per Litre |

The tenders shall be opened on dt.27.02.2026 at 3.30 PM in the presence of tenderers or their authorized representatives if any. The Application Form of quotation/Tender containing General Bid information & Terms & Conditions for hiring of vehicles etc. will be freely available in the office of undersigned only till 1.30 PM of 27.02.2026 during office hours. The undersigned reserves the right to reject the tenders without assigning any reason thereof.

OIPR- **Sd./- SE-CUM-DEI, KANDHAMAL & BOUDH**

**ODISHA HYDRO POWER CORPORATION LIMITED**

BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051:
Phones:06861-232581(O)/ 232641(R), Fax-06861-232541, Email- unit.head_balimela@yahoo.com
REGD.OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, Fax:2542102, GRAM:HYDROPOWER, E-Mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE**

**NOTICE INVITING TENDER No.BHEP/62/2025-26, Dated 09.02.2026**

**No.4001/10/2526:**The Sealed tenders are invited in two parts bid basis (Part-A: Technical Bid & Part B: Price Bid) from the Electrical Contractors/ Firms/ Agencies having **Valid Electrical Contractor's License (HT) having Supervision License of EHT &** fulfilling the eligibility criteria as per the tender specification for the work as mentioned below:

| Sl. No. | Name of the Work | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | "Supply, Erection, Testing & Commissioning of 245 KV, 2000 Amp, Gang Operated, Double Break, Horizontal Type Isolator with Earth Switch at BHEP, Balimela | Rs.7080/- (Rs.6000/- + GST @ 18%) | 1% of quoted value (exclusive of GST) |

Availability of bid document: **From 10.00 Hrs. of 12.02.2026 to 12.00 Hrs. of 24.02.2026**. The Last date & time of receipt of tenders: **Upto 12.00 Hrs. of 24.02.2026.** Date & time of opening of the bid : **12.30 Hrs. onwards of 24.02.2026** (Only Technical Bid). **The date and time of opening of Price Bid will be intimated later on to the Technically qualified bidders.**

***For details of tender documents, Terms & Conditions, Eligibility criteria and downloading, please visit our website at www.ohpcltd.com***

Sd./-
OIPR-4001/4019/1/25-26/0001 C & P Head, BHEP, Balimela

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଗୋପିନାଥପୁର ଶାଖା** (୧)ଶ୍ରୀ ଶକ୍ତି ରଞ୍ଜନ ସାହୁ (ଋଣଗ୍ରହୀତା), ପିତା: ୰ଉପେନ୍ଦ୍ର ନାଥ ସାହୁ, (୨)ଶ୍ରୀ ଦିପ୍ତି ରଞ୍ଜନ ସାହୁ (ଋଣଗ୍ରହୀତା), ପିତା: ୰ଉପେନ୍ଦ୍ର ନାଥ ସାହୁ, (୩)ଶ୍ରୀମତୀ ପଦ୍ମାବତୀ ସାହୁ (ବନ୍ଧକଦାତା ୰ଉପେନ୍ଦ୍ର ନାଥ ସାହୁ ଙ୍କ ଆଇନଗତ ଉତ୍ତରାଧିକାରୀ), | (କ)ଟ.୫,୦୦,୦୦୦/- / (ଖ) ୦୧.୦୧.୨୦୨୬ / (ଗ) ୧୦.୦୨.୨୦୨୬ | ୧୦.୦୨.୨୦୨୬ ସୁଦ୍ଧା ଟ.୧,୦୯,୮୩୬.୧୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୰ଉପେନ୍ଦ୍ର ନାଥ ସାହୁ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୪, ଖାତା ନଂ.୬୭, ମୌଜା: ହଳଦିଆପଡା, ଥାନା: ବିରିଡି, ଥାନା ନଂ.୧୪, ତହସିଲି ନଂ.୧୪, ଏରିଆ: ଏ୦.୬୨ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- କୃଷ୍ଣ ଚନ୍ଦ୍ର ସାହୁ, ଦକ୍ଷିଣ- ରାସ୍ତା, ପୂର୍ବ- ରବିନ୍ଦ୍ର ନାଥ ସାହୁ, ପଶ୍ଚିମ- ଉପେନ୍ଦ୍ର ନାଥ ସାହୁ / ବନ୍ଧକଦାତା । |

ସ୍ୱା: ୰ଉପେନ୍ଦ୍ର ନାଥ ସାହୁ, (୪)ଶ୍ରୀମତୀ ପ୍ରମିଳା ସାହୁ (ବନ୍ଧକଦାତା ୰ଉପେନ୍ଦ୍ର ନାଥ ସାହୁ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଉପେନ୍ଦ୍ର ନାଥ ସାହୁ, (୫)ଶ୍ରୀମତୀ ଜାନକୀ ସାହୁ (ବନ୍ଧକଦାତା ୰ଉପେନ୍ଦ୍ର ନାଥ ସାହୁ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଉପେନ୍ଦ୍ର ନାଥ ସାହୁ, ସମସ୍ତଙ୍କ ଠିକଣା: ମଧ୍ୟଶାସନ, ନୂଆଗାଁ, ଜଗତସିଂହପୁର, ଓଡିଶା - ୭୫୪୧୧୧ ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୧୧.୦୨.୨୦୨୬, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ନିବେଦିତା
ପରିବାରବର୍ଗ


ନାରାୟଣ ଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାର୍ଚ୍ଚ ଶେଷ ସୁଦ୍ଧା ଗନ୍ଧମାର୍ଦ୍ଦନ ମାଓବାଦୀମୁକ୍ତ ହେବ

**ବରଗଡ଼,୧୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଜଙ୍ଗଲରୁ ପ୍ରଥମେ ଜିଲାରେ ମାଓବାଦୀ ସଂଗଠନ କାୟା ବିସ୍ତାର କରିଥିଲା। ଏହାପରେ ମାଓବାଦୀ ହିଂସା ମଧ୍ୟ ବୃଦ୍ଧି ପାଇଥିଲା। ଠିକାଦାର କ୍ୟାମ୍ପ ଜଳାପୋଡ଼ାଠାରୁ ଆରମ୍ଭ କରି ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ କିଛି ଲୋକଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିବାବେଳେ ମାଓବାଦୀ-ପୋଲିସ ଗୁଳି ବିନିମୟରେ ମାଓବାଦୀଙ୍କ ଜୀବନ ମଧ୍ୟ ଯାଇଥିବା ନଜିର ରହିଛି। ଏହାସତ୍ତ୍ୱେ ସେଠାରେ ମାଓବାଦୀଙ୍କ ଗତିବିଧି ନିରୀକ୍ଷଣ କରି ପୋଲିସ ମାଓବାଦୀଙ୍କ କ୍ୟାମ୍ପ ଠାବ କରିଥିବାବେଳେ କେତେକ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ତଥାପି ଗନ୍ଧମାର୍ଦ୍ଦନ ପାହାଡ଼, ଜଙ୍ଗଲରେ ବରଗଡ଼-ବଲାଙ୍ଗୀର-ମହାସମୁଦ(ବିବିଏମ୍) ମାଓବାଦୀ ସଂଗଠନର ସଦସ୍ୟଙ୍କ ଗତିବିଧି ପରିଲକ୍ଷିତ ହେଉଥିବା ସାଧାରଣରେ ଆଲୋଚିତ ହେଉଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଗନ୍ଧମାର୍ଦ୍ଦନକୁ ମାଓବାଦୀମୁକ୍ତ କରାଯିବା ପାଇଁ ସମସ୍ତ ରଣନୀତି ପ୍ରସ୍ତୁତ ହୋଇ ସାରିଛି ବୋଲି ବୁଧବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡ଼ିଜି) ସଞ୍ଜୀବ ପଣ୍ଡା କହିଛନ୍ତି।

ଖବରଦାତା ସମ୍ମିଳନୀରେ ସୂଚନା ଦେଇ ସେ କହିଛନ୍ତି, ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟରେ ମାଓବାଦୀ ସମସ୍ୟାର ସମାଧାନ ପାଇଁ ଗୁରୁ ଦାୟିତ୍ୱ ରହିଛି। ଏହାକୁ ଗୁରୁତ୍ୱର ସହିତ ନେଇ ପୋଲିସ କାମ କରୁଛି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ବିଶେଷ ସଫଳତା ମିଳିଛି। ବର୍ତ୍ତମାନ ମାଓବାଦୀଙ୍କ କାର୍ଯ୍ୟକଳାପ କେବଳ ୨ଅଞ୍ଚଳ(ଏରିଆ)କୁ ନେଇ ସୀମିତ ରହିଛି। ଗୋଟିଏ ହେଉଛି କନ୍ଧମାଳ, ରାୟଗଡ଼ା ଓ କଳାହାଣ୍ଡିର ତ୍ରିକୋଣୀୟ ସଂଯୋଗ ସ୍ଥଳ ଏବଂ ଦ୍ୱିତୀୟଟି ହେଉଛି ବରଗଡ଼ ଜିଲାର ଗନ୍ଧମାର୍ଦ୍ଦନ ପାହାଡ଼। ସେଠାରେ କିଛି ସଂଖ୍ୟକ ମାଓବାଦୀ ରହିଛନ୍ତି। ବିଗତ ଦିନରେ ଅନେକ ମାଓବଦୀ ଆତ୍ମସମର୍ପଣ କରିଛନ୍ତି। ଗତ ଡିସେମ୍ବରରେ ମାଓବାଦୀ ସଂଗଠନର ରାଜ୍ୟ ମୁଖ୍ୟ ତଥା କେନ୍ଦ୍ରୀୟ କମିଟି ସଦସ୍ୟଙ୍କ ମଧ୍ୟ ଗୁଳି ବିନିମୟରେ ମୃତ୍ୟୁ ହୋଇଛି। ଏହାପରେ ରାଜ୍ୟର ଅନେକ ଜିଲାରେ ସଫଳତା ମିଳିଛି। ଇତିମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବୌଦ୍ଧ ଜିଲାରେ ମାଓବାଦୀ ଆଉ ନାହାନ୍ତି କହିଲେ ଚଳେ। ତେବେ ବର୍ତ୍ତମାନ ବରଗଡ଼ ଜିଲାର ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ ରହିଥିବା ସୂଚନା ମିଳିଛି, ସମ୍ପୃକ୍ତ ଅଞ୍ଚଳକୁ ମାଓବାଦୀମୁକ୍ତ କରିବା ପାଇଁ ରାଜ୍ୟ ପୋଲିସ ସମସ୍ତ ସାମର୍ଥ୍ୟ ଉପଯୋଗ କରୁଥିବାବେଳେ ସମସ୍ତ ଅପରେଶନାଲ ଟିମ୍ ସହିତ ଇଣ୍ଟେଲିଜେନ୍ସ(ଗୋଇନ୍ଦା) ନେଟୱର୍କ ମଧ୍ୟ ବଢ଼ାଇବୁ। ମାଓବାଦୀ ଦମନ ପାଇଁ ଅପରେଶନ ଆଗକୁ ଆହୁରି ଜୋରଦାର, ଶାଣିତ ହେବ ବୋଲି ସମୀକ୍ଷା ବୈଠକରେ ଏଡ଼ିଜି ପଣ୍ଡା ସୂଚନା ଦେଇଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ଏଡ଼ିଜି, ଆଇଜି(ଡାହାଣରୁ)।

ବୈଠକରେ ଆଇଜି ଅପରେଶନ ଦୀପକ କୁମାର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଆଇଜି(ଏସ୍ଆଇଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ବରଗଡ଼ ଏସ୍ପି ପି.ଏସ୍. ମୀନା, ବଲାଙ୍ଗୀର ଏସ୍ପି ଅଭିଳାଷ ଜି ପ୍ରମୁଖ ଉପସ୍ଥିତ ଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼କୁ ମାଓବାଦୀମୁକ୍ତ କରିବା ପାଇଁ ରଣକୌଶଳ ହୋଇଛି। ଅଧିକ ସିଆର୍ପିଏଫ୍, ଏସ୍ଓଜି ମୁତୟନ ହେବେ ଏବଂ ଇଣ୍ଟେଲିଜେନ୍ସ(ଗୋଇନ୍ଦା)କୁ ଆହୁରି ସୁଦୃଢ଼ ଓ ସକ୍ରିୟ କରାଯିବ ଏବଂ ଧାର୍ଯ୍ୟ ଲକ୍ଷ୍ୟ ତଥା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଗନ୍ଧମାର୍ଦ୍ଦନରେ ସକ୍ରିୟ ରହିଥିବା ମାଓବାଦୀଙ୍କୁ ଗିରଫ କିମ୍ବା ନିପାତ କରାଯିବ ବୋଲି ଆଶା ରହିଛି ବୋଲି ଏଡ଼ିଜି ପଣ୍ଡା କହିଥିଲେ। ରାଜ୍ୟ ସରକାର ମାଓବାଦୀଙ୍କ ଆତ୍ମସମର୍ପଣ ପାଇଁ ବହୁତ ଭଲ ଯୋଜନା କରିଛନ୍ତି। ଏହି ଦୃଷ୍ଟିରୁ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଏଡ଼ିଜି ପଣ୍ଡା କହିଛନ୍ତି।

# ଜଙ୍ଗଲରେ ଦନ୍ତାହାତୀର ମୃତଦେହ ଠାବ

**ଜମନକିରା, ୧୧।୨ (ରବୀନ୍ଦ୍ର ପ୍ରସାଦ ଦାନୀ)**


ମୃତ ଦନ୍ତା ହାତୀ।

ସମ୍ବଲପୁର ଜିଲା ଜମନକିରା ବ୍ଲକ ବାମରା ବନଖଣ୍ଡ ବଡ଼ରମା ରେଞ୍ଜ ଉଷାକୋଠି ଅଭୟାରଣ୍ୟ ପୁଡ଼ାଡ଼ିହି ବିଟ୍ ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଯାଇଥିବା ବେଳେ ଦନ୍ତା ମରି ପଡ଼ିଥିବା ଦେଖିଥିଲେ। ଖବର ପାଇ ବାମରା ଡିଏଫ୍ଓ ବିକ୍ରମଦେବ ପଟ୍ଟନାୟକ, ବଡରମା ରେଞ୍ଜର ଗିରିଧାରୀ ପ୍ରଧାନ, ଖଳାଶୁଣୀ ରେଞ୍ଜର ମହେନ୍ଦ୍ର କୁମାର ସାହୁ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ଦାନ୍ତ ସୁରକ୍ଷିତ ଥିବା ବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଡିଏଫ୍ଓ ପଟ୍ଟନାୟକ କହିଛନ୍ତି। ପରେ ସାଇଣ୍ଟିଫିକ ଦଳ ଓ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପୋତି ଦିଆଯାଇଛି।

# ହାତୀ ଆକ୍ରମଣରେ ଯୁବକ ମୃତ

**ସମ୍ବଲପୁର/ପଡ଼ିଆବାହାଲ,୧୧।୨ (ପ୍ରମୋଦ ବହିଦାର/ ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ପଡ଼ିଆବାହାଲ ରେଞ୍ଜ ଅଧୀନ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ହଡ଼ିଆବାହାଲ ମହାଲିଙ୍ଗପଡ଼ା ଗ୍ରାମର ଜଣେ ଯୁବକଙ୍କ ବୁଧବାର ସକାଳେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରେମାନନ୍ଦ ଓରାମ(୩୯)। ସକାଳେ ସେ ଗ୍ରାମ ନିକଟ ବିଲକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସରକାରୀ ନିୟମାନୁସାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ସୋମବାର ସମ୍ବଲପୁର ସଦର ରେଞ୍ଜ ଅନ୍ତର୍ଗତ ଝାଙ୍କରପାଲି ସେକ୍ସନର ଡୁମେରଚୁଆଁ ମୁଣ୍ଡେର ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଦନ୍ତାହାତୀ ଆକ୍ରମଣରେ ହାଲିପାଲି ଗ୍ରାମର ପଞ୍ଚାନନ ପାଇକ(୩୮)ଙ୍କର ମୃତ୍ୟୁ ଘଟିଥିବା ବେଳେ ଝାଙ୍କରପାଲି ପଞ୍ଚାୟତ ରସିଆପାଲିର ସୁକାନ୍ତି ପ୍ରଧାନ(୬୬) ଗୁରୁତର ହୋଇଥିଲେ।


## ୪୧ତମ ଜନ୍ମଦିନ ଶୁଭେଚ୍ଛା




**ନିବେଦିତା ରଥ (ମାମା)**

ଆଜି ତୋର ୪୧ତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ। ତୋର ଚଲାପଥ ସର୍ବଦା କୁସୁମିତ ହେଉ, ଏତିକି ମା' ରାମଚଣ୍ଡୀଙ୍କ ନିକଟରେ ପ୍ରାର୍ଥନା।

-:ଶୁଭେଚ୍ଛା ସହ:-
ବାପା- ପ୍ରକାଶ ରଥ, ମାମା- ପୂର୍ଣ୍ଣିମା ମିଶ୍ର, ରଥ ପରିବାରବର୍ଗ, ସୋନପୁର।

ଧ-୨୪୩

## ୭୦ତମ ଜନ୍ମଦିନ ଶୁଭେଚ୍ଛା




**ନାରାୟଣ ଚନ୍ଦ୍ର ସିହ୍ନା (ବାବୁ/ଖୋକନ)**

(କିରନ୍-ଜ୍ୟୋତି ଭବନ, ଉପର ମାଳିସାହି, ପୁରୀ-୨)

ତା୧୨।୦୨।୨୦୨୬ରିଖ ଗୁରୁବାର ଦିନ ୭୦ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ନବଗ୍ରହ, ବଗଳା ଓ ସ୍ୱର୍ଗତ ମାତା, ପିତା, ଗୁରୁ ଓ ଇଷ୍ଟଦେବଦେବୀଙ୍କ ଅପାର କରୁଣାରୁ ତୁମେ ଶତାୟୁ ହେବା ସଙ୍ଗେ ସଙ୍ଗେ ନିରୋଗ ରହିବ ଓ ପୃଥିବୀରେ ଯଶକୀର୍ତ୍ତି ଅର୍ଜନ କର, ଏହା ହିଁ ମର୍ତ୍ତ୍ୟ ବୈକୁଣ୍ଠର ମହାନାୟକଙ୍କ ନିକଟରେ ପ୍ରାର୍ଥନା।

କିରନ୍-ଜ୍ୟୋତି ପରିବାରବର୍ଗ ଓ ତ୍ରୈଲୋକ୍ୟନାଥ ଭବନର ପରିବାରବର୍ଗ। (ଉପର ମାଳିସାହି, ବଡ଼ ଡାକ୍ତରଖାନା ଛକ ନିକଟ, ପୁରୀ-୨)

ଧ-୩୩୫୯


## ପ୍ରଥମ ପୃଷ୍ଠାରୁ

### ଲୋକ ସଭାରେ...

ବ୍ୟବସ୍ଥାର ସୁରକ୍ଷା ଲାଗି ଅଗ୍ରାଧିକାର ଦେଇଥାଆନ୍ତା। ଆମେରିକା ନିକଟରେ ଶରଣ ପଶିବା ଭଳି ନୁହେଁ, ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ମାନର ସହ ସମାନତା ରଖି ବୁଝାମଣା କରାଯାଇଥାଆନ୍ତା। କିନ୍ତୁ ମୋଦି ସରକାର ଯାହା କରିଛନ୍ତି ଦେଶକୁ ଆମେରିକା ହାତରେ ସମ୍ପୂର୍ଣ୍ଣ ବିକ୍ରି କରିଦେବା ଭଳି କାର୍ଯ୍ୟ କରିଛନ୍ତି। ଭାରତ କେଉଁଠୁ ତେଲ କିଣିବ ତାହା ଆମେରିକା ନୁହେଁ, ସରକାର ନିଷ୍ପତ୍ତି ନେବେ। ସରକାର ଉର୍ଜା କ୍ଷେତ୍ର ସହିତ ଚାଷୀଙ୍କ ସ୍ୱାର୍ଥକୁ ମଧ୍ୟ ଜଳାଞ୍ଜଳି ଦେଇଛନ୍ତି। ଏହାସହିତ ଦେଶର ଡାଟା ସହିତ ମଧ୍ୟ ସାଲିସ କରାଯାଇଛି। ଯେଉଁସବୁ ସର୍ତ୍ତରେ ବାଣିଜ୍ୟ ବୁଝାମଣା ହୋଇଛି ତଦ୍ୱାରା ଆମେରିକୀୟ କମ୍ପାନୀଗୁଡ଼ିକ ଭାରତର ବିଭିନ୍ନ କ୍ଷେତ୍ରକୁ ଅସ୍ତ୍ର କରି କାର୍ଯ୍ୟ କରିବାକୁ ସୁଯୋଗ ପାଇବେ। ଆମେରିକା ହାତରେ ଦେଶକୁ ବିକି ଦେଇ ସରକାର ଲଜ୍ଜାବୋଧ କରିବା ଉଚିତ ବୋଲି ରାହୁଲ କହିଛନ୍ତି। ରାହୁଲଙ୍କ ଏଭଳି ଅଭିଯୋଗକୁ ଖଣ୍ଡନକରି ଭାଜପା ତୀବ୍ର ପ୍ରତିକ୍ରିୟା ରଖିବା ସହିତ ରାହୁଲ ସଦନରେ ସବୁବେଳେ ଭିତ୍ତିହୀନ ଏବଂ ମିଥ୍ୟାରୋପ କରିଆସିଛନ୍ତି ବୋଲି ଦଳର ବହୁ ନେତା କହିଛନ୍ତି। ରାହୁଲ ସଂସଦୀୟ ପରମ୍ପରା ଏବଂ ମାନଦଣ୍ଡକୁ ହତ୍ୟା କରିଚାଲିଛନ୍ତି। ସଂସଦରେ ରାହୁଲ ମିଥ୍ୟା ଏବଂ ଭିତ୍ତିହୀନ କଥା କହି କକ୍ଷତ୍ୟାଗ କରି ଚାଲିଯିବେ। କିନ୍ତୁ ମନ୍ତ୍ରୀ କିମ୍ବା ଏମ୍ପି କ'ଣ ଜବାବ ରଖିଲେ ତାହା ଶୁଣିବେ ନାହିଁ। ଆମ ନିକଟରେ ଜଣେ ଗମ୍ଭୀର ସ୍ୱଭାବର ବିରୋଧୀ ଦଳ ନେତାଙ୍କ ଅଭାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି।

### ରାହୁଲଙ୍କ ବିରୋଧରେ...

ବୋଲି ରିଜିଜୁ କହିଛନ୍ତି।

ସୂଚନାଥାଉ କି, ଯଦି ଜଣେ ଏମ୍ପି ଗୃହରେ ଭୁଲ୍ ତଥ୍ୟ ଦିଅନ୍ତି କିମ୍ବା ସଂସଦର ମର୍ଯ୍ୟାଦା ହାନି କରନ୍ତି, ତେବେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଅଣାଯାଇପାରିବ। ପ୍ରଥମେ ବାଚସ୍ପତି ଏହି ନୋଟିସକୁ ଯାଞ୍ଚ କରିବେ। ଯଦି ବାଚସ୍ପତି ଅନୁମତି ଦିଅନ୍ତି, ତେବେ ଏହାକୁ ସ୍ୱାଧିକାର କମିଟିକୁ ପଠାଯିବ। ଅଭିଯୋଗ ପ୍ରମାଣିତ ହେଲେ, ସମ୍ପୃକ୍ତ ଏମ୍ପିଙ୍କୁ ସମାଲୋଚନା କରାଯାଇପାରେ, କ୍ଷମା ମାଗିବାକୁ କୁହାଯାଇପାରେ କିମ୍ବା ଗୃହରୁ ନିଲମ୍ବନ କରାଯାଇପାରେ।

ଅନ୍ୟପକ୍ଷରେ ରାହୁଲ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ତାଙ୍କ କହିବା କଥା ହେଉଛି, ସରକାର ବିରୋଧୀ ସ୍ୱରକୁ ଚପାଇବା ପାଇଁ ଏଭଳି ନୋଟିସର ଭୟ ଦେଖାଉଛନ୍ତି। ସେ କେବଳ ଭାରତୀୟ କୃଷକ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ପ୍ରଶ୍ନ ପଚାରୁଛନ୍ତି।

### ସଂଶୋଧନ ହେଲାଣି...

ଖାତା ମଧ୍ୟରୁ ୨ଲକ୍ଷ ୨୭ହଜାର ୮୩୧ ଖାତା ଏବଂ ବରଗଡ଼ର ୨ଲକ୍ଷ ୨୩ହଜାର ୮୯୪ଖାତା ମଧ୍ୟରୁ ୨ଲକ୍ଷ ୧୦ହଜାର ୭୫୫ ଖାତା ଅପ୍‌ଡେଟ୍ ହୋଇସାରିଛି। ଏହାବାଦ୍ ଅବଶିଷ୍ଟ ଜିଲାଗୁଡ଼ିକରେ ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ସୁବର୍ଣ୍ଣପୁରରେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଜିଲାରେ ମାତ୍ର ୭ହଜାର ୫୧୮ଖାତା ସଂଶୋଧନ ହୋଇଥିବା ଜଣାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜସ୍ୱ ବିଭାଗର ଏହି ଖାତା ସଂଶୋଧନ ଏକ କଷ୍ଟସାଧ୍ୟ ବ୍ୟାପାର। ଯେଉଁଥିପାଇଁ ଦୀର୍ଘବର୍ଷ ଧରି ଏସବୁର ସଂଶୋଧନ ହୋଇ ନ ଥିବାରୁ ସାଧାରଣ ଲୋକେ ଜମି କିଣାବିକା ବେଳେ ସମସ୍ୟାରେ ପଡିଥାନ୍ତି। କେତେବେଳେ କେଉଁ ଖାତାରୁ ଏକାଧିକ ବାର ବିକ୍ରିବଟା ହୋଇ ସଂଖ୍ୟାଧିକ ପ୍ଲଟ ହୋଇଥିଲେ ହେଁ ପ୍ରକୃତ ମାଲିକଙ୍କ ନାଁ ଗଡୁଥାଏ। ଯେଉଁଥିପାଇଁ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗଠାରୁ ଆରମ୍ଭ କରି ଅଦାଲତ ପର୍ଯ୍ୟନ୍ତ ମାମଲା ପହଞ୍ଚିଥାଏ। ଏହି ପ୍ରକ୍ରିୟା ଶେଷ ହେଲେ ସାଧାରଣ ଲୋକେ ଜମିଜମା ସଂକ୍ରାନ୍ତୀୟ ଅଯଥା ଝମେଲାରୁ ନିସ୍ତାର ପାଇବେ ବୋଲି ବିଭାଗ ଲକ୍ଷ୍ୟ ରଖିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ୧୬ରେ ସର୍ବଦଳୀୟ...

ସର୍ବଦଳୀୟ ବୈଠକରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ, ଭାଜପା ବିଧାୟକ ଜୟନାରାୟଣ ମିଶ୍ର ଏବଂ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉପସ୍ଥିତ ରହିବେ। ତେବେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବିଧାୟକ ଦଳ ବୈଠକ ୧୬ରେ ହେବାକୁ ରହିଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଶଙ୍ଖଭବନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବାକୁ ରହିଥିବାବେଳେ କଂଗ୍ରେସର ମଧ୍ୟ ଅନୁରୂପ ଭାବେ ୧୬ରେ ବିଧାୟକ ଦଳ ବୈଠକ କରାଯିବା ପାଇଁ ରହିଥିବା କଂଗ୍ରେସ ବିଧାୟକ ଦଳ ନେତା କାଡାମ ସୂଚନା ଦେଇଛନ୍ତି। ତେବେ ଭାଜପା ପକ୍ଷରୁ ଏନେଇ ସମୟ ସ୍ଥିର ହୋଇ ନ ଥିବା ଦଳୀୟ ସୂତ୍ରରୁ ଜଣାଯାଇଛି।

# ଧୋଇଯାଉଛି ପଲ୍ୟୁଶନ ଷ୍ଟିକର




**ନନ୍ଦପୁର, ୧୧।୨ (ତୁଷାର କାନ୍ତ ମହାନ୍ତି)**

ରାଜ୍ୟ ପରିବହନ ବିଭାଗ ସମସ୍ତ ପ୍ରକାର ଗାଡ଼ି ପାଇଁ ପଲ୍ୟୁଶନ ଯାଞ୍ଚ ବାଧ୍ୟତାମୂଳକ କରିଥିବା ବେଳେ ଖିଲାପୀଙ୍କ ପାଇଁ ଦଣ୍ଡବିଧାନ ନିୟମ ରହିଛି। ଗାଡ଼ି ମାଲିକ ନିଜ ଗାଡ଼ିକୁ ସ୍ୱୀକୃତିପ୍ରାପ୍ତ ପଲ୍ୟୁଶନ ଯାଞ୍ଚକର୍ତ୍ତାଙ୍କ ନିକଟରେ ଯାଞ୍ଚ କରାଇ ପ୍ରଦତ୍ତ ଷ୍ଟିକରକୁ ଗାଡ଼ିରେ ଲଗାଉଛନ୍ତି। କିନ୍ତୁ ଷ୍ଟିକରଗୁଡ଼ିକ ସାଧାରଣ କାଗଜରେ ତିଆରି ହୋଇଥିବାରୁ ଗାଡ଼ି ଧୋଇବା ବେଳେ ନଷ୍ଟ ହୋଇଯାଉଛି। ପ୍ରଦୁଷଣ ନିୟନ୍ତ୍ରଣ ପ୍ରମାଣପତ୍ରର ବୈଧତା ୬ ମାସ ରହୁଥିବାରୁ ରାଜ୍ୟ ପରିବହନ ବିଭାଗ ୬ ମାସ ଯାଏ ଗାଡ଼ିରେ ସୁରକ୍ଷିତ ରହିବା ଭଳି ଉତ୍ତମମାନର ଷ୍ଟିକର ପ୍ରସ୍ତୁତ କରିବାକୁ ଗାଡ଼ି ମାଲିକମାନେ ଅନୁରୋଧ କରିଛନ୍ତି।


# Classified Everyday
0674-2580101, 9692975378

## CONSTRUCTION



**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

## AFFIDAVIT

By virtue of an affidavit sworn before Executive Magistrate, Ghatagaon, Keonjhar, dated- 18.12.2025, I, Nityananda Patra, Adress: At/P.O.- Barhatipura, P.S.- Ghatagaon, Dist.- Keonjhar, Odisha declare that I have changed the name of my son from SAMIT PATRA to SAMBIT PATRA. Henceforth, he shall be known as SAMBIT PATRA for all purposes.

Nityananda Patra
D-3358

## MISSING




ଆସାମରୁ ପାରମଡିହି ଗ୍ରାମ, ଥାନା- କ. ବଲାଙ୍ଗ, ବ୍ଲକ- କୋଇଡା, ଜିଲ୍ଲା- ସୁନ୍ଦରଗଡ଼ ଆସୁଥିବାବେଳେ ରାଉରକେଲା ବସଷ୍ଟାଣ୍ଡରୁ ନିଖୋଜ ଅଛନ୍ତି। ସେ ଓଡ଼ିଆ ଭାଷା ଜାଣି ନାହାନ୍ତି। କେବଳ ହିନ୍ଦୀ ଓ ଆସାମୀ ଭାଷା ବୁଝିପାରନ୍ତି। ଶାଗୁଆ ଶାର୍ଟ ପିନ୍ଧିଛନ୍ତି। ଯଦି କୌଣସି ବ୍ୟକ୍ତିଙ୍କର ନଜର ପଡିଲେ ଏହି ନମ୍ବରରେ କିମ୍ବା ନିକଟସ୍ଥ ଥାନାରେ ଜଣେଇବାକୁ ଅନୁରୋଧ। ମୋ- ୮୨୬୦୮୧୪୩୮୬/୬୩୭୨୦୩୩୬୩/୭୦୬୩୬୨୪୦୧୬, ନାମ- ରୁବେନ ଟପ୍ପୋ, ପିତା- ଜୋସେଫ ଟପ୍ପୋ, ବୟସ- 60, ନିଖୋଜ ସ୍ଥାନ- ରାଉରକେଲା ବସଷ୍ଟାଣ୍ଡ, ତା.୦୪।୦୨।୨୦୨୬, ସମୟ: ରାତି 2ଟା। ଧ-୩୩୫୬

## LOST

ନୋଟାରୀ ପବ୍ଲିକ, ପଦମପୁର, ଜିଲ୍ଲା- ବରଗଡ଼ ନିକଟରେ ଶପଥଗ୍ରହଣ କରି ଦିଆଯାଇଥିବା ଏକ ହଲଫନାମା ତାରିଖ- ୦୭।୦୨।୨୦୨୬, ମୁଁ, ସତ୍ୟଭୂଷଣ ସାହୁ, ପିତା- ବଟକୃଷ୍ଣ ସାହୁ, ସ୍ଥାୟୀ ବାସିନ୍ଦା- ମଣ୍ଡୁଶ୍ରୀ, ଥାନା- ପାଇକମାଳ, ଜିଲ୍ଲା- ବରଗଡ଼, ଏହାଦ୍ୱାରା ଘୋଷଣା କରୁଛି ଯେ, ମୋର କନ୍‌ଭେୟାନ୍ସ ଡିଡ୍ ନମ୍ବର- ୮୮୮୮/୨୦୦୭, ତାରିଖ- ୦୩ ଅଗଷ୍ଟ ୨୦୦୭, ସମ୍ପତ୍ତି ସୂଚୀ ଅନୁସାରେ ଖାତା ନମ୍ବର- ୧୬୩୯, ପ୍ଲଟ୍ ନମ୍ବର- ୩୨, ରେଭେନ୍ୟୁ ପ୍ଲଟ୍ ନମ୍ବର- ୮୮୨ (ଅଂଶ), ଡ୍ରଇଂ ନମ୍ବର- ୧୦୯୨, ଗ୍ରାମ/ୟୁନିଟ୍- ଜୟଦେବ ବିହାର, ଜମିର ପରିମାଣ- ୬୦x୯୦ = ୫୪୦୦ ବର୍ଗ ଫୁଟ୍, ସମ୍ପତ୍ତି ମାଲିକ- ସତ୍ୟଭୂଷଣ ସାହୁ। ଉପରୋକ୍ତ ଦଲିଲଟି ତାରିଖ ୨୫।୦୧।୨୦୨୫ରେ ମଣ୍ଡାସୋଲରୁ ପାଇକମାଳ ଯାତ୍ରା କରୁଥିବା ସମୟରେ କେଉଁଠି ହଜିଯାଇଛି। ମୋର ସମ୍ଭବ ସମସ୍ତ ଚେଷ୍ଟା ସତ୍ତ୍ୱେ ମୁଁ ଏହି ଦଲିଲଟିକୁ ଖୋଜି ପାଇପାରିନାହିଁ। ଯଦି କେହି ଏହି ଦଲିଲଟି ପାଆନ୍ତି, ଦୟାକରି ନିମ୍ନଲିଖିତ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରନ୍ତୁ- ଶ୍ରୀ ଯୋଗାଶିଷ ମହାନ୍ତି, ଅଧିବକ୍ତା, ମୋବାଇଲ୍ ନମ୍ବର- ୭୯୭୯୮୧୨୯୩୦। ଧ-୩୩୫୭

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**୰ଅଜୟ କୁମାର ସାହୁ**
ଜୟଦୁର୍ଗା ନଗର, ଭୁବନେଶ୍ୱର

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ।

ଧ-୩୩୬୦

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## LEGAL NOTICE

**NOTICE UNDER ORDER- 5, RULE-20 OF C.P.C.**

ସିଭିଲ୍ ଜଜ୍, ସିନିୟର ଡିଭିଜନ୍, ପ୍ରଥମ ଅତିରିକ୍ତ ଅଦାଲତ, କଟକ
ସିଭିଲ୍ ସୁଟ୍ ନଂ. ୫୮/୨୦୧୨

ସୌକତ ଆରା ଏବଂ ଅନ୍ୟାନ୍ୟ ......ବାଦୀମାନେ
ବନାମ
ଜମାଲ ମହମ୍ମଦ ଏବଂ ଅନ୍ୟମାନେ .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୫- ନହିଦ୍ ଅନୱାର, ବୟସ ୭୫ ବର୍ଷ, ସ୍ୱାମୀ- ୰ ରଫିକ୍ ମହମ୍ମଦ, ସା.- ମିରକମଲପାଟଣା, ମଙ୍ଗଳାବାଗ, ପୋ.ଅ.- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର ଏବଂ ଜିଲ୍ଲା- କଟକ।

ଏତଦ୍ୱାରା ଜଣାଇଦିଆଯାଉଅଛି କି ଉପରଲିଖିତ ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ.୫ ଜାଣିଶୁଣି ନୋଟିସକୁ ଗ୍ରହଣ କରିବାକୁ କିମ୍ବା ମୋକଦ୍ଦମାରେ ହାଜର ହେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ହେତୁ ଉକ୍ତ ମୋକଦ୍ଦମା ତା.୨୭।୦୨।୨୦୨୬ରିଖକୁ ବିଚାର ପାଇଁ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ଦିନ ଆପଣ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ଓକିଲଙ୍କ ଜରିଆରେ ମାନନୀୟ ଅଦାଲତରେ ହାଜରହୋଇ କାରଣ ଦର୍ଶାଇ ନ ପାରିଲେ ମୋକଦ୍ଦମା ଆପଣଙ୍କ ବିରୁଦ୍ଧରେ ଏକତରଫା ବିଚାର କରାଯିବ।
ନିମ୍ନରେ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କର ମୋହର କ୍ରମେ ଦିଆଗଲା।
ଆଜ ଦିନ ତା.୨୨।୦୧।୨୦୨୬ମସିହା
କଟକ
ତା.୨୨।୦୧।୨୦୨୬ରିଖ
ସିଭିଲ୍ ଜଜ୍, ସ୍ୱା.- ସିନିୟର ଡିଭିଜନ,
ପ୍ରଥମ ଅତିରିକ୍ତ ଅଦାଲତ, କଟକ
ଧ-୩୩୬୩

**NOTICE UNDER ORDER- 5, RULE-20 OF C.P.C.**

ସିଭିଲ୍ ଜଜ୍, ସିନିୟର ଡିଭିଜନ୍, ପ୍ରଥମ ଅତିରିକ୍ତ ଅଦାଲତ,କଟକ
ସିଭିଲ୍ ସୁଟ୍ ନଂ. ୭୬୯/୨୦୧୨

ବିମଳା ମିଶ୍ର (ମୃତ), ଭରତ ରଞ୍ଜନ ମିଶ୍ର ଏବଂ ଅନ୍ୟମାନେ ......ବାଦୀମାନେ
ବନାମ
ଜମାଲ ମହମ୍ମଦ (ମୃତ), ଜାଭେଦ୍ ମହମ୍ମଦ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୯- ପରହନ୍ ମହମ୍ମଦ, ବୟସ ୫୫ ବର୍ଷ, ପିତା- ୰ ରଫିକ୍ ମହମ୍ମଦ, ସା.- ମିରକମଲପାଟଣା, ମଙ୍ଗଳାବାଗ, ପୋ.ଅ.- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର ଏବଂ ଜିଲ୍ଲା- କଟକ। ପ୍ରତିବାଦୀ ନଂ.୧୦- ବୁରୁହାନ୍ ମହମ୍ମଦ, ବୟସ ୫୦ ବର୍ଷ, ପିତା- ୰ ରଫିକ୍ ମହମ୍ମଦ, ସା.- ମିରକମଲପାଟଣା, ମଙ୍ଗଳାବାଗ, ପୋ.ଅ.- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର ଏବଂ ଜିଲ୍ଲା- କଟକ। ପ୍ରତିବାଦୀ ନଂ.୧୧- ନହିଦ୍ ଅନୱାର, ବୟସ ୭୫ ବର୍ଷ, ସ୍ୱାମୀ- ୰ ରଫିକ୍ ମହମ୍ମଦ, ସା.- ମିରକମଲପାଟଣା, ମଙ୍ଗଳାବାଗ, ପୋ.ଅ.- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର ଏବଂ ଜିଲ୍ଲା- କଟକ।

ଏତଦ୍ୱାରା ଜଣାଇଦିଆଯାଉଅଛି କି ଉପରଲିଖିତ ମୋକଦ୍ଦମାରେ ତୁମ୍ଭେମାନେ ପ୍ରତିବାଦୀ ନଂ.୯, ୧୦ ଓ ୧୧ ଜାଣିଶୁଣି ନୋଟିସକୁ ଗ୍ରହଣ କରିବାକୁ କିମ୍ବା ମୋକଦ୍ଦମାରେ ହାଜର ହେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ହେତୁ ଉକ୍ତ ମୋକଦ୍ଦମା ତା.୨୭।୦୨।୨୦୨୬ରିଖକୁ ବିଚାର ପାଇଁ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ଦିନ ଆପଣ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ଓକିଲଙ୍କ ଜରିଆରେ ମାନନୀୟ ଅଦାଲତରେ ହାଜରହୋଇ କାରଣ ଦର୍ଶାଇ ନ ପାରିଲେ ମୋକଦ୍ଦମା ଆପଣଙ୍କ ବିରୁଦ୍ଧରେ ଏକତରଫା ବିଚାର କରାଯିବ। ନିମ୍ନରେ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କର ମୋହର କ୍ରମେ ଦିଆଗଲା।
ଆଜ ଦିନ ତା.୨୨।୦୧।୨୦୨୬ମସିହା
କଟକ
ତା.୨୨।୦୧।୨୦୨୬ରିଖ
ସିଭିଲ୍ ଜଜ୍, ସ୍ୱା.- ସିନିୟର ଡିଭିଜନ,
ପ୍ରଥମ ଅତିରିକ୍ତ ଅଦାଲତ, କଟକ
ଧ-୩୩୬୨

ଶ୍ରୀଯୁକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନ, ନିମାପଡ଼ା
ସି.ଏସ୍. ନଂ. ୩୫୦/୨୦୧୭

ପ୍ରତିମା ସାହୁ ଓଗେର ............ବାଦୀମାନେ
ବନାମ
ଈଶ୍ୱର ସାହୁ ଓଗେର ..........ପ୍ରତିବାଦୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ ୨୦ ମତେ

ପ୍ରାପ୍ତେଷୁ:
ନଂ.୯- ପ୍ରିୟମ୍ବଦା ପୃଷ୍ଟି ବୟସ ୩୦ ବର୍ଷ, ପିତା- ପ୍ରମୋଦ କୁମାର ପୃଷ୍ଟି, ସା.- ଜୁଣେଇ ସାମିଲି ରଣପଡ଼ା, ଥା- କୋଣାର୍କ, ଜି- ପୁରୀ, ଏହିକି ବାଦିନୀ ପ୍ରତିମା ସାହୁ ଓଗେର ତୁମ୍ଭେ ପ୍ରତିବାଦୀ ଓ ଅନ୍ୟମାନଙ୍କ ନାମେ ସତ୍ୱ ସାବ୍ୟସ୍ତ ଦଖଲ ବାହେଲ ଓ ଚିରସ୍ଥାୟୀ ନିଷେଧାଜ୍ଞା ପ୍ରାର୍ଥନା ପ୍ରତିକାରରେ ଉକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ତୁମ୍ଭେ ୯ ନମ୍ବର ପ୍ରତିବାଦୀଙ୍କୁ ଡାକ ଯୋଗେ ଉକ୍ତ ଠିକଣାରେ ନୋଟିସ ଯାଇଥିଲେ ମଧ୍ୟ ତାହା ଫେରସ୍ତ ହେଉଛି। ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ତୁମ୍ଭେ ଆସନ୍ତା ତା.୦୭ରିଖ ମାର୍ଚ୍ଚ ମାସ ୨୦୨୬ ମସିହା ୧୦.୩୦ ସମୟରେ ସ୍ୱୟଂ କିମ୍ବା ତୁମ୍ଭର କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ନିଜର ପକ୍ଷ ରଖିବେ। ଧାର୍ଯ୍ୟ ତାରିଖରେ ହାଜର ନ ହେଲେ ଆଇନ ଅନୁଯାୟୀ ଶୁଣାଣି ହେବ।
ଅଦାଲତଙ୍କ ସ୍ୱାକ୍ଷରଯୁକ୍ତ ମୋହର
ଅଦ୍ୟ ତା.୦୬ରିଖ ଫେବୃଆରୀ ମାସ ୨୦୨୬ ମସିହାରେ ଦିଆଗଲା।
ସ୍ୱା./- ସିଭିଲ୍ ଜଜ୍ (ସି.ଡି.), ନିମାପଡ଼ା
ଧ-୩୩୬୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

| ଛୋଟ ପରଦା |

# ତୁ ଖରା ମୁଁ ଛାଇ


ରଞ୍ଜନ-ସ୍ମୃତିରେଖା

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକର ସବୁଠାରୁ ସଫଳ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ'ରେ ଆରମ୍ଭ ହେବାକୁ ଯାଉଛି ପ୍ରେମର ତୃତୀୟ ଅଧ୍ୟାୟ। ଭିନ୍ନ ଧରଣର ଏହି ଧାରାବାହିକ କାହାଣୀର ମୁଖ୍ୟ ଚରିତ୍ରରେ ଅଛନ୍ତି ଅଭି (ରଞ୍ଜନ) ଓ ମାନି (ସ୍ମୃତିରେଖା)। ଅକ୍ଷୟ ପରିଜାଙ୍କ ପ୍ରଯୋଜିତ ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଧାରାବାହିକରେ ଅଭି ଆଉ ସେହି ପୁରୁଣା ମଣିଷ ହୋଇ ରହିନାହିଁ। ମାନିର ମୃତ୍ୟୁଖବର ତାକୁ ଏକ ଶାନ୍ତ, କିନ୍ତୁ ଭୟଙ୍କର ବ୍ୟକ୍ତିତ୍ୱରେ ପରିଣତ କରିଦେଇଛି। ଅନ୍ୟପଟେ ମାନି ନିଜର ପୁରୁଣା ସ୍ମୃତିକୁ ହରାଇ ଏକ ଅଲଗା ଦୁନିଆରେ ବଞ୍ଚିଛି। ସେପଟେ ମାଧବ ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ। ତେବେ ତା'ପରେ କ'ଣ ଘଟୁଛି ତାହା ଧାରାବାହିକଟିକୁ ନିୟମିତ ଦେଖିଲେ ହିଁ ଜାଣିପାରିବେ। ''ଜୀ ସାର୍ଥକର ପ୍ରତିଟି ମେଗା ଧାରାବାହିକ ସମୂହକୁ ମିଳିଛି ଦର୍ଶକଙ୍କ ଭଲପାଇବା, ଜୀ ସାର୍ଥକର 'ତୁ ଖରା ମୁଁ ଛାଇ' ମଧ୍ୟ ଏକ ସପରିବାର ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇବା ସହ ଜୀବନରେ ପ୍ରେମ ଉପରେ ବିଶ୍ୱାସ କେତେ ଶକ୍ତି ଦେଇଥାଏ, ତାହା ଆମ ଦର୍ଶକ ଦେଖି ଉତ୍ସାହିତ ହେବେ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀ ରାହୁଲ ରାଓ।'' ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର ରାତି ୮.୩୦।

# ମିଳିଗଲା ଶୁଭ ଦିନ

ବଲିଉଡ୍‌ରେ ଚଳିତବର୍ଷର ଅନ୍ୟତମ ଚର୍ଚ୍ଚିତ ସିନେମାଟି ହେଉଛି 'ଭୂତ ବଙ୍ଗଲା'। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନ। ଏହାର ମୁଖ୍ୟ ଭୂମିକାରେ ଅକ୍ଷୟ କୁମାରଙ୍କୁ ଦେଖିବାକୁ ମିଳିବ। ଏବର୍ଷ ଏପ୍ରିଲ ୧୦ରେ ଚିତ୍ରଟି ମୁକ୍ତିଲାଭ କରିବାକୁ ଯାଉଛି। ରହସ୍ୟଭରା କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ପ୍ରାରମ୍ଭରେ ଏହାର ଏକ ପୋଷ୍ଟର ବେଶ୍ ଭାଇରାଲ ହୋଇଥିଲା। ଏଥିରେ ଅକ୍ଷୟ କୁମାର ଏକ ଲଣ୍ଠନ ଧରି ଗୋଟିଏ ବଙ୍ଗଲାର ଗେଟ୍ ଉପରେ ବସିଥିଲେ। ଏହାର ଶୁଟିଂ ରାଜସ୍ଥାନର ଜୟପୁର ଏବଂ ହାଇଦ୍ରାବାଦରେ କରାଯାଇଛି। ଅକ୍ଷୟ କୁମାର ପ୍ରଡକ୍ସନ ହାଉସ ଏବଂ କେପ୍ ଅଫ୍ ଗୁଡ୍ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶୋଭା କପୁର ଏବଂ ଏକତା କପୁର। ଅକ୍ଷୟ କୁମାରଙ୍କ ବ୍ୟତୀତ ଏଥିରେ ତବୁ, ପରେଶ ରାୱଲ, ରାଜପାଲ ଯାଦବ ଏବଂ ବଙ୍ଗଳା ଅଭିନେତା ଯିଶୁ ସେନଗୁପ୍ତାଙ୍କୁ ଦେଖିବାକୁ ମିଳିବ।


'ଭୂତ ବଙ୍ଗଲା' ଫିଲ୍ମରେ ଅକ୍ଷୟ କୁମାର

# ଅପେକ୍ଷା ବଡ଼ ପରଦାକୁ

ଅଭିନୟ ତାଙ୍କ ପାଇଁ ନୂଆ ନୁହେଁ। ଇତିମଧ୍ୟରେ ସେ ଧାରାବାହିକ, ଥିଏଟର ନାଟକ ଏବଂ ମ୍ୟୁଜିକ ଆଲ୍‌ବମ୍‌ରେ ଅଭିନୟ କରିସାରିଛନ୍ତି। କେବଳ ସେତିକି ନୁହେଁ, ତା' ସହ ସେ ଏକ କ୍ଷୁଦ୍ର ସମ୍ବଲପୁରୀ ଫିଲ୍ମ 'ରାକ୍ଷସ'ର ପ୍ରଯୋଜନା କରିଛନ୍ତି। ହେଲେ ତାଙ୍କର ଏକ ଆଶା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ତାହା କ'ଣ ଜାଣନ୍ତି ? ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବା। ସେ ହେଲେ ରେଣୁବାଳା ମିଶ୍ର ଏବଂ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ପୁତ୍ର ପ୍ରମୋଦ କୁମାର ମିଶ୍ର। ସୋନପୁର ଜିଲା ପାଣିସିଆଳି ଗ୍ରାମରେ ତାଙ୍କର ଜନ୍ମ। ସ୍କୁଲରେ ପଢ଼ିବା ସମୟରୁ ତାଙ୍କର ଅଭିନୟ ପ୍ରତି ରୁଚି ଥିଲା। କେତୋଟି ମ୍ୟୁଜିକ୍ ଆଲ୍‌ବମ୍‌ରେ ଅଭିନୟ କରିବା ପରେ ସେ ଥିଏଟରରେ ସୁଯୋଗ ପାଇଥିଲେ। ଏ ବିଷୟରେ ୩୦ ବର୍ଷ ବୟସ୍କ ପ୍ରମୋଦ କହନ୍ତି, ''ବି.ଟେକ୍‌ରେ ଡିଗ୍ରୀ ହାସଲ କରିବା ପରେ ଆକ୍ଟିଂ ପ୍ରତି ମୋର ଆହୁରି ଆଗ୍ରହ ସୃଷ୍ଟି ହୋଇଥିଲା। 'ନାଟ୍ୟଚେତନା' ନାମକ ସଂସ୍ଥାରେ ମୁଁ ଆକ୍ଟିଂ କୋର୍ସ କରିଛି। ଥିଏଟର ନାଟକରେ ଯେତେବେଳେ ଅଭିନୟ କରିବାକୁ ସୁଯୋଗ ମିଳିଲା, ତାହାକୁ ହାତଛଡ଼ା କରିନଥିଲି। ମୋତେ ମିଳିଥିବା ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ଠିକ୍ ଭାବରେ ଫୁଟାଇବାରେ ସକ୍ଷମ ହୋଇଛି। ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଆଶା ରହିଛି। ସେଭଳି ସୁଯୋଗକୁ ମୁଁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛି।'' 'ତେଜସ୍ୱିନୀ' ଧାରାବାହିକରେ ସେ ଅଭିନୟ କରି ସାଉଁଟିଥିଲେ ଢେର ପ୍ରଶଂସା। ତା' ସହ ମଞ୍ଚ ନାଟକ 'ଦୁଃଖ ସରିବନି ମରିବା ଯାଏ' ଏବଂ 'ଆଖିର ଜନମ କାନ୍ଦିବା ପାଇଁ' ବ୍ୟତୀତ 'ଫୁଲ', 'ଝୁମରି', 'ଆଜାମଗଡ଼ର ରାଜା' ଏବଂ ତସ୍ମୈଶ୍ରୀ ଗୁରବେ ନମଃ' ଆଦି ପ୍ରାୟ ୨୬ଟି ଥିଏଟର ନାଟକରେ ସେ ଅଭିନୟ କରିଛନ୍ତି।


ପ୍ରମୋଦ

# ଯେତେବେଳେ ସମୟ ମିଳେ...


ରକୁଲ୍

ରକୁଲ ପ୍ରୀତ ସିଂ ଯେତେବେଳେ ପାଠ ପଢୁଥିଲେ, ସେତେବେଳେ ଖେଳକୁଦ ସହ ଜଡ଼ିତ ଥିଲେ। ବିଶେଷଭାବରେ ଆଥ୍‌ଲେଟିକ ଇଭେଣ୍ଟ ଏବଂ ଗଲ୍‌ଫ ଖେଳିବାକୁ ପସନ୍ଦ କରୁଥିଲେ। ହେଲେ ଜାଣନ୍ତି, ସେ ଜାତୀୟସ୍ତରୀୟ ଆଥ୍‌ଲେଟ୍ ନୁହନ୍ତି, ଗଲ୍‌ଫ ଖେଳାଳି ମଧ୍ୟ। ତେବେ ଏହି ନିଶା ତାଙ୍କର ଏପର୍ଯ୍ୟନ୍ତ ରହିଛି। ତାଙ୍କୁ ଯେତେବେଳେ ସମୟ ମିଳେ, ସେ ଗଲ୍‌ଫ ଖେଳିବାକୁ ଭୁଲନ୍ତି ନାହିଁ। ବେଶ୍ କେତୋଟି ସିନେମାରେ ଅଭିନୟ କରିବା ପରେ ସେ ଘର ସଂସାର କରିସାରିଣେ। ଏ ବିଷୟରେ ରକୁଲ୍ କହନ୍ତି, 'ସ୍କୁଲ ଏବଂ କଲେଜରେ ପଢ଼ିବା ସମୟରେ ମୁଁ ଉଭୟ ଆଥ୍‌ଲେଟିକ୍ ଏବଂ ଗଲ୍‌ଫ ପ୍ରତି ଆକର୍ଷିତ ହୋଇଥିଲି। ଜାତୀୟସ୍ତରରେ ମୁଁ ଏହି ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ କରିସାରିଛି। ଏବେ ସମୟ ମିଳିଲେ ମୁଁ ଗଲ୍‌ଫ ଖେଳିବାକୁ ଭୁଲି ନଥାଏ।'' ରକୁଲ ମଧ୍ୟ ପାଠପଢ଼ାରେ ମେଧାବୀ ଥିଲେ। ଫିଟ୍‌ନେସ୍‌କୁ ନେଇ ସେ ସବୁବେଳେ ବେଶ୍ ସଚେତନ ଥାଆନ୍ତି। ଏବେ ତାଙ୍କର ହାଇଦ୍ରାବାଦରେ 'ଏଫ୍ ଫର୍ଟିଫାଇଭ ଜିମ୍ ସେଣ୍ଟର ରହିଛି। କେବଳ ସେତିକି ନୁହେଁ, ନବାଗତ କଳାକାରଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ଷ୍ଟାରିଙ୍ଗ ୟୁ' ନାମକ ଏକ ଆପ୍ ତାଙ୍କର ରହିଛି।

ପରଦାରେ..

# ରକ୍ତ ଗୋଲାପ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'। ଚିତ୍ରଟିର ଟ୍ରେଲର ନିକଟରେ ରିଲିଜ୍ ହୋଇ ବେଶ୍ ଭାଇରାଲ୍ ହୋଇଛି। ଫିଲ୍ମଟି ଚଳିତ ମାସ ୧୩ ତାରିଖରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାହାଣୀରେ ସସପେନ୍ସ ଥ୍ରୀଲର ଭରିରହିଛି। ଜଣେ ନବ ବିବାହିତା ଏକ ରହସ୍ୟମୟ ଘଟଣାରେ ସ୍ୱାମୀଙ୍କୁ ହରାଇବା ପରେ ବିଭିନ୍ନ ସମସ୍ୟାର ସାମ୍ନା କରୁଛି ଆଉ ନିଜ ବୈବାହିକ ଜୀବନକୁ ଆଗେଇ ନେବାକୁ ସଂଘର୍ଷ କରୁଛି। ତେବେ ସ୍ୱାମୀ ହତ୍ୟାର ପ୍ରକୃତ ଆସାମୀ କିଏ ? ଆଉ ଏହି ତଦନ୍ତ ପ୍ରକ୍ରିୟା ଶେଷ କିପରି ହେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଭିତରେ ଫିଲ୍ମଟିର ମୁଖ୍ୟ ଭୂମିକାରେ ଏଲିନା ସାମନ୍ତରାୟ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ,ଏଥିରେ ତାଙ୍କର ଭୂମିକା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ମଧ୍ୟ ଦୃଢ଼ ଆଶା ରଖିଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅଭିଷେକ ଗିରି। ଅନ୍ୟପକ୍ଷରେ ଏହି ସିନେମାରେ ସମରେଶ ରାଉତରାୟ, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ଉଦିତ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶିଶିର ପିନାକୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଶିଷ ପ୍ରଧାନ।


ଏଲିନା

ଅପେରା ହାଲ୍‌ଚାଲ୍

# ସବୁ ଥିଲା କଳ୍ପନାର ବାହାରେ...

ଜଲିଉଡ୍‌ରେ ଚଳିତବର୍ଷ ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ ପ୍ରଦୀପ ବେହେରାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ତଥା ନବଗଠିତ ଅପେରା ରାଜଦରବାରର ପରିବେଷିତ ନାଟକ 'ଆଖି ପଲକରେ ଖୋଜୁଛି ତତେ' ଅନ୍ୟତମ। ଭାଇ-ଭଉଣୀର ଅନାବିଳ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଏଥିରେ ଅବତାରଣା କରାଯାଇଛି। ଭଉଣୀ ଭୂମିକାରେ ରଶ୍ମିପ୍ରଭା ସାହୁ ଓରଫ ମାମା, ଭାଇ ଚରିତ୍ରରେ ଓଡ଼ିଆ ଅପେରା ଜଗତର ବିଶିଷ୍ଟ ଅଭିନେତା ତଥା ଅଲ୍‌ରାଉଣ୍ଡର ବାପି ପଣ୍ଡା ଏବଂ ଅନ୍ୟ କଳାକାରଙ୍କ ନିଖୁଣ ଅଭିନୟ ନାଟକଟିକୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ତେବେ ଏଭଳି ଏକ ଚରିତ୍ର ବିଷୟରେ ମାମା କହନ୍ତି, ''ଏଥିରେ ମୋ ଚରିତ୍ର ତିନୋଟି ପର୍ଯ୍ୟାୟରେ ଗତି କରୁଛି। ପ୍ରଥମେ ଡନ୍, ତା'ପରେ ଭଉଣୀ ଆଉ ଶେଷରେ ନିର୍ଯାତିତା ହେଉଥିବା ଜଣେ ମହିଳା। ପୁଣି ତିନୋଟି ପର୍ଯ୍ୟାୟରେ ସଂଳାପ ମଧ୍ୟ ଭିନ୍ନ ଭିନ୍ନ। ତେଣୁ ଏପରି ଏକ ଡ୍ରିମ୍ ରୋଲ୍‌କୁ ଦର୍ଶକ ଗ୍ରହଣ କରି ଯେଉଁ ଅଜସ୍ର ଭଲପାଇବା ମୋ ଉପରେ ଅଜାଡ଼ି ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ। ଏହି ନାଟକ ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ଆଣିଛି ବୋଲି କହିବି।'' ୨୦୦୫ରୁ ସାତଶଙ୍ଖ ଅପେରାରେ ଜଣେ ରେକର୍ଡ ଡ୍ୟାନ୍‌ସର ଭାବରେ କ୍ୟାରିୟର ଆରମ୍ଭ କରନ୍ତି ମାମା। ତା'ପରେ ଶିଶୁ କଳାକାର ଏବଂ ପାର୍ଶ୍ୱନାୟିକା ସାଜିବା ପରେ ଗୌରୀ ଗଣନାଟ୍ୟର 'ସ୍ୱାମୀର ସିନ୍ଦୂର ସତ ଲାଗୁନି'ରୁ ଆରମ୍ଭ ହୁଏ ତାଙ୍କର ନାୟିକା ଜୀବନ। ବାସ୍ ତା'ପରେ କୋଣାର୍କ ଗଣନାଟ୍ୟ, ରଙ୍ଗମହଲ, କଳିଙ୍ଗ ଗଣନାଟ୍ୟ, ଦୁର୍ଗା ମନ୍ଦିରରେ ନିଜ ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି ଏହି ଆଗଧାଡ଼ିର ନାୟିକା। ଆସନ୍ତା ଯାତ୍ରା ସିଜନରେ ମଧ୍ୟ ବାପି-ମାମା ଯୋଡ଼ିକୁ ଦର୍ଶକ ପୁଣି ଥରେ ଅପେରା ରାଜଦରବାରରେ ଦେଖିବାକୁ ପାଇବେ। ମାମାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ହେଲା-ଅଧେ ତୋର ଅଧେ ମୋର, ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି, ମୁଁ ସେଇ ଭଦ୍ରିକିଆ ଟୋକା, କାନ୍ଦେନା ଲୁହ ସରିଯିବ, ବାଜିବ ସାହାନାଇ ତୋରି ପାଇଁ ଏବଂ କାନ୍ଦେନାରେ ବାଇଆ ମନ।


ମାମା

# ଶାକାହାରୀ ହେବା ଅନ୍ତରାଳେ..


ତମନ୍ନା

ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ତମନ୍ନା ଭାଟିଆ ବେଶ୍ ପରିଚିତ। ସେ ତାଙ୍କର ଅଭିନୟ ଜୀବନ କେବେ ଆରମ୍ଭ କଲେ ଜାଣନ୍ତି ? ସେତେବେଳେ ତାଙ୍କୁ ମାତ୍ର ୧୫ ବର୍ଷ ବୟସ ହୋଇଥିଲା। ସେ ଜଣେ ସମ୍ପୂର୍ଣ୍ଣ ଶାକାହାରୀ ବା ଭେଜିଟେରିଆନ୍। ହେଲେ ଏହା ପଛରେ ଏକ କାରଣ ରହିଛି। କଥା କ'ଣ କି ଏକଦା ତାଙ୍କର ପେଟ୍ ଡଗ୍ 'ପିବେଲ୍' ନନ୍‌ଭେଜ୍ ଖାଇବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଲା। ଏହା ଦେଖି ବିଚଳିତ ହୋଇପଡ଼ିଥିଲେ ତମନ୍ନା। ଆଉ ତା'ପରେ ସାରା ଜୀବନ କେବେ ଆମିଷ ଖାଇବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ପିଲାଦିନେ ମଡେଲିଂ ସହ ଜଡ଼ିତ ଥିଲେ ଏହି ଅଭିନେତ୍ରୀ। ତା'ପରେ କେତୋଟି ମ୍ୟୁଜିକ ଆଲ୍‌ବମ୍‌ରେ ଅଭିନୟ କରିଥିଲେ। ତମନ୍ନାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚାନ୍ଦ ସା ରୋଶନ ଚେହେରା' (୨୦୦୫)। ଠିକ୍ ସେହିବର୍ଷ ସେ ଅଭିନୟ କରିଥିବା ପ୍ରଥମ ତେଲୁଗୁ ଫିଲ୍ମ 'ଶ୍ରୀ' ମଧ୍ୟ ପରଦା ଉପରକୁ ଆସିଥିଲା।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୨/୨୦୨୬ Bhubaneswar, Thursday, February 12/ 2026




ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ବେଲଜିୟମ ବିପକ୍ଷ ଏଫଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଗୋଲ ସ୍କୋର କରୁଛନ୍ତି ଭାରତୀୟ ଦଳର ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା (ବାମ)। ଏହି ମ୍ୟାଚରେ ବେଲ୍‌ଜିୟମ ୩-୧ ଗୋଲରେ ବିଜୟୀ ହୋଇଛି।

# ଡବଲ ସୁପର ଓଭର ରୋମାଞ୍ଚ

**ଅହମଦାବାଦ,୧୧।୨(ପି.ଟି.)**

ବୁଧବାର ପୂର୍ବାହ୍ନରେ ଖେଳାଯାଇଥିବା ଏକ ରୋମାଞ୍ଚକ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସୁପର ଓଭରରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହା ଚଳିତ ଟି୨୦ ବିଶ୍ୱକପ୍‌ର ପ୍ରଥମ ସୁପର ଓଭର ଥିଲା। ଏହା ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ବିଜୟ ଥିବାବେଳେ କ୍ରମାଗତ ଦ୍ୱିତୀୟ ପରାଜୟ ସହ ଆଫଗାନିସ୍ତାନର ସୁପର-୮ ପର୍ଯ୍ୟାୟରେ ଖେଳିବା ଆଶା ପ୍ରାୟତଃ ଶେଷ ହୋଇଛି।

ରିଆନ ରିକଟଲନ (୨୮ ବଲରେ ୬୧) ଓ କ୍ୱିଣ୍ଟନ ଡି କକ୍ (୪୧ ବଲରେ ୫୯)ଙ୍କ ଶତକୀୟ ଭାଗୀଦାରି ବଳରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୬ ଉଇକେଟରେ ୧୮୭ ରନ କରିଥିଲା।

## ଆଫଗାନିସ୍ତାନକୁ ହରାଇଲା ଦକ୍ଷିଣ ଆଫ୍ରିକା

ଜବାବରେ ରହମାନୁଲା ଗୁରବାଜଙ୍କ ୪୨ ବଲରେ ୮୪ (୪ ଚୌକା ଓ ୭ ଛକା) ଓ ଲୋୟର ଅର୍ଡର ବ୍ୟାଟରଙ୍କ ସହାୟତାରେ ଆଫଗାନିସ୍ତାନ ୧୯ ଓଭର ସୁଦ୍ଧା ୯ ଉଇକେଟ ହରାଇ ୧୭୫ ରନ କରିଥିଲା। ଅନ୍ତିମ ଓଭର ବୋଲିଂ କରିଥିବା କାଗିସୋ ରାବାଡା ପ୍ରଥମ ବଲରେ ନୂର ଅହମଦଙ୍କୁ କଭର ଅଞ୍ଚଳରେ କ୍ୟାଚ୍ ଆଉଟ୍ କରାଇଥିଲେ। ହେଲେ ବଲଟି ନୋ-ବଲ ଥିବାରୁ ନୂରଙ୍କୁ ଜୀବନ ଦାନ ମିଳିଥିଲା। ସେ ଓଭରର ଦ୍ୱିତୀୟ ବଲରେ ଛକା ମାରିବା ପରେ ଚତୁର୍ଥ ବଲରେ ୨ ରନ ନେଇଥିଲେ। ଏହି ବଲଟି ମଧ୍ୟ ନୋ-ବଲ ଥିବାରୁ ଆଫଗାନିସ୍ତାନକୁ ଜିତିବା ପାଇଁ ୩ ବଲରେ ୨ ରନର ଆବଶ୍ୟକତା ଥିଲା। ରାବାଡାଙ୍କ ଚତୁର୍ଥ ବଲରେ ୨ ରନ ନେଉଥିବା ବେଳେ ଫାଜଲହକ ଫାରୁକି ନନ୍ ଷ୍ଟ୍ରାଇକର ଏଣ୍ଡରେ ରନ ଆଉଟ୍ ହୋଇଥିଲେ। ଫଳରେ ୧୯.୪ ଓଭରରେ ଆଫଗାନିସ୍ତାନ ୧୮୭ ରନରେ ଅଲଆଉଟ୍ ହୋଇଯାଇଥିଲା।

ପ୍ରଥମ ସୁପର ଓଭରରେ ଅଜମତୁଲା ଓମାରଜାଇଙ୍କ ୨ ଚୌକା ଓ ୧ ଛକା ବଳରେ ଆଫଗାନିସ୍ତାନ ୧୭ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପାଇଁ ଦ୍ୱିତୀୟ ବଲରେ ଡେୱାଲ୍ଡ ବ୍ରେଭିସ ୬ ମାରିବା ପରେ ତୃତୀୟ ବଲରେ ଆଉଟ୍ ହୋଇଥିଲେ। ଚତୁର୍ଥ ବଲରେ ଷ୍ଟବ୍ସ ଚୌକା ମାରିଥିବା ବେଳେ ପଞ୍ଚମ ବଲରେ କୌଣସି ରନ କରିପାରି ନ ଥିଲେ। ହେଲେ ଫାରୁକିଙ୍କ ଅନ୍ତିମ ବଲରେ ଛକା ମାରି ଷ୍ଟବ୍ସ ମ୍ୟାଚ୍‌କୁ ପୁଣି ଥରେ ଟାଇ କରିଥିଲେ। ଦ୍ୱିତୀୟ ସୁପର ଓଭରରେ ଷ୍ଟବ୍ସଙ୍କ ଗୋଟିଏ ଓ ଡେଭିଡ୍ ମିଲରଙ୍କ ଦୁଇଟି ଛକା ଯୋଗୁ ଦକ୍ଷିଣ ଆଫ୍ରିକା ୨୩ ରନ କରିଥିଲା। ଜବାବରେ ମହମ୍ମଦ ନବି ଦ୍ୱିତୀୟ ବଲରେ ବିନା ରନରେ ଆଉଟ୍ ହୋଇଥିଲେ। ବଳକା ୪ ବଲରେ ୨୪ ରନ ଦରକାର ଥିବାବେଳେ ଗୁରବାଜ ଲଗାତର ୩ ବଲରେ ଛକା ମାରି ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। ମାତ୍ର ଅନ୍ତିମ ବଲରେ ସେ କ୍ୟାଚ୍ ଆଉଟ୍ ହୋଇଥିଲେ।




ଉଇକେଟ ନେବାପରେ ଲୁନ୍‌ଗି ଏନ୍‌ଗିଡିଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୮୭/୬(ରିଆନ ରିକଲଟନ-୬୧, କ୍ୱିଣ୍ଟନ ଡି କକ୍-୫୯, ଅଜମତୁଲା ଓମାରଜାଇ-୩/୪୧, ରଶିଦ ଖାନ-୨/୨୮)। ଆଫଗାନିସ୍ତାନ: ୧୯.୪ ଓଭରରେ ୧୮୭/ଅଲଆଉଟ୍(ରହମାନୁଲା ଗୁରବାଜ-୮୪, ରଶିଦ ଖାନ-୨୦, ନୂର ଅହମଦ-୧୫*, ଲୁଙ୍ଗି ଏନ୍‌ଗିଡି-୩/୨୬)।

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭାରତକୁ ହରାଇଲା ବେଲଜିୟମ

**ରାଉରକେଲା,୧୧।୨(ସଙ୍ଗୀତା ଜେନା)**

ରାଉରକେଲା ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ ୩-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ମ୍ୟାଚ୍‌ରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ, ଏସିଆନ ହକି ଫେଡେରେଶନର ଉପସଭାପତି ତଥା ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳନାଥ ଯାଦବ, କୋଷାଧ୍ୟକ୍ଷ ଶେଖର ଜେ. ମନମୋହନ, ରାଉରକେଲା ଏଡିଏମ୍ ଦିନା ଦସ୍ତଗିର, ଡିଏସ୍‌ୱାଇଏସ୍ ଉପସମ୍ପାଦକ ସୌମ୍ୟ ସ୍ୱର୍ଥଜ ମିଶ୍ର, ପଦ୍ମଚରଣ ସାହୁ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର୍. କେ. ଶ୍ରୀବାସ୍ତବ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ପ୍ରଥମରୁ ଉଭୟ ଦଳ ରକ୍ଷଣାତ୍ମକ ରଣନୀତି ଆପଣେଇଥିଲେ। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ୨ୟ କ୍ୱାର୍ଟରର ୨୩ତମ ମିନିଟରେ ଓନାନା ନେଲସନ ଗୋଲ ସ୍କୋର କରି ବେଲଜିୟମ୍‌କୁ ୧-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଜବାବରେ ୨୯ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଓଡ଼ିଶାର ଶିଳାନନ୍ଦ ଲାକ୍ରା ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ଲାଇନ ୧-୧ରେ ବରାବର ରହିଥିଲା। ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଚତୁର୍ଥ କ୍ୱାର୍ଟରରେ ୫୩ତମ ମିନିଟ୍‌ରେ ବେଲଜିୟମ ପାଇଁ ଥୋମାସ କ୍ରୋଲ୍ସ ଗୋଲ ଦେଇଥିଲେ। ଏହାର ୪ ମିନିଟ୍ ପରେ ଭାନ ଡିଜେଲ ଆର୍ଣ୍ଡେ (୫୭ତମ) ବେଲଜିୟମ ଲାଗି ତୃତୀୟ ଗୋଲ କରିଥିଲେ।

## ଅଷ୍ଟ୍ରେଲିଆର ସହଜ ବିଜୟ

**କଲମ୍ବୋ,୧୧।୨(ପି.ଟି.):** ଚଳିତ ଟି୨୦ ବିଶ୍ୱକପ୍‌ରେ ବୁଧବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬୭ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ଦ୍ୱାରା ପ୍ରଦତ୍ତ ୧୮୩ ରନର ଟାର୍ଗେଟକୁ ପିଛା କରି ଆୟର୍ଲାଣ୍ଡ ୧୬.୫ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଥିଲା। ଏହା ଅଷ୍ଟ୍ରେଲିଆର ପ୍ରଥମ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟରେ ୧୮୨ ରନ୍ କରିଥିଲା। ଦଳ ପାଇଁ ମାର୍କସ ଷ୍ଟୋଇନିସ ୪୫ (୨ ଚୌକା ଓ ୧ ଛକା), ଜୋଶ ଇଙ୍ଗଲିସ ୩୭ (୬ ଚୌକା ଓ ୧ ଛକା) ଓ ମ୍ୟାଟ୍ ରେନଶ ୩୭ (୨ ଚୌକା) ରନ କରିଥିଲେ। ଜବାବରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଆୟର୍ଲାଣ୍ଡ ୧୬.୫ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଯାଇଥିଲା।

# ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ଡବଲ ବ୍ରୋଞ୍ଜ

## ଶୁଟିଂ ରେଞ୍ଜରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମକ




**ଭୁବନେଶ୍ୱର, ୧୧।୨ (ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ଶୁଟିଂରେ ଓଡ଼ିଶା ଶୁଟରମାନେ କ୍ରମେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ରାଜ୍ୟର ଶୁଟିଂ ସେନସେଶନ ଶ୍ରୀୟଙ୍କା ଷଡ଼ଙ୍ଗୀ ନେଦରଲାଣ୍ଡ୍ସର ହେଗ୍‌ଠାରେ ଅନୁଷ୍ଠିତ ଇଣ୍ଟର ଶୁଟ୍ ଶୁଟିଂ ପ୍ରତିଯୋଗିତାରେ ଚମକ ଦେଖାଇଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ୨ଟି ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସ୍ଥିର ପ୍ରଦର୍ଶନ କରି ଆସୁଥିବା ଶ୍ରୀୟଙ୍କା କ୍ୱାଲିଫିକେଶନ ରାଉଣ୍ଡରେ ୬୩୨.୩ ପଏଣ୍ଟ ସ୍କୋର କରି ନିଜ ଦକ୍ଷତା ମଧ୍ୟ ପ୍ରତିପାଦନ କରିଛନ୍ତି। ସମ୍ବଲପୁର ମୋଦିପଡ଼ାର ଶ୍ରୀୟଙ୍କା ସମ୍ପ୍ରତି ଭାରତୀୟ ଶୁଟିଂ ଟିମ୍ ସହ ନୂଆଦିଲ୍ଲୀରେ ଟ୍ରେନିଂ ନେଉଛନ୍ତି। ପ୍ରକାଶଯୋଗ୍ୟ ଯେ, ନିକଟରେ ଓଡ଼ିଶାର ମାନ୍ୟତା ସିଂ ଏସୀୟ ଶୁଟିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିଲେ। ନୂଆଦିଲ୍ଲୀର କର୍ଣ୍ଣି ସିଂ ଶୁଟିଂ ରେଞ୍ଜରେ ଆୟୋଜିତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ୧୦ ମିଟର ଏୟାର୍ ରାଇଫଲ୍ ଜୁନିୟର ମହିଳା ବର୍ଗରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଏସୀୟ ଶୁଟିଂ ଚାମ୍ପିୟନଶିପ୍‌ରେ ମାନ୍ୟତା ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ମାନ୍ୟତା କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଆଦିତ୍ୟ ବିର୍ଲା-ଗଗନ୍ ନାରାଙ୍ଗ ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟରରେ ଓଟିଏପି (ଓଡ଼ିଶା ଟ୍ୟାଲେଣ୍ଟ ଆଡପ୍ସନ ପ୍ରୋଗ୍ରାମ) ଯୋଜନା ଅଧୀନରେ ୨୦୨୦ରୁ ପ୍ରଶିକ୍ଷଣ ନେଉଛନ୍ତି।

# ନଜରୁଲଙ୍କ ୟୁ-ଟର୍ନ: ଖେଳାଳି, ବିସିବି ଭାରତରେ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ

**ଢାକା,୧୧।୨(ପି.ଟି.)**

ଭାରତରେ ସୁରକ୍ଷା କାରଣରୁ ଟି୨୦ ବିଶ୍ୱକପ୍ ଖେଳିବାକୁ ମନା କରିଥିବା ବାଂଲାଦେଶର ସ୍ପୋର୍ଟ୍ସ ଆଡ୍‌ଭାଇଜର ଅସିଫ ନଜରୁଲ ନିଜେ ଦେଇଥିବା ବୟାନରୁ ୟୁ-ଟର୍ନ ନେଇଛନ୍ତି। ସେ ଏବେ କହିଛନ୍ତି ଯେ, ଜାତୀୟ ସମ୍ମାନ ରକ୍ଷା କରିବା ପାଇଁ ଖେଳାଳି ଓ କ୍ରିକେଟ ବୋର୍ଡ ଭାରତରେ ବିଶ୍ୱକପ୍ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ହେବାକୁ ଥିବା ମ୍ୟାଚ୍‌କୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ପରେ ବାଂଲାଦେଶ ବଦଳରେ ସ୍କଟଲାଣ୍ଡକୁ ଟି୨୦ ବିଶ୍ୱକପ୍‌ରେ ସାମିଲ କରାଯାଇଥିଲା। ତେବେ ଭାରତରେ ନ ଖେଳିବାକୁ ବିସିବି ଦାବି ରଖିବା ପରେ ଆଇସିସି ସହ ଆଲୋଚନା ବେଳେ ନଜ୍ରୁଲ ଜିଦ୍‌ରେ ଅଟଳ ରହିଥିଲେ। ବିଶ୍ୱକପ୍ ନ ଖେଳିଥିବାରୁ ଆମେ କୌଣସି ପଶ୍ଚାତ୍ତାପ କରୁ ନାହୁଁ। ବିସିବି ଓ ଖେଳାଳିମାନେ ଏହି ନିଷ୍ପତ୍ତି ନେଇଥିଲେ। ସେମାନେ ଦେଶବାସୀ, ଜାତୀୟ ସମ୍ମାନ ରକ୍ଷା ଓ ଦେଶର କ୍ରିକେଟକୁ ସୁରକ୍ଷିତ ରଖିବା ଲାଗି ବଳିଦାନ ଦେଇଥିଲେ ବୋଲି ଅସିଫ କହିଛନ୍ତି।

## ହସ୍ପିଟାଲରୁ ଫେରିଲେ ଅଭିଷେକ

**ନୂଆଦିଲ୍ଲୀ,୧୧।୨(ପି.ଟି.):** ଗତ ଦୁଇଦିନ ହେଲା ପେଟଜନିତ ସଂକ୍ରମଣ କାରଣରୁ ହସ୍ପିଟାଲରେ ଭର୍ତ୍ତି ଥିବା ଭାରତୀୟ ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କୁ ବୁଧବାର ଡିସ୍‌ଚାର୍ଜ କରାଯାଇଛି। ହେଲେ ନାମ୍ବିୟା ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଖେଳିବାକୁ ନେଇ ଏବେ ବି ସନ୍ଦେହ ରହିଛି। ତାଙ୍କ ସମ୍ପର୍କରେ ତାଙ୍କ ସାଥୀ ତିଲକ ବର୍ମା ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଭିଷେକଙ୍କୁ ବୁଧବାର ଡିସ୍‌ଚାର୍ଜ କରାଯାଇଛି। ନାମ୍ବିୟା ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ନିଆଯାଇ ନାହିଁ। ଅଭିଷେକ ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ।

# ବିହାରିଲାଲ ସ୍ମାରକୀ କ୍ରିକେଟ ୧୯ରୁ

**ପୁରୁଣା ଭୁବନେଶ୍ୱର, ୧୧।୨ (ସୁବାସ ଚନ୍ଦ୍ର ପ୍ରଧାନ)**

## ସିନିୟର ଓ ଭେଟେରାନ ବର୍ଗରେ ହେବ ଟୁର୍ନାମେଣ୍ଟ

ବିହାରିଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ପୋଖରୀପୁଟସ୍ଥିତ ବିହାରୀଲାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ ୨୭ତମ ବିହାରୀଲାଲ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ। ଏଥିରେ ରାଜ୍ୟର ପ୍ରତିଷ୍ଠିତ ୧୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ସିନିୟର ଏବଂ ଭେଟେରାନ ବର୍ଗରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୧୦ ଓଭର ଫର୍ମାଟରେ ଲେଦର ବଲରେ ଖେଳାଯିବ। ସିନିୟର ବର୍ଗରେ ରାମେଶ୍ୱର, ପ୍ରଗତି, ପାରାମାଉଣ୍ଟ, ଏମ୍‌ସିସି, ଜାଗୃତି, ସହିଦ ସ୍ପୋର୍ଟିଂ, କିଶୋର ଓ ମହାବୀର କ୍ଲବ ଅଂଶଗ୍ରହଣ କରିବେ। ସେହିପରି ଭେଟେରାନ ବର୍ଗରେ ପୁରୀର ମହାବୀର ଓ ପାୟୋନିୟର, ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ, ଏମ୍‌ସିସି, କିଶୋର ଓ ବିହାରିଲାଲ ଏବଂ ନିମାପଡ଼ା ଓ ଯଦୁପୁର ଦଳ ଭାଗନେବେ।

ଟୁର୍ନାମେଣ୍ଟ ଲାଗି କୌଣସି ଏଣ୍ଟ୍ରି ଫି ରଖାଯାଇନାହିଁ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦,୦୦୦ ଏବଂ ରନରଅପ୍‌କୁ ଟ୍ରଫି ଏବଂ ୩୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଆୟୋଜକ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି। ଫାଇନାଲ ୧୦ ଓଭର ପରିବର୍ତ୍ତେ ୧୦୧ ବଲ ବିଶିଷ୍ଟ ହେବ। ସେଥିରୁ ଛଅଟି ବଲ ଫ୍ରିହିଟ୍ ରହିବ ବୋଲି ପ୍ରକାଶ କରାଯାଇଛି। ଏହି ଅବସରରେ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଟିମ୍‌ର ଜର୍ସି ଉନ୍ମୋଚନ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ବିହାରୀ ଲାଲ ସ୍ପୋର୍ଟ୍ସ ଟ୍ରଷ୍ଟର ସଦସ୍ୟ ମନୋଜ ପାତ୍ର, ତାପସ ଦଳେଇ, ତୋଫାନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

# ଭାରତ ଆଜି ନାମ୍ବିୟାକୁ ଭେଟିବ

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ଗୁରୁବାର ନାମ୍ବିୟା ବିପକ୍ଷରେ ଖେଳିବ। ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ହେବାକୁଥିବା ଏହି ମ୍ୟାଚ ଲାଗି ଡିଫେଣ୍ଡିଂ ଚାମ୍ପିୟନ ଭାରତ କ୍ଲିୟର ଫେଭରାଇଟ ଥିବାବେଳେ ଓପନର ଅଭିଷେକ ଶର୍ମାଙ୍କ ଅସୁସ୍ଥ ଅବସ୍ଥା ଘରୋଇ ଦଳଲାଗି ଏକମାତ୍ର ଚିନ୍ତାର କାରଣ ରହିଛି। ଜ୍ୱର ସହ ପାକସ୍ଥଳିରେ ସଂକ୍ରମଣ ଯୋଗୁ ସେ ଆସନ୍ତା ମ୍ୟାଚରେ ଖେଳିବା ନେଇ ସନ୍ଦେହ ରହିଛି। ଗ୍ରୁପ୍ 'ଏ'ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଆମେରିକାକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଅଧିନାୟକ ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ୮୪ ରନ ସହାୟତାରେ ଭାରତ ସମ୍ମାନଜନକ ସ୍କୋର କରିଥିଲା ଏବଂ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ୨୯ ରନରେ ବିଜୟ ହାସଲ କରିଥିଲା। ଆସନ୍ତା ୧୫ ତାରିଖରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ହାଇଭୋଲଟେଜ ମ୍ୟାଚ ପୂର୍ବରୁ ନାମ୍ବିୟା ବିପକ୍ଷରେ ନିଜ ବ୍ୟାଟିଂ ବିଭାଗକୁ ସଜାଡ଼ିବାକୁ ଚାହିଁବ ଟିମ୍ ଇଣ୍ଡିଆ। ତେଣୁ ଟସ୍ ଜିତିଲେ ସୂର୍ଯ୍ୟକୁମାର ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିପାରନ୍ତି।

ନାମ୍ବିୟା ଏହାର ପ୍ରଥମ ମ୍ୟାଚରେ ନେଦରଲାଣ୍ଡ୍ସ ନିକଟରୁ ୭ ଉଇକେଟରେ ପରାସ୍ତ ହୋଇଛି। ଦଳର କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରି ନ ଥିଲାବେଳେ ବୋଲିଂ ଅତ୍ୟନ୍ତ ପ୍ରଭାବହୀନ ରହିଥିଲା। ତେଣୁ ମ୍ୟାଚରେ ହୋଇଥିବା ତ୍ରୁଟିକୁ ସୁଧାରି ଏହି ଆଫ୍ରିକୀୟ ଦଳ ପଡ଼ିଆକୁ ଓହ୍ଲାଇବାକୁ ଚେଷ୍ଟା କରିବ। ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା କୌଣସି ଦଳକୁ କେବେହେଲେ ହାଲ୍‌କାଭାବେ ନେଇ ହେବନାହିଁ। ତେଣୁ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ ଭାରତକୁ ଅନେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଆଗକୁ ପାକିସ୍ତାନ ବିପକ୍ଷ ମ୍ୟାଚ ଆସୁଥିବାରୁ ଟିମ୍ ମ୍ୟାନେଜମେଣ୍ଟ ରିସ୍କ ନ ନେଇ ଅଭିଷେକଙ୍କୁ ବିଶ୍ରାମ ଦେବାକୁ ପସନ୍ଦ କରିବା ସମ୍ଭାବନା ଅଧିକ। ଏ କ୍ଷେତ୍ରରେ ସଞ୍ଜୁ ସାମସନଙ୍କୁ ନିଜ ଦକ୍ଷତା ପ୍ରତିପାଦନ ପାଇଁ ଆଉ ଏକ ସୁବର୍ଣ୍ଣ ସୁଯୋଗ ଆସିବ। "ସଞ୍ଜୁ ଜଣେ ଭଲ ଖେଳାଳି। ସେଥିପାଇଁ ତାଙ୍କୁ ବିଶ୍ୱକପ ଟିମ୍‌ରେ ରଖାଯାଇଛି। ସେ ଉତ୍ତମ ଟ୍ରେନିଂ କରିଛନ୍ତି। ଆମେ ତାଙ୍କଠାରୁ କ'ଣ ଆଶା କରୁଛୁ ତାହାକୁ ସେ ଭଲଭାବେ ବୁଝିଛନ୍ତି" ବୋଲି ମ୍ୟାଚପୂର୍ବ ଖବରଦାତା ସମ୍ମିଳନୀରେ ସହକାରୀ କୋଚ୍ ର୍ୟାନ ଟେନ୍ ଡୋଏସ୍କେଟ ପ୍ରକାଶ କରିଛନ୍ତି।

ନାମ୍ବିୟା ଦଳର ଟପ୍-୬ ବ୍ୟାଟରଙ୍କ ମଧ୍ୟରୁ କେବଳ ଅଲ୍‌ରାଉଣ୍ଡର ଜେ.ଜେ. ସ୍ମିଟଙ୍କ ଷ୍ଟ୍ରାଇକ୍‌ହାର ୧୪୦ ଉପରେ ରହିଛି। ତେଣୁ ଭାରତର ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସମ୍ମୁଖୀନ ହେବା ଏମାନଙ୍କପାଇଁ ସହଜ ହେବନାହିଁ। ଲଇଗ୍ ପର୍ଯ୍ୟାୟ ପରେ ସୁପର-୮ରୁ ପ୍ରକୃତ ପରୀକ୍ଷା ଆରମ୍ଭ ହେବ। ତେଣୁ ତା' ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଦୁର୍ବଳ ଦଳ ଗୁଡ଼ିକ ବିପକ୍ଷରେ ପରୀକ୍ଷା ନିରିକ୍ଷା କରି ଭାରତ ଆଗାମୀ ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ନିଶ୍ଚିତ ଚେଷ୍ଟା କରିବ।




ନେଟ୍ସରେ ଅଭ୍ୟାସ ଅବସରରେ ସଞ୍ଜୁ ସାମସନ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଶ୍ରୀଲଙ୍କା ବନାମ ଓମାନ**
ସ୍ଥାନ: ପାଲିକେଲେ,
ସମୟ: ପୂର୍ବାହ୍ନ ୧୧ଟା

**ନେପାଳ ବନାମ ଇଟାଲି**
ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ନାମ୍ବିୟା**
ସ୍ଥାନ: ଦିଲ୍ଲୀ,
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ